

ନବରାତ୍ର ଉପଚାର
ମା'ଙ୍କ ଚନ୍ଦ୍ରଘଣ୍ଟା ବେଶ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ♦ISSUE-111 ♦WEDNESDAY ♦14 OCTOBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୧୧ ♦ବୁଧବାର ♦୧୪ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଇଣ୍ଡିଆ ମେଣ୍ଟର 'ମିସନ ଜ୍ଞାନେଶ'

ଇଣ୍ଡିଆ ମେଣ୍ଟ ଏବଂ ସାମାଜିକ କର୍ମୀ ଏକାଠି

ଆନ୍ଦୋଳନ ନିମନ୍ତେ ଗୋପନ ରଣନୀତି ପ୍ରସ୍ତୁତ

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନ ମତଭେଦ ପରେ ସାରା ଦେଶରେ ସିଇସିଙ୍କ ବିରୋଧରେ ସୃଷ୍ଟି ହୋଇଛି ଆକ୍ରୋଶ। ବିରୋଧୀ ଇଣ୍ଡିଆ ମେଣ୍ଟ, କକ୍ରୋଜ୍ ଜନତା ପାର୍ଟି, ବିଭିନ୍ନ ସାମାଜିକ ସଂଗଠନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ଯେ ପର୍ଯ୍ୟନ୍ତ ସିଇସି ନିଜ ପଦବୀରୁ ଇସ୍ତଫା ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବିରୋଧୀ ଇଣ୍ଡିଆ ମେଣ୍ଟ ଘୋଷଣା କରିଛି। ଗତ ଏକ ସପ୍ତାହ ମଧ୍ୟରେ ଇଣ୍ଡିଆ ମେଣ୍ଟର ସଦସ୍ୟ, ରାଜନୈତିକ ଦଳଗୁଡିକ କ୍ରମାଗତ ଭାବରେ ଦିଲ୍ଲୀରେ ଆନ୍ଦୋଳନ ଜାରି ରଖିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଯନ୍ତରମନ୍ତର ପ୍ରତିବାଦ, ନିର୍ବାଚନ ▶ପୃଷ୍ଠା-୭

ସିଇସିଙ୍କ ଇସ୍ତଫା ଯାଏ ଲଢ଼େଇ: ରାହୁଲ

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆମେ ଏକାଠି ଅଛୁ। ଆମର ଆନ୍ଦୋଳନ ମିଳିତ ଭାବେ ଚାଲିଛି। ଆମର ଉଦ୍ଦେଶ୍ୟ ହେଉଛି ଗୋଟିଏ। ତାହା ହେଲା ଗଣତନ୍ତ୍ରର ସୁରକ୍ଷା। ସେ କହିଲେ ଯେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

ଆଜି ରାହୁଲଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ନେତାମାନେ ଏକାଠି ହୋଇ ସରକାର ଏବଂ ନିର୍ବାଚନ କମିସନରଙ୍କ ▶ପୃଷ୍ଠା-୭

ପୂର୍ବରୁ ହାରୁଥିଲେ, ଆଗକୁ ବି ହାରିବେ: ଶାହ

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍‌ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଆନ୍ଦୋଳନ ଚଳାଇଥିବା ବେଳେ ଏହି ଘଟଣାରେ ରାହୁଲ ଗାନ୍ଧୀଙ୍କୁ ଘେରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ଆସନ୍ତା ୨୦୨୯ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିରୋଧୀ ମେଣ୍ଟର ଶୋଚନୀୟ ପରାଜୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଏବଂ ଏନଡିଏ ପ୍ରତି ଲୋକମାନଙ୍କର ଆସ୍ଥା ରହିଛି ଏବଂ ଏହି ମେଣ୍ଟ ପୁଣି ବିଜୟୀ ହେବ। ସେ କହିଲେ ଯେ କଂଗ୍ରେସ ନକରାତ୍ମକ ରାଜନୀତି କରୁଛି ଏବଂ ଏହା ବିରୋଧୀ ମେଣ୍ଟକୁ କୌଣସି ଫାଇଦା ଦେବ ନାହିଁ। ▶ପୃଷ୍ଠା-୭

ଦୀପାବଳି ପରେ ୟୁପିଆଇ ଶୁଳ୍କ

ଅକ୍ଟୋବର ୧୫ ତାରିଖରୁ ଲାଗୁ ପାଇଁ ହୋଇଥିଲା ଘୋଷଣା

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଶେଷରେ ନଇଁଲେ କେନ୍ଦ୍ର ସରକାର। ୟୁପିଆଇ ପେମେଣ୍ଟ ଉପରେ ମର୍ଚ୍ଚାଣ୍ଟ ଫି' ପ୍ରସଙ୍ଗରେ ସାରା ଦେଶରେ ତୀବ୍ର ବିରୋଧକୁ ନଜରରେ ରଖି କେନ୍ଦ୍ର ସରକାର ୟୁପିଆଇ ପେମେଣ୍ଟରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍(ଏମ୍ଡିଆର୍) ଚାର୍ଜ କାର୍ଯ୍ୟକାରିତାକୁ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି। ଶେଷରେ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪ % ଏମ୍ଡିଆର୍ ଫି' ଲାଗୁ ନିଷ୍ପତ୍ତିକୁ ଦୀପାବଳି ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛି। ସୂଚନାଯୋଗ୍ୟ ଯେ, ଏହି ଫି' ଅକ୍ଟୋବର ୧୫ରୁ ଲାଗୁ ହେବାର ଥିଲା। ପାର୍ବଣ ସମୟରେ ଗ୍ରାହକ ଏବଂ ବ୍ୟବସାୟୀଙ୍କ ଉପରେ ଯେମିତି ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବ ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପାର୍ବଣ ସମୟରେ ବ୍ୟବସାୟ କାରବାର ଭଲ ରହିଥାଏ। ତେଣୁ ବ୍ୟବସାୟୀ ସଂଗଠନ ଫିଟନେକ୍ ଏବଂ ପେମେଣ୍ଟ କମ୍ପାନୀ ଏହି ଫି' ଲାଗୁ ନିଷ୍ପତ୍ତି ଘୁଞ୍ଚାଇବାକୁ ବାରମ୍ବାର ଦାବି କରିଆସୁଥିଲେ। ସେମାନଙ୍କ କହିବା କଥା ଏମ୍ଡିଆର୍‌ର ଅଲଗା ଅଲଗା ଦର ଏବଂ ନିୟମକୁ ନେଇ ଆହୁରି ସ୍ୱଷ୍ଟତା ଜରୁରୀ। ଏପରିକି ବ୍ୟବସାୟୀ ମହଲରେ ଏହି ଡର ▶ପୃଷ୍ଠା-୭

ରାଜ୍ୟସଭା ଓ କେନ୍ଦ୍ରମନ୍ତ୍ରୀ ପଦରୁ ମୁରୁଗାନଙ୍କ ଇସ୍ତଫା

ବଢ଼ିଲା କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଆଜି ଅଚାନକ ଇସ୍ତଫା ପ୍ରଦାନ କରିଛନ୍ତି ଏଲ. ମୁରୁଗାନ। କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ସହିତ ସଂସଦୀୟ ବ୍ୟାପାର ବିଭାଗରେ ରାଷ୍ଟ୍ର ମନ୍ତ୍ରୀ ଥିବା ମୁରୁଗାନ ରାଜ୍ୟସଭାର ସଭ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିବା ପତ୍ରରେ ତାଙ୍କୁ ଦାୟିତ୍ୱମୁକ୍ତ କରିବା ଲାଗି ଅନୁରୋଧ କରିଛନ୍ତି ମୁରୁଗାନ। ସେ କହିଛନ୍ତି ଯେ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ସଂପୂର୍ଣ୍ଣ ସମୟ ଦେବେ। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ପାର୍ଟିକୁ ସେ ସୁଦୃଢ଼ କରିବାକୁ ଚାହାନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ 'ତାମିଲନାଡୁ ରାଜନୀତିକୁ ଫେରି ମଇଦାନରେ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ୨୦୨୯ ପୂର୍ବରୁ ବିଜେପିକୁ ମଜବୁତ କରିବି। ରାଷ୍ଟ୍ର ପ୍ରଥମ, ଏହାପରେ ଦଳ ଏବଂ ▶ପୃଷ୍ଠା-୭

ମମତାଙ୍କୁ ହତ୍ୟା ଉଦ୍ୟମ

■ କୋଲକାତା, ୧୩।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଆଜି ହତ୍ୟା କରିବାକୁ ଉଦ୍ୟମ ହୋଇଛି। ହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ଟିଏମସି କର୍ମୀ କାବୁ କରି ପୁଲିସ ଜିମା ଦେଇଛନ୍ତି। ଟିଏମସି ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟାରେ ଏକ ପୂଜା ପେଣ୍ଡାଲ ଉଦଘାଟନ କରିବା ଲାଗି ମମତା ତାଙ୍କର କାଳିଘାଟ ବାସଭବନରୁ ବାହାରକୁ ଆସୁଥିବା ବେଳେ ମହିଳା ଜଣକ ▶ପୃଷ୍ଠା-୭

ଶାସନ ମୁଖ୍ୟ ଭାବରେ ୨୫ ବର୍ଷ ପୂର୍ତ୍ତି

କ୍ୟାବିନେଟ୍‌ରେ ମୋଦୀଙ୍କୁ 'ଅଭିନନ୍ଦନ ସଂକଳ୍ପ'

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭କୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ରହିଛି ସ୍ୱତନ୍ତ୍ର ଫୋକସ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୩।୧୦ (ସମିସ): ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂରଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ ଏକ ସଂକଳ୍ପ ପାରିତ କରିଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୮ତମ କ୍ୟବିନେଟ ବୈଠକରେ ଏହି ସଂକଳ୍ପ ପାରିତ ହୋଇଥିବା ବେଳେ ଦୀର୍ଘ ୨୫ ବର୍ଷର ଜନସେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଏହି ସଂକଳ୍ପ ଗୃହୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ବିକାଶମୂଳକ ପଦକ୍ଷେପ ଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି। ଓଡ଼ିଶାରେ ଆମ ସରକାର ଗଠନ ହେବା ପରଠାରୁ ▶ପୃଷ୍ଠା-୭

ବିଶେଷ ଟିପ୍ପଣୀ

ଭଦ୍ରୋଥ ଜିଲ୍ଲା ପଞ୍ଚାୟତ ଉପନିର୍ବାଚନରେ ଆପ୍‌ର ଐତିହାସିକ ବିଜୟ ହାସଲ କରିଛି। ଏହା ପ୍ରମାଣ କରୁଛି ଯେ ଗୁଜରାଟର ଚାଷୀଙ୍କ ବିଶ୍ୱାସ ଆପ୍ ସହିତ ରହିଛି। ମରୁଡ଼ି ପରିସ୍ଥିତିରେ ଚାଷୀଙ୍କୁ ନ୍ୟାୟ ନ ଦେବାରୁ ବିଜେପି ସରକାରକୁ ଚାଷୀଙ୍କ ଉଚିତ୍ ଜବାବ୍ ମିଳିଛି।

ଅରବିନ୍ଦ କେଜ୍ରିୱାଲ (ଆପ୍ ସଭାପତି)

ସରକାର ଆମକୁ ପରସ୍ପର ବିରୁଦ୍ଧରେ ଲଢ଼ାଇବାକୁ ଚେଷ୍ଟା କରୁଛନ୍ତି। ତଥ୍ୟକୁ ଭିନ୍ନ ଭାବରେ ବ୍ୟବହାର କରି ସନ୍ଦେହ ଏବଂ ଅବିଶ୍ୱାସ ସୃଷ୍ଟି କରୁଛନ୍ତି। ଆମେ ଏକ ହୋଇ କାର୍ଯ୍ୟ କରିବା ଉଚିତ୍। ପରସ୍ପରକୁ ସନ୍ଦେହ କରିବା ପରିବର୍ତ୍ତେ କ୍ଷମତାରେ ଥିବା ଲୋକଙ୍କୁ ପ୍ରଶ୍ନ କରିବା। ଷଡ଼ଯନ୍ତ୍ର ତତ୍ତ୍ୱଗୁଡ଼ିକୁ ଆମକୁ ବିଭାଜିତ ନକରୁ। ଲଢେଇ ଜ୍ଞାନେଶ କୁମାର ଏବଂ ତାଙ୍କୁ ସୁରକ୍ଷା ଦେଉଥିବା ଲୋକଙ୍କ ବିରୁଦ୍ଧରେ। ଏହାକୁ ଭୁଲିଯିବା ନାହିଁ।

-ଅଭିଜିତ୍ ଦୀପ୍‌କେ (ସିଜେପି ସଂସ୍ଥାପକ)

ଜେନ୍ Z

ପ୍ରଧାନମନ୍ତ୍ରୀଙ୍କୁ ମୋର ଅନୁରୋଧ ବିଶ୍ୱର ସମୃଦ୍ଧିରେ ଯୋଗ ଦେବା ବିଷୟରେ ପରେ ଆଲୋଚନା କରିବା। ପ୍ରଥମେ, ଭାରତକୁ ସମୃଦ୍ଧ କରିବା ଉପରେ ଧ୍ୟାନ ଦିଅନ୍ତୁ। କେବଳ ଏହା ହିଁ ଏହି ଦେଶର ଲୋକଙ୍କ ପାଇଁ ଏକ ବଡ଼ ସଫଳତା ହେବ।

-ବୀଣା ପାଣ୍ଡେ @veenapa63862707

ପଞ୍ଜାବ ମେଡିସିନ ଷ୍ଟୋରରେ ଡ୍ରଗ୍ସ ବିକ୍ରି, ବିରୋଧ କରିବାରୁ ସମାଜସେବୀଙ୍କୁ ଗୁଳିକରି ହତ୍ୟା

ଚଣ୍ଡୀଗଡ/ମାନସା, ୧୩।୧୦ (ଏଜେନ୍ସି): ପଞ୍ଜାବର ମାନସା ଜିଲ୍ଲାରେ ଜଣେ ନିଶା ନିବାରଣ କର୍ମୀ ପରବିନ୍ଦର ସିଂହ ଝୋଟାଙ୍କୁ ବେଆଇନ୍ ନିଶା ଔଷଧ (ଡ୍ରଗ୍ସ) ବିକ୍ରିକୁ ନେଇ ଜଣେ ମେଡିକାଲ୍ ଷ୍ଟୋର୍ ମାଲିକ ଗୁଳି କରି ହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ଘଟଣାଟି ତାଙ୍କ ଫେସବୁକ୍ ଲାଇଭ୍ ଷ୍ଟ୍ରିମ୍ ସମୟରେ ଘଟିଛି। ସୂଚନା ଅନୁସାରେ, ପରବିନ୍ଦର ବେଆଇନ୍ ଡ୍ରଗ୍ସ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ବେଶ୍ ଜଣାଶୁଣା। ଲାଇଭ୍ ସେସନ୍ ସମୟରେ ସେ ମାନସାର ଜଣେ ମେଡିକାଲ୍‌ଷ୍ଟୋର୍ ମାଲିକଙ୍କୁ ଡ୍ରଗ୍ସ ବିକ୍ରି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନା ବଢ଼ିବାରୁ ଦୋକାନୀ ଜଣକ ବନ୍ଧୁକ ବାହାର କରି ପରବିନ୍ଦରଙ୍କ ଉପରକୁ ଗୁଳି ଚଳାଇଥିଲେ।

ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳି ବାଜିବା ପରେ ତାଙ୍କ ମୋବାଇଲ୍ ଫୋନ୍‌ଟି ତଳେ ପଡ଼ିଯାଇଥିଲା ଏବଂ ଲାଇଭ୍ ରେକର୍ଡିଂ ବନ୍ଦ ହୋଇଯାଇଥିଲା। ଅଭିଯୁକ୍ତ ଦୋକାନୀ ବର୍ତ୍ତମାନ ଫେରାର ଅଛନ୍ତି। ଏହି ହତ୍ୟାକାଣ୍ଡ ପଞ୍ଜାବରେ ଗଭୀର ରାଜନୈତିକ ଆଲୋଡ଼ନ ସୃଷ୍ଟି କରିଛି। ଆପ୍ ସରକାରଙ୍କ ଆଇନ ଶୃଙ୍ଖଳା ଓ 'ଯୁଦ୍ଧ ନଶିଆଁ ବିରୁଦ୍ଧ' ଅଭିଯାନର ବିଫଳତାକୁ ନେଇ ବିଜେପି, କଂଗ୍ରେସ ଏବଂ ଶିରୋମଣି ଅକାଳୀ ଦଳ ସରକାରଙ୍କୁ ଘେରିଛନ୍ତି। ଏହି ଘଟଣା ରାଜ୍ୟରେ ବୃଦ୍ଧି ପାଉଥିବା ନିଶାଦ୍ରବ୍ୟ କାରବାର ସମସ୍ୟାକୁ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଦେଇଛି।

ହର୍ମୁଜ ଶୁଳ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ଦେଶ ଏକାଠି

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଅନ୍ତର୍ଜାତୀୟ ଜଳପଥ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ବେଆଇନ ଶୁଳ୍କ ଲାଗୁ କରିବା ପ୍ରଚେଷ୍ଟା ବିରୋଧରେ ବିଶ୍ୱର ୬୦ରୁ ଅଧିକ ଦେଶ ଏକଜୁଟ ହୋଇଛନ୍ତି। ୟୁରୋପୀୟ ୟୁନିଅନ (ଇୟୁ) ଦ୍ୱାରା ଆରମ୍ଭ କରାଯାଇଥିବା "ନୋ ଫି, ନୋ ଟୋଲ୍' ବିଶ୍ୱସ୍ତରୀୟ ସଂକଳ୍ପକୁ ବ୍ରିଟେନ, ଜାପାନ, କାନାଡା, ଅଷ୍ଟ୍ରେଲିଆ

ଓ ସିଙ୍ଗାପୁର ସମେତ ୬୦ରୁ ଅଧିକ ଦେଶ ସମର୍ଥନ ଜଣାଇଛନ୍ତି। ହର୍ମୁଜ ପ୍ରଣାଳୀରେ ଚାଲିଥିବା ଅଶାନ୍ତି ଏବଂ ଇରାନ ଦ୍ୱାରା ଜାହାଜ ଚଳାଚଳ ଉପରେ ଶୁଳ୍କ ଆଦାୟର ଦାବି ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇୟୁର ବୈଦେଶିକ ନୀତି ପ୍ରମୁଖ କାଜା କାଲାସ ପ୍ରକାଶ କରିଛନ୍ତି ଯେ ଅନ୍ତର୍ଜାତୀୟ ଜଳପଥକୁ ରାଜସ୍ୱ ଆଦାୟ କିମ୍ବା ରାଜନୈତିକ ଫାଇଦା ହାସଲର ମାଧ୍ୟମ କରିବାକୁ ଦିଆଯିବ ନାହିଁ। ଜାତିସଂଘ ସାମୁଦ୍ରିକ ଆଇନ ସଂସ୍ଥା ନିୟମାନୁସାରେ ମୁକ୍ତ ଏବଂ ଆଇନଗତ ଜାହାଜ ଚଳାଚଳର ସୁରକ୍ଷା ପାଇଁ ଏହି ନିୟମ ରହିଛି। ପ୍ରକାଶଯୋଗ୍ୟ ଯେ, ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ଦାବି କରିବା ସହ ଜାହାଜଗୁଡ଼ିକରୁ ଶୁଳ୍କ ଦାବି କରୁଛି। ଏହି ଜଳପଥ ଦେଇ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ ଓ ଗ୍ୟାସ ଯୋଗାଣ ହୋଇଥାଏ। ଏଣୁ ସାମୁଦ୍ରିକ ସୁରକ୍ଷା ଓ ନିୟମଭିତ୍ତିକ ବ୍ୟବସ୍ଥା ବଜାୟ ରଖିବାକୁ ଅନ୍ତର୍ଜାତୀୟ ସମୁଦାୟ ସଙ୍କଳ୍ପବଦ୍ଧ ହୋଇଛନ୍ତି।

ଲଦାଖକୁ ନେଇ ଭାରତ-ଚୀନ ମୁହାଁମୁହିଁ

୨୮ଟି ସ୍ଥାନର ନାମକରଣକୁ ଚୀନ୍‌ର ବିରୋଧ, ଜବାବ ଦେଲା ଭାରତ

ନୂଆଦିଲ୍ଲୀ/ବେଜିଂ,୧୩।୧୦(ଏଜେନ୍ସି): ଲଦାଖର ୨୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଭୌଗୋଳିକ ଅଞ୍ଚଳର ନାମକରଣ ପାଇଁ ଭାରତ ସରକାର ନେଇଥିବା ନିଷ୍ପତ୍ତିକୁ ଚୀନ୍ କଡ଼ା ବିରୋଧ କରିଛି। ଅକ୍ଟୋବର ୨ରେ ଭାରତର ଗୃହ ମନ୍ତ୍ରଣାଳୟ ଲଦାଖ ପ୍ରଶାସନ ସହ ପରାମର୍ଶ କରି ସରକାରୀ ମାନଚିତ୍ରରେ ଏହି ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିଥିଲା। ଏଥିରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟସ୍ଥ ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ପରି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ସମେତ କନିଷ୍କ ପିକ୍, ଜୋରାୱାର ପିକ୍, ଓ ପାର୍ଫିକ୍ ଗ୍ଲାସିୟର ଭଳି ପ୍ରମୁଖ ସ୍ଥାନ ସାମିଲ ରହିଛି। ବେଜିଂରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ମାଓ ନିଙ୍ଗ୍ କହିଛନ୍ତି ଯେ, ଭାରତ ଦ୍ୱାରା ଏକତରଫା ଭାବେ ଗଠିତ 'ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ'କୁ ଚୀନ୍ କେବେବି ସ୍ୱୀକୃତି ଦେଇନାହିଁ। ସେ ଆହୁରି ଦାବି କରିଛନ୍ତି ଯେ ଭାରତର ଏହି ନାମକରଣ ନିଷ୍ପତ୍ତି ବେଆଇନ୍ ଓ ଅସିଦ୍ଧ। ସୀମାର ପଶ୍ଚିମ ସେକ୍ଟରରେ ଥିବା ଅଞ୍ଚଳଗୁଡ଼ିକ ଚୀନ୍‌ର ବୋଲି ସେ ଦାବି କରିଛନ୍ତି। ତେବେ

ଚୀନ୍‌ର ପ୍ରତିକ୍ରିୟାକୁ ଭାରତ ଖାରଜ କରିଛି। ଲଦାଖର କେନ୍ଦ୍ର ଶାସିତ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ। ଚୀନ୍ ଯେତେ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଏହି ସତ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ (ଏମ୍ଇଏ) ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି। ଗୃହ ମନ୍ତ୍ରଣାଳୟର ବିବୃତ୍ତିକୁ ଉଦ୍ଧୃତ କରି ସେ କହିଛନ୍ତି ଯେ ସରକାରୀ ଭାରତୀୟ ମାନଚିତ୍ରରେ ନାମଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରାଯାଇ ପଦକ୍ଷେପ ନିଆଯାଇଛି। ସରକାରୀ ମାନଚିତ୍ର ପ୍ରସ୍ତୁତିକୁ ସୁସଂଗଠିତ କରିବା, ସଠିକ୍ ସୀମା ଚିହ୍ନଟ କରିବା ଏବଂ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ବିଷୟରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ମେ ୫ ରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ପରେ ପୂର୍ବ ଲଦାଖରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ସେହି ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିଥିଲା।

ସଂରକ୍ଷଣ ବୃଦ୍ଧି ନିଷ୍ପତ୍ତି ରଦ୍ଦ କଲେ କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ, ୧୩।୧୦ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ବୃଦ୍ଧି କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ବିଭୁ ବାଖରୁ ଏବଂ ବିଚାରପତି କେ. ଏସ. ହେମଲେଖାଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟଙ୍କ ଅନୁଯାୟୀ, ୨୦୨୨ ଆଇନ ବଳରେ ଏସସି ସଂରକ୍ଷଣ ୧୫% ରୁ ୧୭% ଏବଂ ଏସଟି ସଂରକ୍ଷଣ ୩% ରୁ ୭% କୁ ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ରାଜ୍ୟରେ ମୋଟ ସଂରକ୍ଷଣ ୫୦% ରୁ ବୃଦ୍ଧି ପାଇ ୫୬% ରେ ପହଞ୍ଚିଥିଲା। ସର୍ବୋଚ୍ଚ ଅଦାଲତଙ୍କ ୧୯୯୨ ଇନ୍ଦ୍ରା ସାହନି ମାମଲାରେ ନିର୍ଦ୍ଧାରିତ ୫୦% ସୀମାକୁ ଏହା ଉଲ୍ଲଂଘନ କରୁଛି। ଏହା ସମ୍ବିଧାନର ଧାରା ୧୪, ୧୫ ଓ ୧୬ ର ପରିପନ୍ଥୀ ହୋଇଥିବାରୁ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଅସାମ୍ବିଧାନିକ ବୋଲି କୋର୍ଟ ଘୋଷଣା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବସବରାଜ ବୋମ୍ମାଇଙ୍କ ବିଜେପି ସରକାର ସମୟରେ ଏହି ଆଇନ ପାରିତ ହୋଇଥିଲା। ଏହି ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି ଯେ ସରକାର ନ୍ୟାୟପାଳିକାକୁ ସମ୍ମାନ ଦିଅନ୍ତି, କିନ୍ତୁ ସୁପ୍ରିମକୋର୍ଟରେ ଆବେଦନ କରିବା ସହ ସମସ୍ତ ଆଇନଗତ ବିକଳ୍ପ ସମୀକ୍ଷା କରାଯିବ। ଏଥିସହ ୫୦% ସଂରକ୍ଷଣ ସୀମାର ପୁନର୍ବିଚାର କରିବାକୁ ସେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

ରାହୁଲଙ୍କ ମାନହାନି ମାମଲାର ବିଚାର ଉପରେ 'ସୁପ୍ରିମ' ରୋକ୍

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାନହାନି ମାମଲାର ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ସାମୟିକ ସ୍ଥଗିତାଦେଶ ଲଗାଇଛନ୍ତି। ରାହୁଲ ୨୦୧୮ର ରାଫେଲ ଯୁଦ୍ଧବିମାନ ଚୁକ୍ତି ବିବାଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ 'କମାଣ୍ଡର-ଇନ୍-ଥିଫ୍' ଏବଂ 'ଚୋରଙ୍କ ସର୍ଦ୍ଦାର' ଆଦି ମନ୍ତବ୍ୟ ଦେଇଥିଲେ। ଏହାପରେ ତାଙ୍କ ବିରୋଧରେ ଏତଲା ଦାୟର ହୋଇଥିଲା। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାହୁଲଙ୍କ ଆବେଦନ ଉପରେ ଶୁଣାଣି କରିଛନ୍ତି। ବିପକ୍ଷ ପକ୍ଷକୁ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଏହାସହ ନିମ୍ନ ଅଦାଲତରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରୁଥିଲେ। ବମ୍ବେ ହାଇକୋର୍ଟଙ୍କ ସେପ୍ଟେମ୍ବର ୮ ର ଆଦେଶକୁ ଚାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଥିରେ ହାଇକୋର୍ଟ ମାନହାନି ମାମଲା ଖାରଜ କରିବାକୁ ମନା କରିଦେଇଥିଲେ।

ଦାମୀ କାର୍ ଦୁର୍ଘଟଣାରେ ୩ ମୃତ

କୋଚି,୧୩।୧୦(ଏଜେନ୍ସି): କେରଳର କୋଚି ନିକଟସ୍ଥ ନେଦୁମ୍ବାସେରୀଠାରେ ଅକ୍ଟୋବର ୧୧ ଭୋର ସମୟରେ ସଡ଼କ ଦୁର୍ଘଟଣାରେ ତିନି ଜଣ ଯୁବକଯୁବତୀଙ୍କର ମୃତ୍ୟୁ ଘଟିଛି। ଏକ ବେପରୁଆ ମିନି କୁପର କାର୍ ସ୍କୁଟରରେ ଯାଉଥିବା ୨୧ ବର୍ଷୀୟ ଦେବିକା, ଗୋପିକା ଓ ଇୟାସଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି ଚଳାଉଥିବା ୧୯ ବର୍ଷୀୟ ଯୁବକ ସୁହେଲ ମଦ୍ୟପାନ କରିଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ "ବାପା ସବୁ ସମ୍ଭାଳି ନେବେ' ବୋଲି କହିଥିଲେ। କାରରେ ଥିବା ଅନ୍ୟ ତିନି ଜଣ ସହଯାତ୍ରୀ ନିନାଭ, ଅମୀର ଓ ଜୋଏଲ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ହେଁ ପରେ ପୁଲିସ ସେମାନଙ୍କୁ ଗିରଫ କରିଛି। ଦୁର୍ଘଟଣା ସମୟରେ କାରଟି ଘଣ୍ଟାପ୍ରତି ୧୨୦ କିଲୋମିଟରରୁ ଅଧିକ ବେଗରେ ଚାଲୁଥିଲା। ଅଭିଯୁକ୍ତଙ୍କୁ ପୁଲିସ ଜିମା ଦିଆଯାଇଥିଲେ ବି ଏଫଆଇଆରରେ ଗାଡ଼ି ଚାଳକଙ୍କ ନାମ ଓ ଠିକଣାକୁ ଅଜ୍ଞାତ ବୋଲି ଉଲ୍ଲେଖ କରାଯିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରବର୍ଗ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଦାବି କରିଛନ୍ତି।

ସଂସଦଠାରୁ ବିରୋଧୀଙ୍କୁ ଦୂରେଇ ରଖିବାକୁ ଯନ୍ତରମନ୍ତର ଷଡ଼ଯନ୍ତ୍ର!

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଦିଲ୍ଲୀର ଐତିହାସିକ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରକୁ ବିକ୍ଷୋଭ ଓ ପ୍ରତିବାଦ ସ୍ଥଳ ଭାବେ ବାତିଲ କରିଛି ଦିଲ୍ଲୀ ପୁଲିସ। ଯନ୍ତରମନ୍ତର ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ରାଜନୈତିକ ଓ ସାମାଜିକ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସ୍ଥାନରୁ ଆନ୍ଦୋଳନ ମାନ୍ୟତା ପ୍ରତ୍ୟାହାର କରାଯିବା ପରେ ବିରୋଧୀ ଦଳଗୁଡ଼ିକ ଏବଂ ଇଣ୍ଡିଆ ମେଣ୍ଟ ଶାସକ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଜନଆକ୍ରୋଶ ଓ ବିରୋଧୀଙ୍କ ସ୍ୱରକୁ ସଂସଦ ଏବଂ

ସରକାର ଭୟଭୀତ: ଅଖିଲେଶ

କ୍ଷମତା କେନ୍ଦ୍ରଠାରୁ ଦୂରରେ ରଖିବା ପାଇଁ ଏହି ଚାଲ୍ ଚଳାଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀ ପୁଲିସ ଯନ୍ତରମନ୍ତର ବଦଳରେ ୩ଟି ନୂଆ ସ୍ଥାନ ରାମଲୀଳା ମୈଦାନ, ବୁରାଡ଼ି ନିରଙ୍କାରୀ ପଡ଼ିଆ ଏବଂ ପୂର୍ବ ଦିଲ୍ଲୀର ସିବିଡି ପଡ଼ିଆକୁ ଆନ୍ଦୋଳନ ପାଇଁ ନିର୍ଦ୍ଧାରିତ କରାଯାଇଥିବା ନିର୍ଦ୍ଦେଶ ଜାରି କରିଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳ ଓ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ବ୍ୟାପକ ବିକ୍ଷୋଭ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ଭାଜପା ସରକାର ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଥିବା କହିଛନ୍ତି। ସେହିପରି ଆପ୍ ନେତା ସୌରଭ ଭାରଦ୍ୱାଜ, କଂଗ୍ରେସ ସାଂସଦ ଜୟରାମ ରମେଶ ଏବଂ ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସିଜେପି ନେତା ଆଶୁତୋଷ ରାଙ୍କା କଟାକ୍ଷ କରି ପ୍ରଶ୍ନ କରିଛନ୍ତି, ସରକାର ମାଉଣ୍ଟ ଏଭରେଷ୍ଟକୁ ବିକ୍ଷୋଭ ସ୍ଥଳ ଭାବେ ଘୋଷଣା କରନ୍ତୁ।

ସେପଟେ ପୁଲିସ ଦ୍ୱାରା ଚିହ୍ନଟ ନୂତନ ସ୍ଥାନଗୁଡ଼ିକ ସଂସଦ ଓ କ୍ଷମତା କେନ୍ଦ୍ରଠାରୁ ବହୁ ଦୂରରେ ଅବସ୍ଥିତ। ରାମଲୀଳା ମୈଦାନ ଯନ୍ତରମନ୍ତରଠାରୁ ୩ କିମି ଦୂରରେ ରହିଛି। ପୁଣି ଏହାର ଦୈନିକ ଭଡ଼ା ୫୦,୦୦୦ ଟଙ୍କା ଏବଂ ସୁରକ୍ଷା ରାଶି ୫୫,୦୦୦ ଟଙ୍କା ଦେବାକୁ ପଡ଼ିଥାଏ। ଏହା ସହିତ ଅଧିକାଂଶ ସମୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଗୁଆ ବୁକ୍ ରହୁଥିବାରୁ ସାଧାରଣ ଆନ୍ଦୋଳନ ପାଇଁ ତାରିଖ ମିଳିବା କଷ୍ଟକର। ସେହିପରି ସିବିଡି ପଡ଼ିଆ (ଶାହଦରା) ପୂର୍ବ ଦିଲ୍ଲୀରେ ୧୦-୧୨ କିମି ଦୂରରେ ଥିବା ଏହି ସ୍ଥାନଟି ଏକ ସାନ୍ଦ୍ର ଆବାସିକ ଅଞ୍ଚଳରେ ଅବସ୍ଥିତ। ପୁଣି ନିରଙ୍କାରୀ ପଡ଼ିଆ (ବୁରାଡ଼ି) ଯନ୍ତରମନ୍ତରଠାରୁ ପ୍ରାୟ ୨୨ କିମି ଦୂର ଦିଲ୍ଲୀ-ଚଣ୍ଡୀଗଡ଼ ରାଜପଥ ନିକଟରେ ଅବସ୍ଥିତ। ସେଠାରେ ଜନସମାଗମ ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ଆହ୍ୱାନପୂର୍ଣ୍ଣ। ସୂଚନାଯୋଗ୍ୟ, ୧୯୯୩ ମସିହା ପୂର୍ବରୁ ସଂସଦ ଭବନ ନିକଟସ୍ଥ 'ବୋଟ୍ କ୍ଲବ୍' ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା। ପରେ କଂଗ୍ରେସ ବୋଟ୍ କ୍ଲବ୍‌ରେ ବିକ୍ଷୋଭ ନିଷେଧ କରିବା ପରେ ଯନ୍ତରମନ୍ତର ମୁଖ୍ୟ ବିକ୍ଷୋଭ ସ୍ଥଳ ପାଲଟିଥିଲା। ଏବେ ପୁଣିଥରେ ଗଣତାନ୍ତ୍ରିକ ପ୍ରତିବାଦର ସ୍ୱରକୁ ସହରର ସୀମାନ୍ତକୁ ଠେଲି ଦିଆଯାଉଥିବା ନେଇ ବୁଦ୍ଧିଜୀବୀ ଓ ବିରୋଧୀ ଶିବିରରେ ତୀବ୍ର ଚିନ୍ତା ପ୍ରକାଶ ପାଇଛି।

କଟକଣାକୁ ଚାଲେଞ୍ଜ କରି ସୌରଭ, ଆଶୁତୋଷ ଅଟକ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ବିବାଦକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ ବେଳେ କକ୍ରୋଚ ଜନତା ପାର୍ଟି (ସିଜେପି)ର ନେତା ସୌରଭ ଦାସ, ଆଶୁତୋଷ ରାଙ୍କା, ଅଜିଙ୍କ୍ୟ ଶିନ୍ଦେଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଲ୍ଲୀ ପୁଲିସ ଅଟକ କରିଛି। ପୁଲିସ ଅନୁଯାୟୀ, ଜନତା ଦଳ (ୟୁନାଇଟେଡ୍) କାର୍ଯ୍ୟାଳୟ ପାର୍ଶ୍ୱରୁ ସିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଏକ ଗେଟ୍ ଏବଂ ବାରିକେଡ୍ ଡେଇଁ ଯନ୍ତରମନ୍ତରରେ ପ୍ରବେଶ କରିଥିଲେ। ଏହି ସମୟରେ ସେମାନେ ହାତରେ ଜାତୀୟ ପତାକା ଧରି 'ଇନ୍‌କିଲାବ ଜିନ୍ଦାବାଦ' ଏବଂ 'ହ୍ୟାଣ୍ଡସ ଅଫ୍ ଯନ୍ତରମନ୍ତର' ଭଳି ସ୍ଲୋଗାନ ଦେଇଥିଲେ। ସେଠାରେ ମୁତୟନ ଥିବା ଦିଲ୍ଲୀ ପୁଲିସ ସେମାନଙ୍କୁ ଗୋଡ଼ାଇ ଅଟକ କରିଥିଲା। ଏହି ପ୍ରତିବାଦ ପୂର୍ବରୁ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ ଯନ୍ତରମନ୍ତରକୁ ନିର୍ଦ୍ଧାରିତ ବିକ୍ଷୋଭ ସ୍ଥଳ ସୂଚୀରୁ ହଟାଇ ଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର କମିଟି ସୁପାରିଶ କ୍ରମେ ରାଜଧାନୀରେ ପ୍ରତିବାଦ ପାଇଁ ରାମଲୀଳା ମଇଦାନ, ବୁରାରୀ ମଇଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡକୁ ତିନୋଟି ନୂତନ ସ୍ଥାନ ଭାବେ ନିର୍ଦ୍ଧାରିତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ସିଜେପି ସଂସ୍ଥାପକ ଅଭିଜିତ ଦୀପକେ କହିଛନ୍ତି ଯେ ଆଗାମୀ ଦିନରେ ସାରା ଦେଶରେ ଯନ୍ତରମନ୍ତର ସୃଷ୍ଟି ହେବ। ସେହିପରି ସୌରଭ ଦାସ ସୋସିଆଲ ମିଡିଆରେ ପୋଷ୍ଟ କରି ଯନ୍ତରମନ୍ତରକୁ ଆମେ ଆସିସାରିଛୁ ଏବଂ ପୁଲିସ ଆମକୁ ସେଥିପାଇଁ ଧରିନେଇଛି ବୋଲି ସନ୍ଦେଶ ଦେଇଛନ୍ତି। ସେ ପୁଲିସକୁ ୨୪ ଘଣ୍ଟାରେ ବିକ୍ଷୋଭ ସ୍ଥଳ ଏବଂ ତାରିଖ ଜଣାଇବାକୁ ଚରମବାଣୀ ଶୁଣାଇଥିବା କହିଥିଲେ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିବାକୁ ଉଦ୍ୟମ କରି ଭାରତ ସରକାର ଦେଶର ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିବା ସେ କହିଛନ୍ତି।

ସାଉଦି ଆରବକୁ ଭାରତରୁ ସବୁ ବିମାନ ସେବା ସ୍ଥଗିତ

ରିୟାଦ,୧୩।୧୦(ଏଜେନ୍ସି): ସାଉଦି ଆରବରେ ବେସାମରିକ ସ୍ଥାପତ୍ୟ ଉପରେ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ନୂତନ ସୁରକ୍ଷା ପରାମର୍ଶ ଜାରି କରାଯାଇଛି। ନାଗରିକମାନଙ୍କୁ ଶାନ୍ତ ଓ ସତର୍କ ରହିବା ସହ ଆକାଶମାର୍ଗରୁ ଆକ୍ରମଣ ସମୟରେ ଘର ଭିତରେ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଚାଲିଥିବା ସଂଘର୍ଷ ସମ୍ପର୍କିତ କୌଣସି ଭିଡିଓ କିମ୍ବା ଖବର ସୋସିଆଲ ମିଡିଆରେ ପୋଷ୍ଟ କିମ୍ବା ଶେୟାର ନକରିବାକୁ ନିବେଦନ କରାଯାଇଛି। ଗତ ଅକ୍ଟୋବର ୧୦ରେ ରିୟାଦର କିଙ୍ଗ ଖାଲିଦ୍ ଆନ୍ତର୍ଜାତିକ ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିଲା। ଏଥିରେ ମହମ୍ମଦ ୟୁସୁଫ୍ ଅଲ୍ଲୀ ନାମକ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଭାରତୀୟ ଆହାତ ହୋଇଛନ୍ତି। ଏହି ଘଟଣା ପରେ ରିୟାଦ ବିମାନବନ୍ଦରରୁ ସେବା ବନ୍ଦ ରହିଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଆକାଶା ଏୟାର ଭଳି ଭାରତୀୟ ବିମାନ ସେବା ସଂସ୍ଥାଗୁଡ଼ିକ ଅକ୍ଟୋବର ୧୭ ପର୍ଯ୍ୟନ୍ତ ସେମାନଙ୍କର ଯାତ୍ରା ସ୍ଥଗିତ ରଖିଛନ୍ତି। ଯାତ୍ରୀମାନଙ୍କୁ ସହାୟତା ପାଇଁ ରିୟାଦ ସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାସ୍ଥିତ ଦୂତାବାସ କାର୍ଯ୍ୟାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି।

ପାକିସ୍ତାନୀ ସୋସିଆଲ ମିଡିଆରେ ଦିଲ୍ଲୀ ବିକ୍ଷୋଭ ଗୁଜବ ଉପରେ ପୁଲିସ ନଜର

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ନିକଟରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ସମୟରେ ମିଥ୍ୟା ଗୁଜବ ଏବଂ ଭ୍ରାନ୍ତ ଖବର ପ୍ରସାରଣ ଅଭିଯୋଗରେ ଦିଲ୍ଲୀ ପୁଲିସ କଠୋର ପଦକ୍ଷେପ ଗ୍ରହଣ କରିଛି। ଆଇନ ଶୃଙ୍ଖଳା ପରିସ୍ଥିତି ବିଗାଡ଼ିବା ଏବଂ ଭାରତ ବିରୋଧୀ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମିଥ୍ୟା ପ୍ରଚାର କରୁଥିବା ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ବିରୋଧରେ ପୁଲିସ ୪ଟି ଏଫଆଇଆର ରୁଜୁ କରିଛି। ଗତ ଅକ୍ଟୋବର ୧୦ରେ ହୋଇଥିବା ଦିଲ୍ଲୀ ବିକ୍ଷୋଭ ସମୟରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ଏହି ହ୍ୟାଣ୍ଡେଲଗୁଡ଼ିକ ମାଧ୍ୟମରେ ମିଥ୍ୟା ଦାବି ପ୍ରଚାର କରାଯାଇଥିଲା। ଦିଲ୍ଲୀ ପୁଲିସ ଏହି ମିଥ୍ୟା ଖବର ପ୍ରସାରଣକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ଭିତ୍ତିକ କେତେକ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ନିଷ୍କ୍ରିୟ କରାଇଛି।

ବିକ୍ଷୋଭ ସ୍ଥଳରୁ ସୁପ୍ରିମକୋର୍ଟଙ୍କ ଆଇନଜୀବୀ ଅଟକ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ନୂଆଦିଲ୍ଲୀର ସଫଦରଜଙ୍ଗ ଫ୍ଲାଇଓଭର ନିକଟରେ ଚାଲିଥିବା ଏକ ପ୍ରତିବାଦ ସ୍ଥଳରୁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଶାହଦାନ ଫରାସତଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିବା ପରେ କିଛି ଦୂର ନେଇ ଛାଡ଼ିଦେଇଛି। ଆଇନଗତ ସହାୟତା ଯୋଗାଇଦେବା ଏବଂ ପ୍ରତିବାଦରେ ସାମିଲ ହେବା ପାଇଁ ଫରାସତ ସେଠାକୁ ଯାଇଥିବା ବେଳେ ପୁଲିସ ତାଙ୍କ ସମେତ ସାଧାରଣ ବାଟୋଇଙ୍କୁ ମଧ୍ୟ ଗାଡ଼ିରେ ଉଠାଇ ନେଇଥିଲା। ଏହି ଘଟଣା ପରେ ଦେଶରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦର ଅଧିକାର ସଙ୍କୁଚିତ ହେଉଥିବା ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଫରାସତଙ୍କ ଅନୁଯାୟୀ, ଦିଲ୍ଲୀ ପୁଲିସ ଏବଂ ପ୍ରଶାସନ ଆଇନ ଶୃଙ୍ଖଳା ରକ୍ଷା ନାମରେ ନାଗରିକଙ୍କ ମତବ୍ୟକ୍ତ କରିବାର ମୌଳିକ ଅଧିକାରକୁ ବାଧାପ୍ରାପ୍ତ କରୁଛନ୍ତି। ଏହା ସହିତ, ଭୋଟର ତାଲିକାର ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ମଧ୍ୟ ସେ ନିଜର ଆପତ୍ତି ଉଠାଇଛନ୍ତି।

ମହାରାଷ୍ଟ୍ରରେ ଜଳ ସଙ୍କଟ ଉତ୍କଟ; ଜଳକାଟ୍ ଘୋଷଣା

ମୁମ୍ବଇ,୧୩।୧୦(ଏଜେନ୍ସି): ଦୁର୍ବଳ ମୌସୁମୀ ଏବଂ ଏଲ୍ ନିନୋର ପ୍ରଭାବ ଯୋଗୁଁ ମହାରାଷ୍ଟ୍ରରେ ଜଳ ସଙ୍କଟ ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଅକ୍ଟୋବରରେ ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ସେଲ୍ସିୟସରୁ ଅଧିକ ରହୁଥିବାରୁ ଜଳାଶୟଗୁଡ଼ିକରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। କମୁଥିବା ଜଳ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଓ ବିଭିନ୍ନ ମହାନଗର ନିଗମ ପକ୍ଷରୁ ଜରୁରୀକାଳୀନ କଟକଣା, ଜରିମାନା, ବେଆଇନ୍ ସଂଯୋଗ ବିରୋଧରେ ମାମଲା ଏବଂ ବାଧ୍ୟତାମୂଳକ ଜଳକାଟ ଘୋଷଣା କରାଯାଇଛି। ବର୍ତ୍ତମାନ ରାଜ୍ୟର ଦ୍ୱିତୀୟ ରାଜଧାନୀ ନାଗପୁରର ଜଳାଶୟଗୁଡ଼ିକର କ୍ଷମତା ମାତ୍ର ୫୮%କୁ ହ୍ରାସ ପାଇଛି। ଜଳ ଅପଚୟ ରୋକିବା ପାଇଁ ନାଗପୁର ମହାନଗର ନିଗମ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗାଡ଼ି ଧୋଇବା, ରାସ୍ତା କିମ୍ବା ଅଗଣା ସଫା କରିବା, ବଗିଚାରେ ପାଣି ଦେବା ଏବଂ ନିର୍ମାଣ କାର୍ଯ୍ୟରେ ପାନୀୟ ଜଳ ବ୍ୟବହାର କଲେ ୫,୦୦୦ ଟଙ୍କାର ଜରିମାନା ଘୋଷଣା ହୋଇଛି। ବେଆଇନ୍ ଟ୍ୟାପ୍ ସଂଯୋଗ ଏବଂ ୱାଟର ମିଟରରେ ଜାଲିଆତି ଏବଂ ନିୟମ ଭଙ୍ଗକାରୀଙ୍କ ବିରୋଧରେ ମାମଲା ରୁଜୁ ହେବ। ସେହିପରି ପୁଣେରେ ମଧ୍ୟ ଜଳ ସଙ୍କଟ ଗମ୍ଭୀର ରୂପ ନେଇଛି। ସହରକୁ ଜଳ ଯୋଗାଉଥିବା ଖଡ଼କୱାସଲା ଡ୍ୟାମ୍ ଚେନ୍‌ରେ ବେଶ୍ କମ୍ ଜଳ ଗଚ୍ଛିତ ଅଛି। ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ଜଳକୁ ବ୍ୟବହାର ଉପଯୋଗୀ ରଖିବା ପାଇଁ ସରକାର ଅକ୍ଟୋବର ୧୬ରୁ ଜଳ ବ୍ୟବହାରରେ ୧୦% କାଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୫ରୁ ପ୍ରତି ଗୁରୁବାର ସହରସାରା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ସେପଟେ ଛତ୍ରପତି ସମ୍ଭାଜୀନଗରରେ ମୁଖ୍ୟ ଜଳାଶୟ ଜାୟକୱାଡ଼ି ଡ୍ୟାମ୍‌ରୁ ପ୍ରଚଣ୍ଡ ଉତ୍ତାପ ଯୋଗୁଁ ଦୈନିକ ପ୍ରାୟ ୧୬୪.୯ କୋଟି ଲିଟର ଜଳ ବାଷ୍ପୀଭୂତ ହୋଇ ନଷ୍ଟ ହେଉଛି। ଏହା ୧୮ ଲକ୍ଷ ଅଧିବାସୀଙ୍କ ପ୍ରାୟ ୭ ଦିନର ଜଳ ଆବଶ୍ୟକତା ସହିତ ସମାନ। ଛତ୍ରପତି ସମ୍ଭାଜୀନଗର ପାଇଁ ଦୈନିକ ୨୦୦ ରୁ ୨୩୦ ନିୟୁତ ଲିଟର ଜଳ ଆବଶ୍ୟକ ହେଉଛି। ଉଚ୍ଚ ତାପମାତ୍ରା ଏବଂ ହ୍ରାସ ପାଉଥିବା ଜଳ ସମ୍ପଦ ଯୋଗୁଁ ମହାରାଷ୍ଟ୍ରର ସହରଗୁଡ଼ିକ ପାଇଁ ଆଗାମୀ ମାସଗୁଡ଼ିକରେ ଜଳ ପରିଚାଳନା ଏକ ବଡ଼ ଆହ୍ୱାନ ପାଲଟିଛି।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-111 ◆WEDNESDAY ◆14 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୧ ◆ବୁଧବାର ◆୧୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ହେବ ନାହିଁ ଲଘୁଚାପ

୨ ଦିନ ଫେରନ୍ତା ମୌସୁମୀ ବର୍ଷା

■ ଭୁବନେଶ୍ୱର,୧୩।୧୦(ସମିସ): ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍‌ଡି କହି ଆସୁଥିଲା। ମାତ୍ର ଉଚ୍ଚତା ଅନୁସାରେ ପବନର ବେଗ ଓ ଦିଗର ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଲଘୁଚାପ ସୃଷ୍ଟି କ୍ଷେତ୍ରରେ ପ୍ରତିକୂଳ ବାତାବରଣ ରହୁଛି। ଏଥିପାଇଁ ଲଘୁଚାପର ଆଶଙ୍କା ଟଳି ଯାଇଛି। ଏହି ଲଘୁଚାପକୁ ନେଇ ପୂଜା ସମୟରେ ବର୍ଷା ଆଶଙ୍କା ରହୁଥିଲା। ଏଥିପାଇଁ ରାଜ୍ୟରେ ପୂଜା ମାହୋଲରେ ଭଟ୍ଟା ପଡ଼ିପାରେ ବୋଲି ଆଶଙ୍କା ରହୁଥିଲା। ହେଲେ ଲଘୁଚାପ ଆଶଙ୍କା ଟଳିଯିବା ପରେ ଏବେ ପୂଜା ସମୟରେ ପାଗକୁ ନେଇ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟର କିଛି ସ୍ଥାନରେ ବର୍ଷା ହେଉଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହ ଉତ୍ତର-ପୂର୍ବ ମୌସୁମୀ ବାୟୁ (ଫେରନ୍ତା ମୌସୁମୀ) ପ୍ରଭାବରେ କିଛି କିଛି ସ୍ଥାନରେ ଏହି ବର୍ଷା ହେଉଛି। ଏହି ସ୍ଥିତି ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ଆଶଙ୍କା ରହିଛି। ତେବେ ଏହି ବର୍ଷାର ପ୍ରଭାବ ବିଶେଷ ଅଧିକ ରହିବ ନାହିଁ। କେବଳ ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଏହି ବର୍ଷା ହେବ। ଏଥିପାଇନ୍ତା ଆସନ୍ତା ୨-୩ ଦିନ ପାଇଁ କିଛି ଜିଲ୍ଲାକୁ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

ଡାକ ବିଭାଗରେ ବଡ଼ଧରଣର ପ୍ରଶାସନିକ ପୁନର୍ଗଠନ

ସମ୍ବଲପୁର ଅଧୀନକୁ ଗଲା ମୟୂରଭଞ୍ଜ ଓ ରାଇରଙ୍ଗପୁର

■ ବାରିପଦା/ଭୁବନେଶ୍ୱର,୧୩।୧୦(ସମିସ): ଡାକ ସେବାର ଦକ୍ଷତା ବୃଦ୍ଧି, ବ୍ୟବସାୟିକ ସମ୍ପ୍ରସାରଣ ଓ ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଓଡ଼ିଶା ଡାକ ସର୍କଲରେ ବ୍ୟାପକ ପ୍ରଶାସନିକ ପୁନର୍ଗଠନ କରାଯାଇଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନ ଡାକ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନୂତନ ବ୍ୟବସ୍ଥା ଆସନ୍ତା ୨୦୨୬ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ରହ୍ମପୁର ରିଜିଅନ୍ ଅଧୀନସ୍ଥ କୋରାପୁଟ ଓ କଳାହାଣ୍ଡି ଡିଭିଜନକୁ ପୁନର୍ବିଭାଜନ କରି ନୂତନ 'ନବରଙ୍ଗପୁର ଡାକ ଡିଭିଜନ' ଗଠନ କରାଯାଇଛି। ଏହି ନୂଆ ଡିଭିଜନର ମୁଖ୍ୟ କାର୍ଯ୍ୟାଳୟ (ହେଡକ୍ୱାର୍ଟର) ଜୟପୁର ମୁଖ୍ୟ ଡାକଘର ପରିସରରେ କାର୍ଯ୍ୟ କରିବ। ଏହି ଡିଭିଜନ ଅଧୀନରେ ୪ଟି ସବ୍‌ଡିଭିଜନ, ୧ଟି ମୁଖ୍ୟ ଡାକଘର, ୩୧ଟି ଉପଡାକଘର ଓ ୩୪୧ଟି ଶାଖା ଡାକଘର ରହିବ। ରାଜ୍ୟର ତିନୋଟି ଯାକ ରିଜିଅନ (ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର) ମଧ୍ୟରେ କାର୍ଯ୍ୟଭାର ସନ୍ତୁଳନ ପାଇଁ ଡିଭିଜନର ପୁନର୍ବଣ୍ଟନ

ନବରଙ୍ଗପୁର ଡାକ ଡିଭିଜନ ଗଠନ

କରାଯାଇଛି। ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ଡିଭିଜନକୁ ସମ୍ବଲପୁର ରିଜିଅନ ଅନ୍ତର୍ଭୁକ୍ତ କରାଯାଇଛି। ଯାହାକୁ ନେଇ ପୂର୍ବରୁ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ୍ସ ଯୋଗେ ଟ୍ୱିଟ କରାଯାଇଥିଲା। ମାତ୍ର ପୂର୍ବ ନିଷ୍ପତ୍ତି ଅନୁସାରେ ବିଭାଗ ପୁନର୍ଗଠନ କରିଛି। ଫଳରେ ମୟୂରଭଞ୍ଜବାସୀ ଭୁବନେଶ୍ୱର ପରିବର୍ତ୍ତେ ସମ୍ବଲପୁର (ଅଧିକ ୧୫୦ କିମି) ଦୂରତା ପାଇଁ ଅସୁବିଧାର ସମ୍ମୁଖୀନ ହେବେ।

ସମ୍ବଲପୁର ରିଜିଅନ ଅଧୀନରେ ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟ ରହିବ। ସେହିପରି ନୟାଗଡ଼ ଡିଭିଜନ ସମେତ ଆସିକା, ବ୍ରହ୍ମପୁର, କଳାହାଣ୍ଡି, କୋରାପୁଟ, ଫୁଲବାଣୀ, ରାୟଗଡ଼ା ଓ ନୂତନ ନବରଙ୍ଗପୁର ଡିଭିଜନ ଏହାର ଅଧୀନରେ ରହିବ। ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, କଟକ ସିଟି, କଟକ ସାଉଥ୍, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ ଡିଭିଜନ ଓ ପିଏସଡି ଭୁବନେଶ୍ୱର ଏହି ରିଜିଅନ ଅଧୀନରେ କାର୍ଯ୍ୟ କରିବେ। କଟକ ୱେଷ୍ଟ ସବ୍‌ଡିଭିଜନକୁ ଉଚ୍ଛେଦ କରାଯାଇ ଏହାକୁ କଟକ ଇଷ୍ଟ ଓ ସାଲେପୁର ସବ୍‌ଡିଭିଜନ ସହ ମିଶ୍ରଣ କରାଯାଇଛି। ଭଦ୍ରକ ଅଧୀନରେ ନୂତନ 'ଚାନ୍ଦବାଲି ସବ୍-ଡିଭିଜନ' ସୃଷ୍ଟି କରାଯାଇଛି। ସେହିପରି ନୂତନ 'କିଶୋରଗଞ୍ଜ ସବ୍‌ଡିଭିଜନ' ପ୍ରତିଷ୍ଠା ହୋଇଛି। ଅନୁଗୋଳ ଇଷ୍ଟ ଓ ୱେଷ୍ଟକୁ ମିଶାଇ 'ଅନୁଗୋଳ' ତଥା ଢେଙ୍କାନାଳକୁ 'ଢେଙ୍କାନାଳ ଇଷ୍ଟ' ଓ 'ଢେଙ୍କାନାଳ ୱେଷ୍ଟ' ଭାବେ ପୁନର୍ଗଠନ କରାଯାଇଛି। କଟକ ସାଉଥ୍ ଡିଭିଜନ ଅଧୀନରେ ନୂତନ 'ରଘୁନାଥପୁର ସବ୍-ଡିଭିଜନ' ଗଠନ କରାଯାଇଛି। କର୍ମଚାରୀଙ୍କ ସ୍ଥାନାନ୍ତର, ରେକର୍ଡ ଓ ସମ୍ପତ୍ତି ପରିଚାଳନା ନିମନ୍ତେ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଆବଶ୍ୟକ ପଦକ୍ଷେପ ନେବେ। ଏହି ପୁନର୍ଗଠନ ପ୍ରକ୍ରିୟାର ଆର୍ଥିକ ଓ କାର୍ଯ୍ୟକ୍ଷମତା ସମୀକ୍ଷା ବର୍ଷକ ପରେ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ଦଶହରାକୁ ନେଇ ଦ୍ୱନ୍ଦ୍ୱ

- ■ ପୀଠେ ଦଶହରା ଅକ୍ଟୋବର ୨୦
- ■ ଶ୍ରୀମନ୍ଦିରରେ ୨୧ରେ ବିଜୟା ଦଶମୀ ଓ ଆୟୁଧ ପୂଜା
- ■ ପଞ୍ଜିକାରେ ତିଥି ଉଲ୍ଲେଖକୁ ନେଇ ପ୍ରଶ୍ନ ଉଠାଇଲେ ଜ୍ୟୋତିର୍ବିଦ୍

■ ପୁରୀ,୧୩।୧୦(ସମିସ): ଦଶହରା ପାଳନକୁ ନେଇ ଏଥର ଦ୍ୱନ୍ଦ୍ୱ ଦେଖାଦେଇଛି। କେଉଁ ଦିନ ପାଳନ ହେବ ଦଶହରା? ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ଥିବାବେଳେ ଶ୍ରୀମନ୍ଦିର ବାର୍ଷିକ ପର୍ବପର୍ବାଣିରେ ଅକ୍ଟୋବର ୨୧ ତାରିଖକୁ ବିଜୟା ଦଶମୀ ଓ ଦଶହରା ଭାବେ ଦର୍ଶାଯାଇଛି। ତିଥି ଓ ପାଳନକୁ ନେଇ ଏଭଳି ଭିନ୍ନତା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାକୁ ନେଇ ଜ୍ୟୋତିର୍ବିଦ୍ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ପ୍ରଶ୍ନ ଉଠାଇଛନ୍ତି।

ଶ୍ରୀ ମିଶ୍ରଙ୍କ ମତରେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦିତ ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ରହିଛି। ତେଣୁ ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ଅଭିଜିତ୍ ନକ୍ଷତ୍ର ଅନୁଯାୟୀ ସେହିଦିନ ଦଶହରା ପାଳନ କରିବା ବିଧେୟ। ଶ୍ରୀମନ୍ଦିରରେ ମା' ବିମଳା ବିରାଜମାନ କରୁଥିବାରୁ ପୀଠ ପରମ୍ପରା ଅନୁଯାୟୀ ଅକ୍ଟୋବର ୨୦ ତାରିଖରେ ହିଁ ଦଶହରା ପାଳନ ହେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ, ଅକ୍ଟୋବର ୨୧ ତାରିଖରେ ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବକୁ ଦଶହରା ବଦଳରେ ବିଜୟା ଦଶମୀ ଓ ଆୟୁଧ ପୂଜା ଭାବେ ଉଲ୍ଲେଖ କରିବା ଉଚିତ୍ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତାଙ୍କ ମତରେ, ଉତ୍କଳୀୟ ପୀଠ ପୂଜା ପରମ୍ପରା ଅନୁଯାୟୀ ଦଶମୀ ତିଥିରେ ଦଶହରା ପାଳନ କରାଯାଏ। ଅନ୍ୟପଟେ, ଅକ୍ଟୋବର ୨୧ରେ ମୃଣ୍ମୟ ଦୁର୍ଗାମୂର୍ତ୍ତିଙ୍କ ପୂଜା ବଙ୍ଗୀୟ ପଦ୍ଧତିରେ ହେଉଥିବାରୁ ସେହି ପରମ୍ପରାରେ ଦଶହରା ପାଳନ କରାଯାଉଛି। ତେବେ ଏହା ଉତ୍କଳୀୟ ପରମ୍ପରାର ଆଧାରରେ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ ଏଭଳି ତିଥିଗତ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ଏଡ଼ାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାର୍ଷିକ ପର୍ବପର୍ବାଣି ତାଲିକାରେ 'ଆୟୁଧ ପୂଜା' ଓ 'ବିଜୟା ଦଶମୀ' ଉଲ୍ଲେଖ କରିବା ଉଚିତ୍ ବୋଲି ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର ପରାମର୍ଶ ଦେଇଛନ୍ତି। ଏପରି ଉଲ୍ଲେଖ ରହିଲେ ଦଶହରା ପାଳନକୁ ନେଇ ଭକ୍ତ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦୂର ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ବାର୍‌ହା ଫାଶରେ ଲାଗି ଯୁବକ ମୃତ

■ ସାନଖେମୁଣ୍ଡି,୧୩।୧୦(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ଫାଶରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ପାଟପୁର ଥାନା ପ୍ରତାପଗିରି ଗ୍ରାମର ମେହେଙ୍କାଳ ନାୟକ। ସୂଚନା ମୁତାବକ ସୋମବାର ସଂଧ୍ୟାରେ ମେହେଙ୍କାଳ ନିଜ ଘର କାମ କରିବା ପାଇଁ ଗଙ୍ଗାପୁର ପଞ୍ଚାୟତ ଭାଲୁପଲ୍ଲୀ ଗ୍ରାମକୁ ମିସ୍ତ୍ରି ସନ୍ଧାନରେ ଯାଇଥିଲେ। ମିସ୍ତ୍ରି ବୁଝିସାରି ଘରକୁ ଆସିବା ବେଳେ ଭାଲୁପଲ୍ଲୀ ଗ୍ରାମ ନିକଟରେ ଥିବା ଏକ କଲଭର୍ଟ ପାଖ ଚାଷ ଜମିକୁ ଗୋଡ଼ ଧୋଇବା ପାଇଁ ଯାଇଥିବା ବେଳେ ସେହି କଲଭର୍ଟ ନିକଟରେ ବାର୍‌ହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ମେହେଙ୍କାଳ ଛିଟିକି ହୋଇ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକେ ମେହେଙ୍କାଳକୁ ଉଦ୍ଧାର କରି ସ୍ଥାନୀୟ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମେହେଙ୍କାଳକୁ ମୃତ ଘୋଷଣା କରିଥିଲେ। ଏ ନେଇ ମେହେଙ୍କାଳଙ୍କ ବାପା ନକୁଳ ନାୟକ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ୩୩୧/୨୬ ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। କିଏ ବାର୍‌ହା ଶିକାର ପାଇଁ ତାର ବିଛାଇଥିଲା ତଦନ୍ତ କରିବା ପରେ ଅଭିଯୁକ୍ତକୁ ଗିରଫ କରାଯିବା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସ୍ପର୍ଶରେରେ ହାତୀର ମୃତ ହୋଇଥିବା ବେଳେ ଅନେକ ଗାଈଗୋରୁଙ୍କ ଜୀବନ ଗଲାଣି। ତଥାପି ବନ ବିଭାଗ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଗୋଟିଏ ଓଢ଼ଣୀରେ ଝୁଲିପଡ଼ିଲେ ଦମ୍ପତି

■ ଖଡ଼ିଆଳ,୧୩।୧୦(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ଡୁଆଝର ପଞ୍ଚାୟତର ଭୀମାଖୋଲ ଗ୍ରାମରେ ଏକ କୋଠରିରୁ ଦମ୍ପତିଙ୍କ ମୃତଦେହ ହୋଇଛି। ମୃତକ ହେଲେ ସଂକୀର୍ତ୍ତନ ଗହୀର (୨୩) ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ଗହୀର (୨୦)। ସୂଚନା ଅନୁଯାୟୀ, ସଂକୀର୍ତ୍ତନଙ୍କ ମୃତଦେହ ଖଟଉପରେ ଗୋଡ଼ବନ୍ଧା ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କ ସ୍ତ୍ରୀଙ୍କ ମୃତଦେହ କୋଠରି ଭିତରେ ଓଢ଼ଣୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟେ ରାତିରେ ଖାଇ ଶୋଇଥିବାବେଳେ ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଉଠି ନ ଥିଲେ। ସନ୍ଦେହ ହେବାରୁ ସଂକୀର୍ତ୍ତନଙ୍କ ମାଆ ରୁକ୍ମିଣୀ ଗହୀର ଘରର ସିଡ଼ି ରାସ୍ତା ଦେଇ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ପୁଅ ଓ ବୋହୂଙ୍କ ମୃତଦେହ ଦେଖି ଅନ୍ୟମାନଙ୍କ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ତେବେ ଦମ୍ପତିଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଖବରପାଇ ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଥାନା ଅଧିକାରୀ ସୁମନ୍ତ ନାଏକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ରିପୋର୍ଟପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ସଂକୀର୍ତ୍ତନଙ୍କ ମାଆ ଅଭିଯୋଗ କରିଛନ୍ତି ଯେ ତାଙ୍କ ବୋହୂ ସୁଭଦ୍ରା ତାଙ୍କ ସ୍ୱାମୀକୁ ମାରିବା ପରେ ନିଜେ ଆତ୍ମହତ୍ୟା କରିଛି।

ଆଜି ଛତିଶା ନିଯୋଗ ବୈଠକ

କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ

■ ପୁରୀ,୧୩।୧୦(ସମିସ): ବୁଧବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ୫ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ। ଯେହେତୁ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ସମେତ ଭକ୍ତମାନେ ଅଧିକ ସଂଖ୍ୟାରେ ଆସିବେ ତେଣୁ ନୀତିକାନ୍ତି କିପରି ଠିକ୍ ଭାବେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ। ବ୍ରତଧାରୀମାନେ କିପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ, ମହାପ୍ରସାଦ ଠିକ୍ ସମୟରେ ବାହାରିବ ସେ ନେଇ ଆଲୋଚନା କରାଯିବ।

ଓଲଟ ପାଲଟ

ଦେଉଳକୁ ମୁଖଶାଳା ବଳିଗଲା
କଲେଜର ନିର୍ବାଚନ,
ହୋ ହଲ୍ଲା ପାଇଁ କଲେଜ କ୍ୟାମ୍ପସ
ପ୍ରତି କ୍ଷଣ କମ୍ପମାନ।
ପ୍ରାର୍ଥୀଙ୍କ ପ୍ରଚାର ଶୁଭେ ମୁର୍ଦ୍ଦାବାଦ
ତା ସହିତ ଜୟଗାନ,
କାହିଁ ବୋମା ମାଡ଼ କାହିଁ ଅଣ୍ଡା ମାଡ଼
କାହିଁ ମିଠାଇ ବଣ୍ଟନ।
ଦେଖିଏ ଘଟଣା ଆଖି ମଳି ମଳି
କାନ୍ଦୁ ଅଛି ସମ୍ବିଧାନ॥

- ଯାଯାବର

ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ପ୍ରଧାନଶିକ୍ଷକ ଗିରଫ

■ ଶୁକ୍ଳି, ୧୩।୧୦(ସମିସ): ମୟୂରଭଞ୍ଜରେ ଲଜ୍ଜା। ପୁଣି ପ୍ରଧାନଶିକ୍ଷକଙ୍କ ନାମରେ ଅସଦାଚରଣ ଅଭିଯୋଗ ଆସିଛି। ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ଏକଲବ୍ୟ ବିଦ୍ୟାଳୟର ଘଟଣା ମନରୁ ନ ଲିଭୁଣୁ ଆଉଜଣେ ପ୍ରଧାନଶିକ୍ଷକଙ୍କ କଳା କାରନାମା ସାମ୍ନାକୁ ଆସିଛି। ଘାଗି ଆଶ୍ରମ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାରିପଦାରୁ ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତ ସେପ୍ଟେମ୍ବର ୨୫ ତାରିଖରେ ଶୁକ୍ଳି ବ୍ଲକ ଘାଗି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକୃଷ୍ଣ ପାତ୍ର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟର କବାଟ ଝରକା ବନ୍ଦ କରିବାକୁ ଡାକି ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ପୀଡିତା ଘଟଣା ବିଷୟରେ ହଷ୍ଟେଲର ଦୁଇଜଣ ମେଟ୍ରୋନଙ୍କୁ କହିଥିଲେ। ସେମାନେ ଏହାକୁ ଚାପିଦେବାକୁ ଉଦ୍ୟମ କରିଥିଲେ। ଗତକାଲି ଫୋନ୍ ଯୋଗେ ପୀଡିତା ଛାତ୍ରୀ ତାଙ୍କ ଅଭିଭାବକଙ୍କୁ କହିବା ପରେ ପ୍ରଧାନଶିକ୍ଷକଙ୍କ କଳା କାରନାମା ସାମ୍ନାକୁ ଆସିଛି। ଏ ଘଟଣାକୁ ନେଇ ରରୁଆଁ ଥାନାରେ ପ୍ରଧାନଶିକ୍ଷକ ଶ୍ରୀକୃଷ୍ଣ ପାତ୍ରଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି ପୀଡିତା ଛାତ୍ରୀଙ୍କ ବାପା। ପୁଲିସ ବିଦ୍ୟାଳୟକୁ ଯାଇ ଅଧିକ ତଦନ୍ତ କରି ବିଏନଏସ ଧାରା ୨୦୬/୭୫, ୭୭, ୭୮ ଓ ଆରଡବ୍ଲୁଏସ ଧାରା ୮, ୧୦, ୧୨ ଓ ପକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏ ଖବର ପାଇ ପ୍ରଧାନଶିକ୍ଷକ ଶ୍ରୀ ପାତ୍ର ଫେରାର ହୋଇଯାଇଥିଲେ। ତେବେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ମରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବାରିପଦାରୁ ଗିରଫ କରିଛି।

4001/369/2627

ଟେଣ୍ଟ୍‌ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ RCCB ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍‌ର ISI ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ୍, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ IP (IP ୬୫/IP ୬୬/IP ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।

" ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା "

ଶକ୍ତି ବିଭାଗ, ଓଡ଼ିଶା ସରକାର

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4066/2/26-27/0004

ରୋଚକ ସ୍ଥିତିରେ କନକ ମଞ୍ଜରୀ ନିର୍ବାଚନ

ସଭାନେତ୍ରୀ ପଦ ପାଇଁ କଡ଼ା ଟକ୍କର

ଆନନ୍ଦପୁର, ୧୩।୧୦ (ସମିସ): କେନ୍ଦୁଝର ଜିଲ୍ଲା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ ଏବେ ଉଠୁଛି ପଡୁଛି। ଏଠାରେ ବିଭିନ୍ନ ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କେବଳ ସଭାନେତ୍ରୀ ପଦରେ ୩ ଜଣ ଛାତ୍ରୀ ଲଢୁଥିଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ୨ ଜଣଙ୍କ ମଧ୍ୟରେ ହେଉଥିବା ଛାତ୍ରୀ ମହଲରେ ଆଲୋଚନା ହେଉଛି। ସଭାନେତ୍ରୀ ପଦରେ ବିଜୁ ଛାତ୍ର ଜନତା ପକ୍ଷରୁ ଅନୀମା ଘଡ଼େଇ ଓ ଏବିଭିପିର ନେତ୍ରୀ ଜ୍ୟୋସ୍ନାରାଣୀ ଭୂତିଆଙ୍କ ମଧ୍ୟରେ କଡା ଟକ୍କର ହେଉଛି। ଆଜି ସୁଦ୍ଧା ଜ୍ୟୋସ୍ନା ୪୦ରୁ ଅଧିକ ଗ୍ରାମକୁ ଯାଇ ନିଜ ନିଜ ପାଇଁ ଭୋଟ ଭିକ୍ଷା କରିଛନ୍ତି। ସେହିପରି ଅନ୍ୟତମ ପ୍ରାର୍ଥୀ ଭାବେ ପ୍ରିୟଦର୍ଶିନୀ ସାହୁ ନିଜର ପ୍ରଚାର ଜାରି ରଖିଛନ୍ତି। ସାଧାରଣ ସମ୍ପାଦକ ପଦରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିସିଜେଡିରୁ ଅନନ୍ୟା ସ୍ୱାଇଁ ଓ ଏବିଭିପିରୁ ଶ୍ରଦ୍ଧାଞ୍ଜଳି ଖୁଣ୍ଟିଆ ମୁହାଁମୁହିଁ ହେଉଛନ୍ତି। ଉପସଭାନେତ୍ରୀ ପଦ ପାଇଁ ୨ ଜଣଙ୍କ ମଧ୍ୟରେ ଲଢେଇ ହେଉଥିଲେ ମଧ୍ୟ ମୋନାଲିସା ସାହୁ ଆଗୁଆ ଥିବା କଲେଜରେ ଚର୍ଚ୍ଚା ହେଉଛି। ଦେବସ୍ମିତା ସାହୁଙ୍କ ସହ ତାଙ୍କର ଲଢେଇ ହେଉଛି। ସହ ସମ୍ପାଦକ ପଦରେ କାଜଲ ପାତ୍ର ଓ ବିଉଟି ବେହେରାଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି। କ୍ରୀଡ଼ା ସମ୍ପାଦକ ପଦରେ ବର୍ଷାରାଣୀ ସାହୁ ଓ ସମୀକ୍ଷା ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ମହିଳା କଲେଜ ରାଜନୀତି ଏବେ ଗାଁ ଗାଁକୁ ଛାଇ ଗଲାଣି। ଅପରପକ୍ଷରେ ଗତକାଲି ରାତିରେ କିଛି ପ୍ରାର୍ଥୀଙ୍କର ବ୍ୟାନର କେହି ଚିରି ଦେଇଥିବା ଜଣାପଡ଼ିଛି। ତେବେ କିଛିଦିନ ହେବ ଜଣେ ମାନସିକ ବିକାରଗ୍ରସ୍ତ ମହିଳା କେବଳ ବ୍ୟାନର ଚିରୁଥିବା ବିଭିନ୍ନ ଅଞ୍ଚଳରେ ନଜର ଆସିଥିଲା। ଏହା ମଧ୍ୟ ଉକ୍ତ ମହିଳାଙ୍କ କାର୍ଯ୍ୟ ବୋଲି କଲେଜ ବଜାରରେ ସନ୍ଦେହ କରାଯାଉଛି।

ବିସିଜେଡି ପକ୍ଷରୁ ପ୍ରଚାର ଜୋର୍‌ଦାର

ହାଟଡ଼ିହୀ,୧୩।୧୦(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ନିର୍ବାଚନ ପର୍ବ ପାଇଁ ନିର୍ବାଚନୀ ମାହୋଲ୍ ବେଶ ସରଗରମ୍ ରହିଛି। ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ହାତେଇବା ଲକ୍ଷ୍ୟରେ ଲାଗି ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଥିବା ଦେଖାଯାଇଛି। ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ଏବଂ ସମର୍ଥକମାନେ ପ୍ରଚାର ଚଳେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ପୁସିଂ କାର୍ଡ ଦେଇ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଅନୁରୋଧ କରୁଛନ୍ତି। ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ତାଙ୍କର ଏକମାତ୍ର ଲକ୍ଷ୍ୟ ବୋଲି ଛାତ୍ରନେତାମାନେ ପ୍ରକାଶ କରିଛନ୍ତି।

ଘଟଗାଁ ମହାବିଦ୍ୟାଳୟ ନିର୍ବାଚନ ମାମଲା କୋର୍ଟରେ

କେନ୍ଦୁଝର/ଘଟଗାଁ, ୧୩।୧୦(ସମିସ): କେନ୍ଦୁଝର ଜିଲ୍ଲାର ଘଟଗାଁସ୍ଥିତ ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କୋର୍ଟରେ ମାମଲା ପହଞ୍ଚିଛି। ଏହି ମହାବିଦ୍ୟାଳୟର ଜଣେ ଛାତ୍ର ତାପସ କୁମାର ବେହେରାଙ୍କ ସଭାପତି ପଦ ପାଇଁ ନାମାଙ୍କନପତ୍ରକୁ ବେଆଇନ ଭାବେ ନାକଚ କରିବା ନେଇ ଉକ୍ତ ଛାତ୍ର ସ୍ଥାନୀୟ ଦେୱାନୀ ଅଦାଲତରେ କରିଥିବା ଦେୱାନୀ ମକଦ୍ଦମାକୁ ଅଦାଲତ ଗ୍ରହଣ କରିବା ସହ ଅପରପକ୍ଷ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ଓ ନିର୍ବାଚନ ଅଧିକାରୀଙ୍କୁ ସିଭିଲ କେସ ନଂ ୨/୨୦୨୬ ତଥା ଆଇ ଏ ନଂ ୧/୨୦୨୬ରେ ନୋଟିସ ଜାରି କରିଛନ୍ତି। ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ବରିଷ୍ଠ ଆଇନଜୀବି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ବିଜେଡି ଆଇନଜୀବି ସାମ୍ମୁଖ୍ୟ ସଭାପତି ସଞ୍ଜିତ ଦାସ, ମନୋଜ ବେହେରା ଓ ଅନୀଲ ଦେହୁରୀ ମାମଲା ପରିଚାଳନା କରୁଛନ୍ତି।

କଲେଜରେ ରାଜନୈତିକ ଉଷ୍ମତା

ବିଭିନ୍ନ ପ୍ରକାର ଖାଦ୍ୟ ପରସିଲେ ଛାତ୍ରଛାତ୍ରୀ

ତୁରୁମୁଙ୍ଗା, ୧୩।୧୦(ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ କେନ୍ଦୁଝର ଜିଲ୍ଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇଉଠିଛି। ନିର୍ବାଚନରେ ବିଜୟ ହାସଲ ପାଇଁ ବିଭିନ୍ନ ଛାତ୍ର ସଂଗଠନର ପ୍ରାର୍ଥୀମାନେ ପ୍ରଚାର ଜୋରଦାର କରିଥିବା ବେଳେ ସଭାପତି ପଦକୁ ନେଇ ଚାରି ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିଛି। ବିଶେଷକରି ବିଜୁ ଛାତ୍ର ଜନତା ଦଳ ଓ ଏବିଭିପି ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। ବିଜୁ ଛାତ୍ର ଜନତା ଦଳ ଓ ଏବିଭିପି ଛାତ୍ରଙ୍କ ମଧ୍ୟରେ ଜୋରଦାର ଟକ୍କର ହେଉଛି। ନିର୍ବାଚନ ଜିତିବା ପାଇଁ ଦୁଇ ଦଳର ପ୍ରାର୍ଥୀ ଜୋରଦାର ପ୍ରଚାର କରୁଥିବା ବେଳେ ଏବିଭିପି ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରଚାର ଜୋରଦାର କରଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଧ୍ୟ ପ୍ରାର୍ଥୀମାନେ ଜୋରଦାର ପ୍ରୟାସ ଜାରି ରଖି ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ଅପିଲ କରିଥିଲେ। ଆଜି ପ୍ରଚାରର ଶେଷ ଦିନ ଥିବାରୁ କଲେଜ ବାହାରେ ଉଭୟ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଖାଦ୍ୟରେ ଆପାୟିତ କରିଥିଲେ। ଥଣ୍ଡା, ଆଇସକ୍ରିମଠାରୁ ଆରମ୍ଭ କରି ଗୁପଚୁପ, ବିରିୟାନି ଆଦି ଖାଦ୍ୟ ଦିଆଯାଉଥିଲା। ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ମୋଟ ୧୯ଟି ପଦ ପାଇଁ ନିର୍ବାଚନ ହେଉଥିବା ବେଳେ ସଭାପତି ପଦରେ ୪ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। ଆସନ୍ତା ୧୫ ତାରିଖରେ ମହାବିଦ୍ୟାଳୟ ମୋଟ ୯୪୬ ଜଣ ଛାତ୍ରଛାତ୍ରୀ ଭୋଟ ଦେଇ ପ୍ରାର୍ଥୀଙ୍କଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ସଭାପତି ପଦ ପାଇଁ ଉଭୟ ଦଳ ପକ୍ଷରୁ କ୍ୟାମ୍ପେନିଂ ଜୋରଦାର ଥିବା ବେଳେ ନିର୍ବାଚନ ବୈତରଣୀ ପାରି ହୋଇ କିଏ ବିଜୟର ମୁକୁଟ ପିନ୍ଧୁଛି ତାକୁ ହିଁ ଅପେକ୍ଷା।

ହାତୀ ଆକ୍ରମଣରେ ଛେଳି ଚରାଳି ମୃତ

କେନ୍ଦୁଝର, ୧୩।୧୦(ସମିସ): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ତରମାକାନ୍ତ ବିଟ୍ ଅନ୍ତର୍ଗତ ଜଳଡିହା ଗ୍ରାମରେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଜଣେ ବୃଦ୍ଧ ବୁଦ୍ଧଦେବ ମହାପାତ୍ର(୭୪)ଙ୍କ ମୃତ୍ୟୁ ହୋଇଛି। ଛେଳି ପଲ ସନ୍ଧ୍ୟାରେ ଘରକୁ ଫେରି ଆସିଥିବାବେଳେ ବୃଦ୍ଧଦେବ ଘରକୁ ଫେରି ନଥିଲା। ମଙ୍ଗଳବାର ସକାଳୁ ଜଳହିଆ ଗ୍ରାମର ଲୋକ ଖୋଜାଖୋଜି କରି ଜଙ୍ଗଲରେ ବୃଦ୍ଧଦେବ ମରି ପଡିଥିବାର ଦେଖି ପୁଲିସ ଓ ବନ ବିଭାଗକୁ ସକାଳ ୯ଟାରେ ସୂଚନା ଦେଇଥିଲେ। ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବିଟ୍ ବନପାଳ ମଳୟ ଜେନା, ବାଂଶପାଳ ବିଟ୍ ବନରକ୍ଷୀ ମିଲ୍ଲିରାଣୀ ଦାଶ, ତରମାକାନ୍ତ ବିଟ୍ ବନରକ୍ଷୀ ଚକ୍ରଧର ଜେନା, ନୟାକୋଟ ବିଟ୍ ବନରକ୍ଷୀ ନିଲମ ମହାନ୍ତ, କୁଶକଳା ବିଟ୍ ବନରକ୍ଷୀ ସନାତନ ମହାନ୍ତି ଏବଂ ନୟାକୋଟ ପୁଲିସ ଉପସ୍ଥିତିରେ ଶବ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମୃତକଙ୍କ ପରିବାରବର୍ଗଙ୍କୁ ଅନ୍ତ୍ୟୋଷ୍ଟିକ୍ରିୟା ପାଇଁ ୧ଲକ୍ଷ ଏବଂ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ୯ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର କହିଛନ୍ତି। ଜଳଡିହା ଜଙ୍ଗଲରେ ହାତୀ ରହୁଥିବାରୁ ଜଙ୍ଗଲକୁ ନ ଯିବାକୁ ଗ୍ରାମବାସୀଙ୍କୁ ବନ ବିଭାଗ ତରଫରୁ ବାରଣ କରାଯିବା ସହ ମାଇକିଂ ଯୋଗେ ସଚେତନ କରାଯାଉଛି। ଉକ୍ତ ଅଞ୍ଚଳରେ ୧୯ଟିକିଆ ହାତୀ ପଲ ଗତ କିଛି ଦିନ ହେବ ଅଛନ୍ତି।

ରରୁଆଁ ବ୍ଲକରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ

ଚମ୍ପୁଆ, ୧୩।୧୦(ସମିସ): ରରୁଆଁ ସେବା ସମବାୟ ତରଫରୁ ରରୁଆଁ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ "ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଉପଖଣ୍ଡ ସହକାରୀ ସେବା ସମବାୟ ଅଧିକାରୀ ବସନ୍ତ ନାୟକ ସଭାପତିତ୍ୱ କରୁଥିବାବେଳେ ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରରୁଆଁ ତହସିଲଦାର ଭକ୍ତବନ୍ଧୁ ପ୍ରଧାନ, ବ୍ଲକ ବଡବାବୁ ଧନୁ ସୋରେନ, ଟେକ୍ସଟାଇଲ ଟେକନିକାଲ ଆସିଷ୍ଟାଣ୍ଟ ସୌମେନ୍ଦ୍ର ମାଝୀ, ଏସଏଆରସିଏସ ରମେଶଚନ୍ଦ୍ର ମୁଣ୍ଡା, ଇନ୍ସପେକଟର ଦୀପାଞ୍ଜଳି ମହାନ୍ତ, ଆରଆଇ ହିମାଂଶୁ ଶେଖର ବାରିକ ଯୋଗ ଦେଇଥିଲେ। ପ୍ରାୟ ୧୦ଟି ଏସଏଚଜି ସଭ୍ୟା ଓ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇଥିଲେ। ବିଭିନ୍ନ ପଞ୍ଚାୟତ ସଚେତନ କୃଷକ, ସରପଞ୍ଚ, ସମିତିସଭ୍ୟସଭ୍ୟା, ପିଆରଆଇ ସଭ୍ୟ/ସଭ୍ୟା, ମିଶନ ଶକ୍ତି ସଭ୍ୟା, ଏମବିକେ, ସିଆରପିସଭ୍ୟା ଓ ଜନସାଧାରଣ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବ୍ଲକ ଓ ସେବା ସମବାୟ କର୍ମୀ ସହଯୋଗ କରିଥିଲେ।

ଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଆନନ୍ଦପୁର, ୧୩।୧୦ (ସମିସ): ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ନୟାଗଡର ସଭାଗୃହରେ ପ୍ରଥମ କରି ପ୍ରଥମ ବାର୍ଷିକ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ସରୋଜକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଉପଦେଷ୍ଟା ଯଦୁନାଥ ମଲ୍ଲିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅଧ୍ୟାପିକା ଅର୍ପିତା ଗ୍ରହାଚାର୍ଯ୍ୟ ସଂଯୋଜନା କରିଥିଲେ। ବିଜ୍ଞାନ ବିଭାଗର ଅଧ୍ୟାପିକା ବେଦମାତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ତପନବାଳା ଜେନା, ସ୍ୱାତୀ ବିଶ୍ୱାଳ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଆଗାମୀ ସମୟ ପାଇଁ ନୂତନ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସ୍ନାତକ କଳା ବିଭାଗର ସମସ୍ତ ଅଧ୍ୟାପକଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ବିଜ୍ଞାନ ବିଭାଗର ଅଧ୍ୟାପିକା ଅମ୍ବିକା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଯୋଡ଼ା ଟ୍ରକ୍ ଓନର୍ସ ଆସୋସିଏସନ୍ ନିର୍ବାଚନ

ରାଜେଶ ରୋଶନ ଓ ରବିନାରାୟଣ ଦାସଙ୍କ ବାଜିମାତ୍

ଚମ୍ପୁଆ/ଯୋଡ଼ା, ୧୩।୧୦(ସମିସ): ଯୋଡ଼ା ଟ୍ରକ୍ ଓନର୍ସ ଆସୋସିଏସନ୍‌ର ନିର୍ବାଚନରେ ସଭାପତି ପଦରେ ରାଜେଶ ରୋଶନ ଏବଂ ସମ୍ପାଦକ ପଦରେ ରବିନାରାୟଣ ଦାସ ବିଜୟୀ ହୋଇଛନ୍ତି। ଗତ ୧୨ ତାରିଖରେ ଅନୁଷ୍ଠିତ ଏହି ନିର୍ବାଚନରେ ସଂଘର ବହୁସଂଖ୍ୟକ ଟ୍ରକ୍ ମାଲିକ ସଦସ୍ୟ ମତଦାନ କରିଥିଲେ। ସକାଳ ୭ଟାରୁ ଆରମ୍ଭ ହୋଇଥିବା ଭୋଟଗ୍ରହଣ ପ୍ରକ୍ରିୟା ୪ଟା ପର୍ଯ୍ୟନ୍ତ ଚାଲିଥିଲା। ମତଦାନ ଶେଷ ହେବା ପରେ ଭୋଟ ଗଣତି ଆରମ୍ଭ ହୋଇଥିଲା ଏବଂ ରାତି ପ୍ରାୟ ୧୦ଟା ସୁଦ୍ଧା ଫଳାଫଳ ପ୍ରକାଶ ପାଇଥିଲା।

ସଭାପତି ପଦ ପାଇଁ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତାରେ ରାଜେଶ ରୋଶନ ୫୪୨ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମାତା ଜୟସ୍ୱାଲ ୫୧୫ ଖଣ୍ଡ ଭୋଟ ପାଇଥିଲେ। ଫଳରେ ରାଜେଶ ରୋଶନ ୨୭ ଖଣ୍ଡ ଭୋଟରେ ବିଜୟୀ ହୋଇ ସଭାପତି ପଦ ହାତେଇଛନ୍ତି। ଅନ୍ୟପକ୍ଷରେ, ସମ୍ପାଦକ ପଦ ପାଇଁ ରବି ନାରାୟଣ ଦାସ ୬୪୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁଶାନ୍ତ ବାରିକ ୪୧୭ ଖଣ୍ଡ ଭୋଟ ପାଇଥିଲେ। ରବି ନାରାୟଣ ଦାସ ୨୨୪ ଖଣ୍ଡ ଭୋଟର ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ଏହି ନିର୍ବାଚନରେ ସହସମ୍ପାଦକ ଭାବେ ମହେଶ ସିଂହ, ଉପସଭାପତି ଭାବେ ଦୀପକ ମହାନ୍ତ ଏବଂ କୋଷାଧ୍ୟକ୍ଷ ଭାବେ ଗୌତମ ବେହେରା ନିର୍ବାଚିତ ହୋଇଛନ୍ତି। ଫଳାଫଳ ଘୋଷଣା ପରେ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଭୋଟ ଗଣତି ସମୟରେ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା ଏବଂ ବଡ଼ବିଲ ଏସ୍‌?ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଉପସ୍ଥିତ ରହିଥିଲେ। ଯୋଡ଼ା ଖଣି ଅଞ୍ଚଳରେ ଟ୍ରକ୍ ପରିବହନ ବ୍ୟବସାୟରେ ନିୟୋଜିତ ମାଲିକମାନଙ୍କ ପାଇଁ ଆସୋସିଏସନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରିବହନ ସମ୍ବନ୍ଧୀୟ ସମସ୍ୟାର ସମାଧାନ, ଟ୍ରକ୍ ମାଲିକଙ୍କ ସ୍ୱାର୍ଥରକ୍ଷା ଏବଂ ସଂଘର କାର୍ଯ୍ୟକଳାପକୁ ସୁଦୃଢ଼ କରିବା ନୂତନ କର୍ମକର୍ତ୍ତାଙ୍କ ପାଇଁ ଆହ୍ୱାନ ରହିବ। ନୂତନ ନେତୃତ୍ୱରେ ସଂଘର କାର୍ଯ୍ୟଧାରା ଆଗକୁ ବଢ଼ିବା ସହ ସଦସ୍ୟମାନଙ୍କ ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ ପାଇଛି।

ଦିନ ଦ୍ୱିପ୍ରହରରେ ଘରେ ପଶି ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ

ତୁରୁମୁଙ୍ଗା, ୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ମୁରୁସୁଆଁ ଗ୍ରାମରେ ଲୁଟ ଉଦ୍ଦେଶ୍ୟରେ ଦିନ ଦ୍ୱିପହରେ ୩ଜଣ ମୁଖାଧାରୀ ଦୁର୍ବୃତ୍ତ ପାଚେରି ଡେଇଁ ଘରେ ପଶି ବନ୍ଧୁକ ଦେଖାଇ ସୁନା ଗହଣା ମାଜିବାକୁ ମାଗିଥିଲେ। ଘର ମାଲିକଙ୍କ ସ୍ତ୍ରୀ ସାହସିକତାର ସହ ପ୍ରତିବାଦ କରିବାରୁ ଲୁଟ୍ ଉଦ୍ୟମ ଫେଲ ମାରିଛି। ମଙ୍ଗଳବାର ପ୍ରାୟ ଗୋଟାଏ ସମୟରେ ଗ୍ରାମର ପ୍ରଶାନ୍ତ ସାହୁଙ୍କ ଘରକୁ ଦୁର୍ବୃତ୍ତମାନେ ପଶିଥିଲେ। ପରେ ବନ୍ଧୁକ ଦେଖାଇ ସୁନା ଗହଣା ଦେବାକୁ ଧମକ ଦେଇଥିଲେ। ମାତ୍ର ଦୁର୍ବୃତ୍ତଙ୍କ ଧମକରେ ଭୟଭୀତ ନ ହୋଇ ପ୍ରଶାନ୍ତଙ୍କ ସ୍ତ୍ରୀ ବୁନି ସାହୁ ସାହସର ସହ ପ୍ରତିବାଦ କରି ଦୁର୍ବୃତ୍ତଙ୍କ ଉପରକୁ ପନିକି ଓ ଖୁଣ୍ଟୁଣି ଫିଙ୍ଗିଥିଲେ। ଯାହା ଫଳରେ ଦୁର୍ବୃତ୍ତମାନେ ପୁଣି ପାଚେରି ଡେଇଁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିବା ବେଳେ ଖବର ପାଇ ତୁରୁମୁଙ୍ଗା ଥାନା ଅତିରିକ୍ତ ଥାନାଧିକାରୀ ସବିତା ନାଏକ ତଦନ୍ତ ଆରମ୍ଭ କରି ବିଭନ୍ନ ସିସିଟିଭିକୁ ଯାଞ୍ଚ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଜାରି ରଖିଥିବା ଜଣାପଡ଼ିଛି। ତୁରୁମୁଙ୍ଗା ଥାନାଞ୍ଚଳରେ ବ୍ୟବସାୟୀ ତ୍ରିଲୋଚନଙ୍କ ହତ୍ୟା ଘଟଣା ପରଠାରୁ ତୁରୁମୁଙ୍ଗା ପୁଲିସ ଦିନରାତି ଏକ କରି ବିଭିନ୍ନ ସ୍ଥାନରେ ନାକାବନ୍ଦି କରି ଚେକିଂ ବ୍ଲକିଙ୍ଗକୁ ଜୋରଦାର କରିଥିଲେ ମଧ୍ୟ ଲୁଟେରାମାନେ ଖୋଲା ଚ୍ୟାଲେଞ୍ଜ ଦେଇ ଏଭଳି ଲୁଟ କରିବାକୁ ପଛାଉ ନାହାନ୍ତି। ଗତ ଅପ୍ରେଲ ୨୭ ତାରିଖରେ ତୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମର ବାଘମରା ସାହିର ଶିକ୍ଷକ ପିତାମ୍ବର ମହାନ୍ତଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହଚିଲିଦା ଗ୍ରାମର ଯଦୁମଣି ମହାନ୍ତଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିଲା। ସେହିପରି ସେପ୍ଟେମ୍ବର ୮ ତାରିଖରେ ତୁରୁମୁଙ୍ଗା ଚମ୍ପୁଆ ରାସ୍ତାର ଲକ୍ଷପଶି ରାସ୍ତା କଡରେ ଥିବା କଳ୍ପନା ମହାନ୍ତଙ୍କ ଘରୁ ଦିନବେଳେ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ଲୁଟିନେଇ ଥିଲେ ଏଥିସହ ସେପ୍ଟେମ୍ବର ୧୦ ତାରିଖରେ ବିଲା ଗ୍ରାମର ପଦ୍ମଲୋଚନଙ୍କ ଘରୁ ଦିନ ଦ୍ୱିପହରରେ ସୁନା ଗହଣା ଲୁଟି ନେଇ ଦୁର୍ବୃତ୍ତ ଫେରାର ହେଉଥିବା ବେଳେ ଘର ମାଲିକ ପିଛା କରିବାରୁ ଭୁଜାଲି ଦେଖାଇ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। କୌଣସି ଲୁଟେରା ଓ ଦୁର୍ବୃତ୍ତଙ୍କୁ ପୁଲିସ ଏ ପର୍ଯ୍ୟନ୍ତ ଧରିବାରେ ସକ୍ଷମ ହୋଇ ପାରିନାହିଁ।

ବୈତରଣୀରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ହତ୍ୟା ସନ୍ଦେହ

ତୁରୁମୁଙ୍ଗା, ୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଜୁମେଇଁ ଗାଁ ନିକଟ ବୈତରଣୀ ନଦୀର ସିନ୍ଦୁରିଗୌରୀ ଘାଟରୁ ମଙ୍ଗଳବାର ସକାଳୁ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ପୁଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ଉଦ୍ଧାର କରି ଶବ ଜବତ ପରେ କେନ୍ଦୁଝର ଶବାଗାରକୁ ପଠାଇଛି। ମଙ୍ଗଳବାର ସକାଳୁ ମୃତଦେହଟି ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ପରେ କେହି ନଦୀରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଥିବା ବେଳେ ତୁରୁମୁଙ୍ଗା ଥାନାରେ ୩୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି। ତୁରୁମୁଙ୍ଗା ଥାନା ଏସଆଇ ଅନନ୍ତ ନାଏକ ଘଟଣାର ତଦନ୍ତ କରୁଛନ୍ତି।

ସର୍ଟସର୍କିଟ୍‌ରୁ ଜଳିଗଲା ସ୍କର୍ପିଓ

ବଡବିଲ,୧୩।୧୦(ସମିସ): ସର୍ଟସର୍କିଟ୍ ଯୋଗୁଁ ଛିଡ଼ା ହୋଇଥିବା ଏକ ସ୍କର୍ପିଓ ଗାଡ଼ିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଥିବା ଉକ୍ତ ଗାଡ଼ି (ଓଡ଼ି୦୯ ଜେଡ୍- ୦୪୪୦) ରେ ହଠାତ୍ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ପାଇ ବଡବିଲ ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରାଯାଇଥିଲା।

ଓଷ୍ଟା ଆନନ୍ଦପୁର ନୂଆ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୧୩।୧୦ (ସମିସ): ପିଏମଶ୍ରୀ ଝାଡ଼େଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଆନନ୍ଦପୁର ବ୍ଲକ ଓଷ୍ଟାର ନୂଆ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ଆଲୋକ ରଣାଙ୍କ ସଭାପତିତ୍ୱରେ ଓଷ୍ଟା ଆନନ୍ଦପୁର ସାମ୍ବିଧାନିକ ସମ୍ମିଳନୀରେ ମୁଖ୍ୟଅତିଥି ରୂପେ କେନ୍ଦୁଝର ଓଷ୍ଟା ସଭାପତି ତଥା ପର୍ଯ୍ୟବେକ୍ଷକ ଶାନ୍ତନୁ ମିଶ୍ର, ପ୍ରାକ୍ତନ ସମ୍ପାଦକ ଚିନ୍ତାମଣି ଜେନା ଜିଲ୍ଲା ଓଷ୍ଟା ସଂପାଦକ କ୍ଷୀରୋଦ ରାଉତ, ପ୍ରାକ୍ତନ ରାଜ୍ୟ ସଂପାଦକ ଓଷ୍ଟା କାହ୍ନୁଚରଣ ସାମଲ, ଓଷ୍ଟାରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ଞାନ ଦେଓ, ଜିଲ୍ଲା ଉପସଭାପତି ଓଷ୍ଟା ମନୋଜ ପଣ୍ଡା, କାର୍ଯ୍ୟକାରୀ ସଭାପତି ଓଷ୍ଟା କେନ୍ଦୁଝର ସୁଧାକର ପଣ୍ଡା, ବାଂଶପାଳ ଓଷ୍ଟା ବ୍ଲକ୍ ସଂପାଦକ ସୁଶାନ୍ତ ବେହେରା, ଜିଲ୍ଲା ଯୁଗ୍ମ ସଂପାଦକ ଓଷ୍ଟା ପର୍ଯ୍ୟବେକ୍ଷକ ଅନିରୁଦ୍ଧ ସେଠୀ, ଓଷ୍ଟା ରାଜ୍ୟ ଉପଦେଷ୍ଟା ଭିକାରୀ ଚରଣ ସାହୁ, ସମ୍ବର୍ଦ୍ଧିତ ବିଦାୟୀ ଆନନ୍ଦପୁର ବ୍ଲକ୍ ଓଷ୍ଟାର ସଭାପତି ବିଜୟ ସୁର, ସଂପାଦକ ପ୍ରଦୀପ ହଜାରୀ ଯୋଗ ଦେଇଥିଲେ। ଉପଦେଷ୍ଟା ଭାବେ ବିଜୟ କୁମାର ସୁର ପ୍ରଦୀପ କୁମାର ହଜାରୀ ରହିଥିବାବେଳେ, ସଭାପତି ରାଜୀବ ଲୋଚନ ନାଇକ, କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ରାମ, ସମ୍ପାଦକ ନିରାକାର ମହାପାତ୍ର ଉପସଭାପତି ଚିତ୍ତରଞ୍ଜନ ଦାସ ଓ ମନ୍ଦାକିନୀ ବେହେରା, ଯୁଗ୍ମ ସଂପାଦକ ନୟନ ପାଢୀ ଓ ଗୀତାରାଣୀ ମିଶ୍ର, ରାଜ୍ୟ ପରିଷଦ ସଭ୍ୟ ଅନାଦି ଚରଣ ବେହେରା, ବୃନ୍ଦାବନ ଷଡଙ୍ଗୀ, ରଞ୍ଜନ ଜେନା, ଜିଲ୍ଲାକାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିରଞ୍ଜନ ବେହେରା ଗୌରାଙ୍ଗ ଚରଣ ଦାସ, ହରମୋହନ ପାଢୀ, ସୌଜନ୍ୟ ପଣ୍ଡା, ଏବଂ କଳ୍ପତରୁ ରଣା ପ୍ରମୁଖ ମନୋନୀତ ହୋଇଥିଲେ। ସମସ୍ତଙ୍କୁ ରାଜ୍ୟ ଉପଦେଷ୍ଟା ଭିକାରୀ ଚରଣ ସାହୁ ଶପଥ ପାଠ କରାଇଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ସାହୁ, ଶିକ୍ଷୟିତ୍ରୀ ବାଣୀ ଆଦିତି ପରିଡ଼ା, କର୍ମଚାରୀ ସୁଭେନ୍ଦୁ ପଟ୍ଟନାୟକ ଏବଂ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ। ରଞ୍ଜନ ଜେନା ସଂଯୋଜନା କରିଥିଲେ।

ତେଲକୋଇ ବିଜେଡିରେ ବିଶୃଙ୍ଖଳାକାରୀଙ୍କ ସ୍ଥାନ ନାହିଁ: ବ୍ଲକ୍ ସଭାପତି

ତେଲକୋଇ, ୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବିଜେଡ଼ିରେ ବିଶୃଙ୍ଖଳାକାରୀଙ୍କ ସ୍ଥାନ ନାହିଁ। ଏଭଳି ଚରମବାଣୀ ଶୁଣାଇ ଚେତାବନୀ ଦେଇଛନ୍ତି ବ୍ଲକ ବିଜେଡ଼ି ସଭାପତି ନାରାୟଣ ନାୟକ। ଗତକାଲି କେତେକ କୁଚକ୍ରୀ, ଦଳ ବିରୋଧୀ ଓ ଦଳରୁ ବହିଷ୍କୃତ ବ୍ୟକ୍ତି ଷଡ଼ଯନ୍ତ୍ର କରି ଦଳ ଭିତରେ ବିଭାଜନ ଓ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ସଂଗଠନ ନାଁରେ ଦଳୀୟ ପ୍ରାର୍ଥୀ ନିମନ୍ତେ ଆଶାୟୀଙ୍କୁ ମତାଇ ଓ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଭ୍ରମିତ କରି ଏକ ସମାନ୍ତରାଳ ସଭା ଆୟୋଜନ କରିଥିଲେ। ଶୃଙ୍ଖଳିତ ଦଳୀୟ ସମର୍ଥକ ଏକଥା ହୃଦୟଙ୍ଗମ କରି ପରବର୍ତ୍ତୀ ସମୟରେ ଏହାକୁ ନାପସନ୍ଦ କରିଛନ୍ତି। ଯେଉଁମାନେ ଗତ ୨୦୨୪ ସାଧାରଣ ନିର୍ବାଚନରେ ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟ ସିଦୁଙ୍କୁ ବିଧାୟକ ପ୍ରାର୍ଥୀ ନ କରିବାକୁ ଅଡିବସି ସାଂସଦ ପ୍ରାର୍ଥୀକୁ ପରିବର୍ତ୍ତନ କରି ହରାଇବାରେ ସଂପୃକ୍ତ ରହିଥିଲେ। ସେହି ବିଦ୍ରୋହୀ ଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମଧ୍ୟ ଏକ ପ୍ରେସ ବିଜ୍ଞପ୍ତିରେ ବ୍ଲକ ସଭାପତି ନାରାୟଣ ନାୟକ ଜଣାଇଛନ୍ତି।

ଦୁର୍ଗାପୂଜାରେ ଡିଜେ ମନା

ଶାନ୍ତି ଓ ଭାଇଚାରା ରକ୍ଷା ଉପରେ ଗୁରୁତ୍ୱ

ଚମ୍ପୁଆରେ ଉପଖଣ୍ଡସ୍ତରୀୟ ସ୍ୱତନ୍ତ୍ର ଶାନ୍ତି କମିଟି ବୈଠକ

ଚମ୍ପୁଆ, ୧୩।୧୦(ସମିସ): ଦୁର୍ଗାପୂଜାର ଆନନ୍ଦ ଓ ଉତ୍ସବ ମଧ୍ୟରେ ଶାନ୍ତିଶୃଙ୍ଖଳା ଏବଂ ସାମାଜିକ ସଦ୍‌ଭାବନା ବଜାୟ ରଖିବାକୁ ଚମ୍ପୁଆ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଉପଜିଲ୍ଲାପାଳଙ୍କ ସଭାଗୃହରେ ଉପଖଣ୍ଡସ୍ତରୀୟ ସ୍ୱତନ୍ତ୍ର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଶୁଭଦର୍ଶୀ ଯୋଶୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପୂଜା ସମୟରେ ଡିଜେ ବାଜା ବ୍ୟବହାର ନକରିବାକୁ ବାରଣ କରାଯାଇଥିଲା। ପୂଜା ମଣ୍ଡପ ଓ ମେଳା ପରିସରରେ ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା, ସହରରେ ସିସିଟିଭି କ୍ୟାମେରାର କାର୍ଯ୍ୟକ୍ଷମତା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ନୋ-ଏଣ୍ଟ୍ରି ସମୟସୀମା ବୃଦ୍ଧି ସମ୍ପର୍କରେ ମଧ୍ୟ ବିଚାରବିମର୍ଶ ହୋଇଥିଲା। ଏଥିସହ ମେଳାରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ମାନ ଯାଞ୍ଚ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ତହସିଲଦାର ସତ୍ୟବ୍ରତ ସାହୁ, ବିଡିଓ ସ୍ମୃତିରଞ୍ଜନ ସାହୁ, ଚିକିତ୍ସାଧିକାରୀ ବିଜୟ କେତନ ଦାସ, ଡାକ୍ତର ବେଞ୍ଜାମିନ ସିରକାଙ୍କ ସମେତ ଚମ୍ପୁଆ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ, ବାରିଆ ଥାନାଧିକାରୀ ମୁକୁନ୍ଦ ନାୟକ ଓ ଝୁମ୍ପୁରା ଥାନାଧିକାରୀ ସମବାରୀ ହେମ୍ବ୍ରମ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେଇ ଉତ୍ସବ ପରିଚାଳନା ସମ୍ପର୍କିତ ମତାମତ ରଖିଥିଲେ। ପାର୍ବଣ କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ସାମାଜିକ ଏକତା ଓ ଭାଇଚାରାର ପ୍ରତୀକ। ଏହି ଲକ୍ଷ୍ୟ ନେଇ ବୈଠକରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

୫୩ ବର୍ଷରେ କାନପୁର ଶାରଦୀୟ ଦୁର୍ଗାପୂଜା



ଆନନ୍ଦପୁର, ୧୩।୧୦ (ସମିସ): ସବୁଠି ମା ଦୁର୍ଗାଙ୍କ ପୂଜା ପାଇଁ ଚାଲିଛି ପ୍ରସ୍ତୁତି। ମୂର୍ତ୍ତି ଗଢ଼ାଠାରୁ ଆରମ୍ଭ କରି ତୋରଣ ସଜାରେ ଲାଗିପଡିଛନ୍ତି କାରିଗର। ମା'ଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ କାନପୁର ଗ୍ରାମ। ଚଳିତ ବର୍ଷ ଏଠାକାର ପୂଜା ୫୩ ବର୍ଷରେ ପହଞ୍ଚିଛି। ପୂଜାକୁ ସଫଳ କରିବା ପାଇଁ କମିଟିର କର୍ମକର୍ତ୍ତାମାନେ ଲାଗିପଡିଛନ୍ତି। ପ୍ରମୁଖ ଶକ୍ତି ଉପାସନା ପୀଠ ଭାବରେ କାନପୁର ଗ୍ରାମର ସ୍ୱତନ୍ତ୍ର ଖ୍ୟାତି ରହିଛି। ପ୍ରତିବର୍ଷ କାନପୁର ଗ୍ରାମରେ ଉଭୟ ମା' ବାସନ୍ତୀ ଦୁର୍ଗାପୂଜା ଓ ଶାରଦୀୟ ଦୁର୍ଗାପୂଜା ଧୁମଧାମରେ ପାଳନ କରାଯାଉଛି। ଚଳିତବର୍ଷ କାନପୁରରେ ଶାରଦୀୟ ଦୁର୍ଗାପୂଜା କମିଟି ତାର ୫୩ତମ ପୂଜା ଉତ୍ସବ ପାଳନ କରୁଛି। ୧୯୭୩ରୁ ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ଚକ୍ରଙ୍କ ଉଦ୍ୟମରେ ଗ୍ରାମବାସୀଙ୍କ ଦ୍ୱାରା ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ସେବେଠାରୁ ପୂଜା ପାଳନ କରାଯାଉଛି। ଏହି ଉପଲକ୍ଷେ ଗ୍ରାମବାସୀଙ୍କ ଦ୍ୱାରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ପକ୍ଷରୁ ୬ ଦିନ ବ୍ୟାପୀ ଉଭୟ ମା'ଙ୍କ ପୀଠ ଓ ମୃଣ୍ମୟୀ ମୂର୍ତ୍ତି କରାଯିବ। ମୂର୍ତ୍ତି ନିର୍ମାଣ କାମ ନିଜ ଗ୍ରାମର ଶିଳ୍ପୀ ବ୍ରଜକିଶୋର ଚକ୍ରଙ୍କ ଦ୍ୱାରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁଉଚ ତୋରଣ ସହ ଗ୍ରାମକୁ ରଙ୍ଗୀନ ଆଲୋକରେ ସଜାଯିବ। ପୁରା ଗ୍ରାମରେ ପାର୍ବଣର ମାହୋଲ ଦେଖିବାକୁ ମିଳୁଛି। କମିଟିର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୬ ତାରିଖରେ ଷଷ୍ଠୀ ପୂଜା, ବିଲ୍ୱାଧୀବାସ ଅନୁଷ୍ଠିତ ହେବ। ୧୭ ତାରିଖରେ କଳସଯାତ୍ରା ପରେ ବିଲ୍ୱବରଣ, ମହାସପ୍ତମୀ ପୂଜା ଓ ଚଣ୍ଡୀପାଠ କରାଯିବ। ୧୮ ତାରିଖରେ ମହାଷ୍ଟମୀ ପୂଜା ଚଣ୍ଡୀପାଠ, ବ୍ରତବନ୍ଧନ, ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତା, ଭଜନ ସମାରୋହ ଅନୁଷ୍ଠିତ ହେବ। ୧୯ ତାରିଖରେ ମହାନବମୀ ପୂଜା, ଚଣ୍ଡୀପାଠ, ବ୍ରତବନ୍ଧନ, ସନ୍ଧିପୂଜା ଓ ବଳିଦାନ, ସାଧାରଣଜ୍ଞାନ ପ୍ରତିଯୋଗିତା ହେବ। ୨୦ ତାରିଖରେ କୁମାରୀପୁଜନ, ପୂର୍ଣ୍ଣାହୁତି, ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ। ରାତି ୧୧ ଘଟିକାରେ ଗ୍ରାମବାସୀଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବ। ୨୧ ତାରିଖରେ ବିଜୟାଦଶମୀ, ଅପରାଜିତା ପୂଜା, ଏ ଅଞ୍ଚଳର ପ୍ରସିଦ୍ଧ ଲାଖବିନ୍ଧା, ଖଣ୍ଡାଖେଳ ଓ ଅନ୍ୟାନ୍ୟ ଶାରୀରିକ କ୍ରୀଡା ପ୍ରତିଯୋଗିତା। ଉଦଯାପନୀ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯିବ। ପୁରସ୍କାର ବିତରଣ ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଓ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ରାତ୍ର ୧୦ଟାରେ ମା'ଙ୍କ ଘଟ ବିଦାୟ ଯାତ୍ରା ଅନୁଷ୍ଠିତ ହେବ। ରାତ୍ର ୧୧ଟାରେ ଗ୍ରାମବାସୀଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବ। ୨୨ରେ ମା'ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ। ଶୋଭାଯାତ୍ରାର ବିଶେଷ ଆକର୍ଷଣ ସିଂହବାଦ୍ୟ, ଘଣ୍ଟୁଆ ଓ ଯୋଡିଶଙ୍ଖ ରହିବ ବୋଲି କମିଟି ପକ୍ଷରୁ ଚୂଡାନ୍ତ ହୋଇଛି।

୧୫୯ ବର୍ଷର ଫକିରପୁରର ଆଦ୍ୟ ଦୁର୍ଗା ଅନୁଷ୍ଠାନ

୨୦୧୨ରୁ ଚାନ୍ଦି ମେଢ଼ରେ ପୂଜା ପାଉଛନ୍ତି ମା'

ଆନନ୍ଦପୁର, ୧୩।୧୦ (ସମିସ): ୧୮୬୭ରେ ସ୍ଥାପିତ ହୋଇ ପୂଜା ପାଇଆସୁଛନ୍ତି ମାଆ ଦୁର୍ଗା ଦେବୀ। ୨୦୧୨ରୁ ଚାନ୍ଦୀ ମେଢ଼ରେ ମୃଣ୍ମୟୀ ଦେବୀ ପୂଜାପାଉଛନ୍ତି। ଫକିରପୁର ଗ୍ରାମବାସୀଙ୍କ ସହଯୋଗରେ ଅତି ଧୁମ୍ ଧାମରେ ଦଶହରା ପାଳନ ହୁଏ। ଏଠି ମାଆ ଚଳନ୍ତି ଦେବୀ ଏବଂ ପ୍ରତ୍ୟେକ୍ଷ ଦେବୀ ରୂପେ ପ୍ରତିଷ୍ଠା ଲାଭ କରିଛନ୍ତି। ଗୋପୀନାଥ ପଣ୍ଡା, ବାବୁଲି ମିଶ୍ର, ସୁଶାନ୍ତ ମିଶ୍ର ଏବଂ କୁନା ପଣ୍ଡା ପୂଜକ ରୂପେ ମାଆଙ୍କ ପୂଜା ନୀତି ଦାୟିତ୍ୱରେ ଅଛନ୍ତି। ଏହି ଅନୁଷ୍ଠାନର ବିଶେଷତ୍ୱ ଏହା ଯେ ମାଆଙ୍କର ଭସାଣିରେ ହଜାର ହଜାର ଭକ୍ତ ସାମିଲ ହୋଇଥାନ୍ତି। ମାଆଙ୍କ ମୂର୍ତ୍ତିଙ୍କୁ ନିଜ କାନ୍ଧରେ ଧରି ହଜାର ହଜାର ଭକ୍ତ ନିଜକୁ ସମର୍ପଣ ସହ ଭସାଣୀରେ ସାମିଲ କରିଥାନ୍ତି।

ଡିଗ୍ରୀ କଲେଜରେ ବାଲ୍ୟବିବାହ ସଚେତନତା

କୁଆମରା,୧୩।୧୦(ସମିସ): ବାଲ୍ୟ ବିବାହ ଓ ମାତୃତ୍ୱ ବୃଦ୍ଧି ପାଇବା ଏବେ ସମାଜର ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଦିନକୁ ଦିନ ବିବାହ ଓ ମାତୃତ୍ୱ ବୃଦ୍ଧି ପାଇ ଚାଲିଛି। ବିଶେଷକରି ଗ୍ରାମାଞ୍ଚଳରେ ଏହି ପରିସ୍ଥିତି ଅଧିକ ଦେଖାଦେଉଛି। ସରକାରଙ୍କ ନିୟମ କଡାକଡି ଥିଲେ ମଧ୍ୟ ଏହି ନିୟମକୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲଂଘନ କରାଯାଉଛି। ୧୫/୧୬ ବର୍ଷର ଝିଅ ବିବାହ କରି ମାତୃତ୍ୱ ଲାଭ କରୁଛନ୍ତି। ଫଳରେ ନବଜାତ ସନ୍ତାନ ବିକଳାଙ୍ଗ କିମ୍ବା ଦୁର୍ବଳ ହୋଇ ଜନ୍ମ ନେଉଛି। ଏହି ବାଲ୍ୟବିବାହ ରୋକିବା ପାଇଁ ସମନ୍ୱିତ ଶିଶୁ ବିଭାଗ ଫେଲ ମାରିଥିବାବେଳେ ଏହା ବିଭିନ୍ନ ବିଦ୍ୟାଳୟ ଓ କଲେଜରେ ସଚେତନତା କରାଯାଉଛି। ଆଜି ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଓଡିଆ ବିଭାଗ ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ ଓ ଗଣିତ ବିଭାଗ ଅଧ୍ୟାପକ ଉଦିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜନସାଧାରଣଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଉପରକଡଦା ନିକଟରେ ନାଟକ ମାଧ୍ୟମରେ ସଚେତନତା କରାଯାଇଥିଲା। ଅଧ୍ୟକ୍ଷ ପ୍ରଭାତ କୁମାର ସେନାପତି, ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ଅବନୀ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଅମର୍ଦା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ

ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନଶୁଣାଣି

ରାସଗୋବିନ୍ଦପୁର, ୧୩।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ଅମର୍ଦା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ନିମନ୍ତେ ପାଟଗଡ଼ିଆ ଓ ମହୁଲିଆ ମୌଜାର ବ୍ୟକ୍ତିଗତ ଜମି ଅଧିଗ୍ରହଣକୁ ନେଇ ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦୃଷ୍ଟି ଅନୁଷ୍ଠାନର ସଂଯୋଜକ ମନୋରଞ୍ଜନ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଏହି ଜନଶୁଣାଣିରେ ଭୂ-ଅର୍ଜନ ଅଧିକାରୀ ଶିବରାମ ମୁଣ୍ଡା, ଆରଟିଓ ପ୍ରଶାନ୍ତ ପରିଡ଼ା, ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସ, ଅତିରିକ୍ତ ତହସିଲଦାର କବିତା ଟୁଡୁ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ କୁମାର ନାଏକ ଓ ପୂର୍ବତନ ଉପଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଟଗଡ଼ିଆ ଓ ମହୁଲିଆ ମୌଜାର ଜମି ହରାଇବାକୁ ଥିବା ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନିଜ ମତାମତ ରଖିଥିଲେ। ଅଞ୍ଚଳର ବିକାଶ ଓ ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ଜମି ଅଧିଗ୍ରହଣକୁ ନେଇ ଜମି ମାଲିକ ସହଯୋଗ କରିବାକୁ ପ୍ରସ୍ତୁତ ଥିବା ପ୍ରକାଶ କରିଥିଲେ। ତେବେ ଜମି ହରାଉଥିବା ପରିବାରଗୁଡ଼ିକୁ ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଏହାର ଉତ୍ତରରେ ତହସିଲଦାର ଉପେନ୍ଦ୍ର କୁମାର ଦାସ ଜମି ଅଧିଗ୍ରହଣ ଦ୍ୱାରା କ୍ଷତିଗ୍ରସ୍ତ ଜମି ମାଲିକଙ୍କୁ ୨୦୧୩ର ଭୂ-ଅଧିଗ୍ରହଣ ଆଇନ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

● ସାରସକଣାରେ ବିଜେପିକୁ ଝଟ୍‌କା

ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ପୂର୍ବତନ ଉପସଭାପତି ମଳୟ

ସାରସକଣା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଫାଟ ଦେଖାଦେଇଛି। ଦଳୀୟ ଅବହେଳା ଓ ନେତୃତ୍ୱଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ସାରସକଣା ମଣ୍ଡଳର ପୂର୍ବତନ ଉପସଭାପତି ତଥା ଝାରପୋଖରିଆ ମଣ୍ଡଳର ପୂର୍ବତନ ସାଧାରଣ ସମ୍ପାଦକ ମଳୟ କୁମାର ନାୟକ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫା ପତ୍ର ବିଜେପି ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଇ ଦେଇଥିବା ଜଣାପଡ଼ିଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କର ଏହି ନିଷ୍ପତ୍ତି ସ୍ଥାନୀୟ ଅଞ୍ଚଳରେ ଦଳ ପାଇଁ ବଡ଼ କ୍ଷତି ପହଞ୍ଚାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ଶ୍ରୀ ନାୟକ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ୨୦୧୬ରେ ବିଜେପିରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ଝାରପୋଖରିଆ ମଣ୍ଡଳ ସାଧାରଣ ସମ୍ପାଦକ ଓ ସାରସକଣା ମଣ୍ଡଳ ଉପସଭାପତି ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଇବା ସହ ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଦଳ ଭିତରେ ତାଙ୍କୁ ଉପେକ୍ଷା କରାଯିବା ସହ ଦଳୀୟ ବୈଠକ ଓ କାର୍ଯ୍ୟକ୍ରମରୁ କ୍ରମାଗତ ଭାବେ ଦୂରେଇ ରଖାଯାଇଥିଲା। ଏଥିସହ ୨୦୨୪ ସାଧାରଣ ନିର୍ବାଚନ ପରେ ପରିସ୍ଥିତି ଅଧିକ ଜଟିଳ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଜଣେ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବାବେଳେ କିଛି ଖବର ପ୍ରସାରଣକୁ ନେଇ ତାଙ୍କୁ ଓ ତାଙ୍କ ପରିବାରକୁ ଟାର୍ଗେଟ କରାଯାଇ ସୋସିଆଲ ମିଡିଆରେ ଅପପ୍ରଚାର ଓ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ଏପରି ବିବାଦ ସମୟରେ ଦଳୀୟ ନେତୃତ୍ୱଙ୍କ ପକ୍ଷରୁ କୌଣସି ସହଯୋଗ ମିଳି ନ ଥିଲା। ଏପରିକି ନିର୍ବାଚନ ପରେ ବ୍ୟବସାୟିକ କ୍ଷେତ୍ରରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ହଇରାଣ ହରକତ କରାଯାଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସ୍ଥାନୀୟ ନେତୃତ୍ୱ ଓ ସଂଗଠନ ଉପରୁ ଆସ୍ଥା ତୁଟିଯିବାରୁ ସେ ଦଳରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିବା ସ୍ପଷ୍ଟ କରିଛନ୍ତି।

ମହୁଲପଙ୍ଖା ପ୍ରାଥମିକ ବିଦ୍ୟାଳୟକୁ ଜିଏମ୍‌ଏପିଭି ଯୋଜନାରେ ସାମିଲ ଦାବି

୮ କିମି ପଦଯାତ୍ରା କରି ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଶରତ/ଉଦଳା, ୧୩।୧୦(ସମିସ):

କପ୍ତିପଦା ବ୍ଲକ ଅନ୍ତର୍ଗତ ମହୁଲପଙ୍ଖା ପ୍ରାଥମିକ ବିଦ୍ୟାଳୟକୁ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' (ଜିଏମ୍‌ଏପିଭି) ଯୋଜନାରେ ସାମିଲ କରିବା ଦାବିରେ ଆଜି ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏକ ବିଶାଳ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା ଗାନ୍ଧୀ ଛକରୁ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ରାସ୍ତା ଟାଣ ଖରାରେ ଚାଲିଚାଲି ପହଞ୍ଚିବା ସହ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟକୁ ଜିଏମ୍‌ଏପିଭି ଯୋଜନାରେ ଅନ୍ତର୍ଭୁକ୍ତ କରି ଉନ୍ନତୀକରଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ମାତ୍ର କପ୍ତିପଦା ବ୍ଲକ ମଝିଗଡ଼ିଆ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ ମଝିଗଡ଼ିଆ ଉଚ୍ଚବିଦ୍ୟାଳୟକୁ ଏହି ଯୋଜନାରେ ଚୟନ କରାଯାଇ ଜମି ଚିହ୍ନଟ କରାଯାଇଛି। ପ୍ରାଥମିକ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ହାଇସ୍କୁଲରେ କାର୍ଯ୍ୟକାରୀ କରିବା ପଛରେ ପ୍ରଶାସନିକ ଟାଳଟୁଳ ନୀତି ଓ ରାଜନୈତିକ ଅଭିସନ୍ଧି ରହିଥିବା ଅଭିଯୋଗ ହୋଇଛି। ଗତ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ମଧ୍ୟ ଗ୍ରାମବାସୀ ପ୍ରଶାସନର ଏହି ଏକତରଫା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଥିଲେ। ମହୁଲପଙ୍ଖା ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ "ହୋ' ଜନଜାତି ପରିବାରର ପ୍ରାୟ ୧୨୦୦ରୁ ଅଧିକ ଲୋକ ବସବାସ କରୁଥିବାବେଳେ ଏହି ପ୍ରାଥମିକ ବିଦ୍ୟାଳୟରେ ୧୦୩ ଜଣ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେଣୁ ଏହି ବିଦ୍ୟାଳୟକୁ ଯୋଜନାରେ ସାମିଲ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଆଜି ଏସ୍‌ଏମ୍‌ସି ଅଧ୍ୟକ୍ଷ ବିଦ୍ୟାଧର ଗାଗାରାଇଙ୍କ ନେତୃତ୍ୱରେ ଅଭିଭାବକ, ଯୁବକଯୁବତୀ ଓ ଆବାଳବୃଦ୍ଧବନିତାଙ୍କୁ ମିଶାଇ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ କପ୍ତିପଦା ଗାନ୍ଧୀ ଛକରୁ ବାହାରି ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଉପଜିଲ୍ଲାପାଳ ପ୍ରଣୟ ବେହେରାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଯଦି ପ୍ରଶାସନ ଏହି ଦାବିକୁ ଅଣଦେଖା କରି ଟାଳଟୁଳ ନୀତି ଅବଲମ୍ବନ କରେ, ତେବେ ଆଗାମୀ

ଦାବି ପୂରଣ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ

ଦିନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ ସହ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସୋମନାଥ ହୋ, ସର୍ଦାର ତିୟୁ, ଜମାଦାର ବାଲମୁଚୁ, କାହ୍ନୁରାମ ସୋରେନ, ନାରଣ ମୁର୍ମୁ, ଶଙ୍କର ସିଂ, ଘାସିରାମ ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଏହି ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଇ "ଶରତ ବିକାଶ ମଞ୍ଚ' ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ମଧ୍ୟ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

ଠାକୁରମୁଣ୍ଡାରେ ବିଜେଡିର ଜନସଂପର୍କ ପଦଯାତ୍ରା

ମହୁଲଡିହା/ଠାକୁରମୁଣ୍ଡା, ୧୩।୧୦(ସମିସ): ବିଜେଡି ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀଠାରୁ ଜନସମ୍ପର୍କ ପଦଯାତ୍ରା ଚାଲିଛି। ଏ ପରିପ୍ରେକ୍ଷୀରେ ଠାକୁରମୁଣ୍ଡା ବିଜେଡି ପକ୍ଷରୁ ପଦଯାତ୍ରା ଆୟୋଜିତ ହୋଇଛି। ଆଜି ପୂର୍ବାହ୍ନ ୧୧ଟା ସମୟରେ ମା' ବାସୁଳୀ ମନ୍ଦିର ନିକଟରୁ ୩୦୦୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ପଦଯାତ୍ରାରେ ବାହାରି ରୁଗୁଡିବେଢା ଗ୍ରାମ କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚିଥିଲେ। ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଦେବାଶିଷ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ମହିଳା ସଭାପତି କମଳା ମହାନ୍ତ, କରଞ୍ଜିଆ ମହିଳା ସଭାପତି ମମିତା ଚୌଧୁରୀ, କରଞ୍ଜିଆ ବ୍ଲକ ଚେୟାରମ୍ୟାନ୍ ସୁଭଦ୍ରା ମାରାଣ୍ଡି, ସାଧାରଣ ସମ୍ପାଦିକ ନମିତା ଘଣ୍ଟିଆଲି, କରଞ୍ଜିଆ ଉପଖଣ୍ଡ ବରିଷ୍ଠ

ବିଜେଡି ନେତା ଗିରିଧାରୀ ପୃଷ୍ଟି, କରଞ୍ଜିଆ ବ୍ଲକ ବିଜେଡି ସଭାପତି ପଙ୍କଜ ମହାନ୍ତ, ଯଶିପୁର ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ, ଠାକୁରମୁଣ୍ଡା ବ୍ଲକ ସଭାପତି ଚନ୍ଦ୍ରଶେଖର ପଣ୍ଡା, ବିଜେଡି ନେତା ସୁରେଶ ମହାନ୍ତ, ମହିଳା ସଭାପତି ପ୍ରମିଳା ଲୁଗୁନ, ମହିଳା କାର୍ଯ୍ୟକାରିଣୀ ସଭାପତି ସୁମିତ୍ରା ଦାସ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ବିଜେଡି ନେତା ନନ୍ଦକିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପଦଯାତ୍ରା ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବରିଷ୍ଠ ବିଜେଡି ନେତା ନନ୍ଦକିଶୋର ବାରିକ ସୂଚନା ଦେଇଛନ୍ତି।

● ମୁଣ୍ଡାରୀ ଭାଷାର ସରକାରୀ ମାନ୍ୟତା ଦାବି

୩୦ରେ ବେତନଟୀରେ ବିଶାଳ ସମାବେଶ

ବେତନଟୀ, ୧୩।୧୦(ସମିସ): ମୁଣ୍ଡାରୀ ଭାଷାକୁ ସରକାରୀ ସ୍ୱୀକୃତି, ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଓ ଓଡ଼ିଶାର ଦ୍ୱିତୀୟ ରାଜଭାଷା ମାନ୍ୟତା ଦାବି ନେଇ ଆସନ୍ତା ୩୦ ତାରିଖରେ ବେତନଟୀଠାରେ ଏକ ବିଶାଳ ସମାବେଶ ଓ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ସୋମବାର ବେତନଟୀ ଧର୍ମଶାଳା ପରିସରରେ ଏକ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ ସମିତି, ସିରଜନ ମୁଣ୍ଡାରୀ କଲଚୁରାଲ ଟ୍ରଷ୍ଟ ଓ ଅଲଗୁରୁ ପଣ୍ଡିତ ରୋହିଦାସ ସିଂନାଗ ମୁଣ୍ଡାରୀ କଲଚୁରାଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ବେତନଟୀ ଆବାହକ ତପନ ସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ବେତନଟୀ ବ୍ଲକର ୧୫ଟି ପଞ୍ଚାୟତ ସମେତ ବଡ଼ସାହି ବ୍ଲକରୁ ଶତାଧିକ ପ୍ରତିନିଧି ଉପସ୍ଥିତ ରହି ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନେଇ ଆଲୋଚନା କରିଥିଲେ। ବୈଠକର ନିଷ୍ପତ୍ତି ମୁତାବକ ୩୦ ତାରିଖରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସ୍ଥାନୀୟ ବିଡିଓଙ୍କ ଜରିଆରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ବୈଠକରେ ଟ୍ରଷ୍ଟର ସମ୍ପାଦକ ଜଗ ସିଂ, ବଷ୍ଟିମା ସିଂ, ସରପଞ୍ଚ ମିନତୀ ସିଂ, ନାଏବ ସରପଞ୍ଚ ସବ୍ୟସାଚୀ ସିଂ ଓ ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂଙ୍କ ସମେତ ବହୁ ସମ୍ପ୍ରଦାୟ ପ୍ରତିନିଧି ଉପସ୍ଥିତ ଥିଲେ। ମୁଣ୍ଡାରୀ ଭାଷାର ସ୍ୱାଭିମାନ ଓ ସାମ୍ବିଧାନିକ ଅଧିକାର ହାସଲ ପାଇଁ ଏହି ଆନ୍ଦୋଳନକୁ ଆଗାମୀ ଦିନରେ ବ୍ୟାପକ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି।

ସେବା ସଂକଳ୍ପ ଅଭିଯାନରେ ରଙ୍ଗୋଲି ପ୍ରତିଯୋଗିତା

କରଞ୍ଜିଆ,୧୩।୧୦(ସମିସ): ରାଜ୍ୟବ୍ୟାପୀ ଚାଲିଥିବା ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ କରଞ୍ଜିଆ ଲ୍ୟାମ୍ପସ୍ ପକ୍ଷରୁ ସୋମବାର କରଞ୍ଜିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ନିଜର କଳାତ୍ମକ ପ୍ରତିଭା ଓ ସୃଜନଶୀଳତାର ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ, ଏଆରସିଏସ୍ ବସନ୍ତ ନାୟକ, କରଞ୍ଜିଆ ସମବାୟ ବ୍ୟାଙ୍କ ଅଧିକାରୀ ରବି ଅଗ୍ରୱାଲ ଓ କରଞ୍ଜିଆ ଲ୍ୟାମ୍ପସର ମୁଖ୍ୟ ପରିଚାଳକ ସୁବଳ ଗିରି ଉପସ୍ଥିତ ଥିଲେ। ଅତିଥିମାନେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ସେବା ସଂକଳ୍ପ ଅଭିଯାନର ଅଂଶବିଶେଷ ଭାବେ ଆୟୋଜିତ ଏହି ପ୍ରତିଯୋଗିତାରେ ରଙ୍ଗୋଲି ମାଧ୍ୟମରେ ପ୍ରତିଯୋଗୀ ନିଜର କଳାନୈପୁଣ୍ୟ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ।

ଗୁଟ୍‌ଖା ବୋଝେଇ ଅଟୋ ଜବତ, ୨ ଲକ୍ଷ ଜରିମାନା

ବେତନଟୀ,୧୩।୧୦(ସମିସ): ଟିକସ ଫାଙ୍କି ବେଆଇନ ଭାବେ ଗୁଟଖା ଚାଲାଣ କରୁଥିବା ଏକ ମାଲବାହୀ ଅଟୋକୁ ବେତନଟୀ ଥାନା ପୁଲିସ ଜବତ କରିଛି। ପରବର୍ତ୍ତୀ ସମୟରେ ଜିଏସ୍‌ଟି ବିଭାଗ ପକ୍ଷରୁ ଯାଞ୍ଚ ପରେ ସମ୍ପୃକ୍ତ ଗାଡ଼ି ଉପରେ ୨ ଲକ୍ଷ ଟଙ୍କାର ମୋଟା ଅଙ୍କର ଜରିମାନା ଲଗାଯାଇ ତାହା ଆଦାୟ କରାଯାଇଛି। ଉକ୍ତ ମାଲବାହୀ ଅଟୋଟି ବିପୁଳ ପରିମାଣର ଗୁଟଖା ବୋଝେଇ କରି ବେତନଟୀ ବଜାର ଅଞ୍ଚଳକୁ ଆସୁଥିଲା। ତେବେ ଉପଯୁକ୍ତ କାଗଜପତ୍ର ଅଭାବ ଓ ଜିଏସ୍‌ଟି ଫାଙ୍କିବା ସନ୍ଦେହରେ ପୁଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ସହ ଜବତ କରିଥିଲା। ଘଟଣାର ଅଧିକ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ଗାଡ଼ିକୁ ବାଣିଜ୍ୟକର (ଜିଏସ୍‌ଟି) ବିଭାଗକୁ ହସ୍ତାନ୍ତର କରିଥିଲା। ଜିଏସ୍‌ଟି ଅଧିକାରୀ କାଗଜପତ୍ର ଓ ସାମଗ୍ରୀର ମୂଲ୍ୟାଙ୍କନ କରିବା ପରେ ୨ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏଭଳି ଟିକସ ଫାଙ୍କି ବେପାର ରୋକିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ନଜର ରଖାଯାଇଥିବା ଜଣାପଡ଼ିଛି।

ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନରେ ମୟୂରଭଞ୍ଜର ସଫଳତା

● ୪ ଛାତ୍ରଛାତ୍ରୀ ପୁରସ୍କୃତ

ବାରିପଦା, ୧୩।୧୦(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ୟୁନିଟ୍-୧ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନରେ ମୟୂରଭଞ୍ଜ ଜିଲ୍ଲା ସଫଳତା ହାସଲ କରିଛି। ଏହି କାର୍ଯ୍ୟକ୍ରମର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲାର ପ୍ରତିଭାବାନ ଛାତ୍ରଛାତ୍ରୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାର ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବର୍ଗରେ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ର ଆଶିଷ କୁମାର ବେହେରା ପ୍ରଥମ, ଉଚ୍ଚପ୍ରାଥମିକ ବର୍ଗରେ ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ର ଦେବାଶିଷ ଗିରି ପ୍ରଥମ ଓ ପ୍ରାଥମିକ ବର୍ଗରେ ବହଳଦା ବ୍ଲକ୍ ଅନ୍ତର୍ଗତ ଇନ୍ଦଖୋଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମନିତା ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାର ପ୍ରାଥମିକ ବର୍ଗରେ ଯଶିପୁର ବ୍ଲକ୍ ହାତିମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଆଭା ଆରାଧ୍ୟା ସେଠୀ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ରାଜ୍ୟସ୍ତରୀୟ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଭାଗୀୟ ଶାସନ ସଚିବ ଡା ଏନ୍ ତିରୁମାଲା ନାଏକ ଓ ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗୀତା ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କୃତୀ ପ୍ରତିଯୋଗୀ ରାଜ୍ୟ ସ୍ତରରେ ଭାଗ ନେଇଥିଲେ। ଏହି ବିଶେଷ ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ, ଗୌତମ ପାତ୍ର, ବିନୋଦ ସିଂ ଏବଂ ଆଦିବାସୀ ଶିକ୍ଷା ସଂଯୋଜକ ଶ୍ରୀ ପୃଷ୍ଟି ପ୍ରମୁଖ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟଗୁଡ଼ିକର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି।

କେସିପୁର ବିଦ୍ୟାଳୟରେ କର୍କଟ ରୋଗ ସଚେତନତା ଶିବିର

ବେତନଟୀ, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର (କେସିପୁର) ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ୍ ଓ ଶ୍ରଦ୍ଧା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ କର୍କଟ ରୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାରାତ୍ମକ କର୍କଟ ରୋଗର ଲକ୍ଷଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଶେଖ୍ ଅବୁଲ ଅଲ୍ଲୀ ସଂଯୋଜନା କରିଥିଲେ। ଏଥିରେ ଶ୍ରଦ୍ଧା ଫାଉଣ୍ଡେସନର ଦକ୍ଷିଣାଞ୍ଚଳ ସଂଯୋଜିକା ଶ୍ରୀମତୀ ଅମୀତା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁମ୍ବାଇସ୍ଥ ଟାଟା ମେମୋରିଆଲ କ୍ୟାନ୍ସର ସେଣ୍ଟର ସହ ମିଶି ସଂସ୍ଥା କିପରି ସବୁ ବର୍ଗର କର୍କଟ ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେଉଛି, ସେ ସମ୍ପର୍କରେ ସେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ଶେଷରେ ଅଧ୍ୟକ୍ଷା ଡ. ସାହୁ ସମସ୍ତ ଅତିଥି ତଥା ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏଭଳି ସ୍ୱାସ୍ଥ୍ୟ ସଚେତନତା ଶିବିର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ ପାଇଛି।

ଆବାସ ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କ ଧାରଣା

ବେତନଟୀ/ବୈଶିଙ୍ଗା, ୧୩।୧୦ (ସମିସ) :

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦିଆଯାଇଥିବା ପ୍ରତିବାଦରେ ମଙ୍ଗଳବାର ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ଅସନ୍ତୁଷ୍ଟ ହିତାଧିକାରୀ। ତେବେ ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବୈଶିଙ୍ଗା ଥାନା ତଥା ବେତନଟୀ ବ୍ଲକ ଅନ୍ତର୍ଗତ କଳମା ପଞ୍ଚାୟତର ମହେଶପୁର, ତାଳପଦା, ଗୋବିନ୍ଦରାୟପୁର, ରାଉତରାପୁର, କଷାଫଳ ଓ କାନ୍‌ଠିଅ ଆଦି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ପାଇଁ ଗ୍ରାମପଞ୍ଚାୟତ ଓ ବ୍ଲକ ପ୍ରଶାସନ ପକ୍ଷରୁ ସରଜମିନ ତଦନ୍ତ କରାଯାଇଥିଲା। ତେବେ ତଦନ୍ତ ରିପୋର୍ଟକୁ ଅଣଦେଖା କରି ମନମୁଖୀ ଭାବେ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସମ୍ପୃକ୍ତ ଗ୍ରାମର ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀ ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଥିଲେ। ଖବର ପାଇ ବେତନଟୀ ବିଡିଓ ମୁନା ସେଠୀ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସେ ନିଜେ ସରଜମିନ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାପରେ ଧାରଣାକାରୀମାନେ ଧାରଣା ପ୍ରତ୍ୟାହାର କରିଥିଲେ। ଏହି ଧାରଣାରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବରିଷ୍ଠ ବିଜେଡି ନେତା ଜ୍ୟୋତିକାନ୍ତ ସାମଲ, ଲଲାଟେନ୍ଦୁ ବେହେରା ଓ ବିଜେଡି ବ୍ଲକ ସଭାପତି ରାଜୀବ ରଞ୍ଜନ ସେନାପତିଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ହିତାଧିକାରୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ।

ଧାରଣା ଦେଇଥିବା ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରକୃତ ଗରିବ ଲୋକ ଯେଉଁମାନେ ଚାଳ ଘରେ ଦହଗଞ୍ଜ ହୋଇ ରହୁଛନ୍ତି, ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଲେଖାଏଁ ପକ୍କାଘର ଯୋଗାଇ ଦିଆଯିବାର ନିୟମ ରହିଛି। ମାତ୍ର କାଳମା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦରାୟପୁର ଗ୍ରାମରେ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓଙ୍କ ଅବହେଳା ଓ ପକ୍ଷପାତିତା ଯୋଗୁଁ ଗୋବିନ୍ଦରାୟପୁର ଗ୍ରାମରେ ପୂର୍ବରୁ ଯେଉଁ ପ୍ରକୃତ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଥିଲା, ନୂତନ ତାଲିକାରୁ ରହସ୍ୟଜନକ ଭାବେ ସେମାନଙ୍କ ନାମ କାଟି ଦିଆଯାଇଛି। ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ଲୋକଙ୍କର ପୂର୍ବରୁ ପକ୍କାଘର ରହିଛି ଓ ନିୟମ ଅନୁସାରେ ଏହି ଯୋଜନାରେ ଘର ପାଇବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ, ସେମାନେ କେବଳ ଶାସକ ଦଳର ସମର୍ଥକ ହୋଇଥିବାରୁ ସେମାନଙ୍କ ନାମ ନୂତନ ଭାବେ ତାଲିକାଭୁକ୍ତ କରାଯାଇଛି। ଏ ନେଇ ପଞ୍ଚାୟତବାସୀ ପ୍ରଥମେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ସମସ୍ତ ଘଟଣା ଶୁଣିବା ପରେ ବେତନଟୀ ବିଡିଓଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଥିଲେ ଓ ସମସ୍ୟାର ତୁରନ୍ତ ସମାଧାନ ହେବ

ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବହୁ ଦିନ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଗଲାନାହିଁ। ପରବର୍ତ୍ତୀ ସମୟରେ ଗୋବିନ୍ଦରାୟପୁରବାସୀ ବେତନଟୀ ବିଡିଓଙ୍କୁ ପଚାରି ବୁଝିବାରୁ ସେ ନିଜର ଅସହାୟତା ପ୍ରକାଶ କରିବା ସହ କହିଥିଲେ ଯେ ବଡ଼ସାହି ବିଧାୟକ ସନାତନ ବିଜୁଲିଙ୍କ ନିକଟରୁ ଚାପ ଆସୁଥିବାରୁ ସେ କିଛି କରିପାରିବେନାହିଁ। ବାଧହୋଇ ଗ୍ରାମବାସୀ ଧାରଣରେ ବସିଥିଲେ। ତେବେ ବିଡିଓ ଧାରଣା ସ୍ଥଳକୁ ଆସି ପ୍ରତିଶ୍ରୁତି ଦେବା ପରେ ଏହା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ସକାଳ
THE SAKALA

ସମ୍ପାଦକୀୟ

ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫ୍‌ଜାଇ

ନୂଆ ବାଣିଜ୍ୟ ଯୁଦ୍ଧ

ୟୁରୋପୀୟ ସଂଘ ଦ୍ୱାରା ପ୍ରଣୀତ କାର୍ବନ୍ ସୀମା ଶୁଳ୍କ ବ୍ୟବସ୍ଥା(ସିବିଏଏମ୍)ର ତଦନ୍ତ କରିବା ପାଇଁ ଆମେରିକା ଯୋଜନା ପ୍ରସ୍ତୁତ କରିଛି। ଏହାପରେ ଆନ୍ତର୍ଜାତିକ ବାଣିଜ୍ୟରେ ନୂଆ ବିବାଦ ବା ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ଭାବ୍ୟ ଯୁଦ୍ଧର ଫଳାଫଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେ ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ମନେ ହୁଏ।

ୟୁରୋପୀୟ ସଂଘର ଯୁକ୍ତି ଅନୁଯାୟୀ, ୟୁରୋପର ଉତ୍ପାଦକ ବା କମ୍ପାନୀମାନେ ପ୍ରଦୂଷଣ ନିର୍ଗମନ ହ୍ରାସ ପାଇଁ ଅଧିକ ବ୍ୟୟ କରୁଥିବାରୁ ବଜାରରେ ଉତ୍ପାଦର ଦାମ ଅଧିକ ରହୁଛି। ଅପରପକ୍ଷରେ ପ୍ରଦୂଷଣ କଟକଣା ନଥିବା ଦେଶରୁ ଆମଦାନୀ ହେଉଥିବା ସମାନ ସାମଗ୍ରୀ ୟୁରୋପ ବଜାରରେ କମ୍ ଦାମରେ ଉପଲବ୍ଧ ହେଉଥିବାରୁ ୟୁରୋପୀୟ ଉତ୍ପାଦନକାରୀ ସଂସ୍ଥାମାନେ ବଜାରରେ ତିଷ୍ଠି ରହିବା ପାଇଁ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁଳନାତ୍ମକ ଭାବେ କୋହଳ ପ୍ରଦୂଷଣ ନିୟମ ଲାଗୁ ହୋଇଥିବା ବା ଆଦୌ ଲାଗୁ ହୋଇ ନଥିବା ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୟୁରୋପୀୟ ସଂଘ ଏକ ନିର୍ଦ୍ଦିଷ୍ଟ ଶୁଳ୍କ(ସିବିଏଏମ୍) ଲାଗୁ କରିଛି। ବିଶେଷକରି ବାହାର ଦେଶରୁ ଆମଦାନୀ ହେଉଥିବା ଇସ୍ପାତ, ଆଲୁମିନିୟମ୍, ସିମେଣ୍ଟ, ସାର, ବିଦ୍ୟୁତ୍ ଉପକରଣ ଆଦି ପ୍ରଦୂଷଣ ସୃଷ୍ଟିକାରୀ ଉତ୍ପାଦ ଉପରେ ଗତ ଜାନୁଆରୀ ମାସରୁ ଏହି ଶୁଳ୍କ ଲାଗୁ ହେଉଛି। ୟୁରୋପୀୟ ସଂଘର ଏହି ଶୁଳ୍କ ଦ୍ୱାରା ଭାରତୀୟ ରପ୍ତାନୀ ଅର୍ଥନୀତି ଅଧିକ ପ୍ରଭାବିତ ହେବାକୁ ଯାଉଛି।

ଅବଶିଷ୍ଟ ବିଶ୍ୱର ଅଭିଯୋଗ ଯେ ପରିବେଶ ସୁରକ୍ଷା ନାମରେ ଏପରି ଶୁଳ୍କ ଲାଗୁ କରିବା କେତେ ନ୍ୟାୟୋଚିତ ସେ ବିଷୟରେ ବହୁପାକ୍ଷିକ ଆଲୋଚନା ହୋଇନାହିଁ। ବିକଶିତ ଦେଶଗୁଡ଼ିକ ବର୍ଷ ବର୍ଷ ଧରି ଶିଳ୍ପାୟନ ଜରିଆରେ ଆର୍ଥିକ ସମୃଦ୍ଧି ହାସଲ କରିଛନ୍ତି। ଶିଳ୍ପାୟନରୁ ସୃଷ୍ଟ ପ୍ରଦୂଷଣ ଏବଂ ତଦ୍‌ଜନିତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବରେ ବିକାଶଶୀଳ ଦେଶଗୁଡ଼ିକ ଗୁରୁତର ପ୍ରଭାବିତ ହେଉଛନ୍ତି। ଅପରପକ୍ଷରେ ବିକାଶଶୀଳ ଦେଶଗୁଡ଼ିକର ଶିଳ୍ପ ଅର୍ଥନୀତିକୁ ନିରୁତ୍ସାହିତ କରିବା ପାଇଁ ୟୁରୋପୀୟ ସଂଘର ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର। ତେଣୁ ଜଳବାୟୁ ଦାୟିତ୍ୱବୋଧ ସହିତ ବିକାଶର ଅଧିକାରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ।

ୟୁରୋପୀୟ ସଂଘର କାର୍ବନ୍ ଶୁଳ୍କ ବ୍ୟବସ୍ଥାର ବାଣିଜ୍ୟିକ ପ୍ରଭାବ ଏବଂ ନୀତିଗତ ଯଥାର୍ଥତା ଆମେରିକାର ପ୍ରସ୍ତାବିତ ତଦନ୍ତ ପରିସରଭୁକ୍ତ ହେବାର ସମ୍ଭାବନା ରହିଛି। ଭାରତର ଇସ୍ପାତ, ଆଲୁମିନିୟମ୍ ଓ ଅନ୍ୟାନ୍ୟ ଶିଳ୍ପ ୟୁରୋପୀୟ ବଜାର ସହ ଜଡ଼ିତ। ଦୀର୍ଘକାଳୀନ ଭିତ୍ତିରେ ଅତିରିକ୍ତ କାର୍ବନ୍ ଖର୍ଚ୍ଚ ଯଦି ଭାରତୀୟ ଉତ୍ପାଦକଙ୍କ ପ୍ରତିଯୋଗିତା କ୍ଷମତାକୁ ହ୍ରାସ କରେ ତେବେ ରପ୍ତାନି ଆୟ ଓ ନିଯୁକ୍ତି ଉପରେ ଚାପ ବଢ଼ିବ। ଏହି ପରିସ୍ଥିତିରେ ଆମେରିକାର ତଦନ୍ତ ଭାରତ ପାଇଁ ପ୍ରାସଙ୍ଗିକ। କିନ୍ତୁ ଆମେରିକା ସବୁବେଳେ ତା' ନିଜ ସ୍ୱାର୍ଥକୁ ପ୍ରାଥମିକତା ଦିଏ। ତେଣୁ ଭାରତ ତତ୍କାଳ ଏଥିରୁ କିଛି ଆଶା କରିବା କିମ୍ବା ଅଧିକ ଉତ୍ସାହିତ ହେବା ବୃଥା। କିନ୍ତୁ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ଏ ପର୍ଯ୍ୟନ୍ତ ସ୍ୱାକ୍ଷର ହୋଇ ନଥିବାରୁ ମୂଲଚାଲ ପାଇଁ ସୁଯୋଗ ସୃଷ୍ଟି କରିପାରେ। ଏହି ପ୍ରସଙ୍ଗରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ରାଜିନାମାରେ ଥିବା 'ଫରୱାର୍ଡ ମୋଷ୍ଟ ଫେଭର୍ଡ ନେସନ୍'(ଏମ୍‌ଏଫ୍‌ଏନ୍) ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

ଭାରତ ଏହି ସୁଯୋଗକୁ କୂଟନୈତିକ ଆଲୋଚନାରେ ନିଜ ସ୍ୱାର୍ଥ ସୁରକ୍ଷା ପାଇଁ ବ୍ୟବହାର କରିବା ଉଚିତ୍। ୟୁରୋପୀୟ ସଂଘ ସହ ଆଲୋଚନାରେ ଭାରତକୁ ଶୁଳ୍କ ହ୍ରାସ ଦାବି ସହିତ ନିର୍ଗମନ ହିସାବର ସରଳୀକରଣ, ଯାଞ୍ଚ ଖର୍ଚ୍ଚର ହ୍ରାସ ଓ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଯଥୋଚିତ ନିର୍ଗମନ କଟକଣା ସମୟସୀମା ଦାବି କରିବାକୁ ହେବ। ଆମେରିକାର ତଦନ୍ତ ଭାରତ ପାଇଁ ଅସ୍ଥାୟୀ ସୁଯୋଗ ଆଣିପାରେ; କିନ୍ତୁ ଦୀର୍ଘକାଳୀନ ସମାଧାନ ପାଇଁ ଭାରତ ନିଜ ଶିଳ୍ପକୁ ପରିବେଶ ଅନୁକୂଳ କରିବା ଉଚିତ। ଭାରତର ଇସ୍ପାତ ଶିଳ୍ପର ଏକ ବଡ଼ ଅଂଶ କୋଇଲାଭିତ୍ତିକ। ଏହା ଅଧିକ କାର୍ବନ୍ ନିର୍ଗମନର କାରଣ। ଏହାର ବିକଳ୍ପ ଭାବେ ସ୍କ୍ରାପ୍ ଆଧାରିତ ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍, ଅକ୍ଷୟ ଶକ୍ତିର ବ୍ୟବହାର, ଉତ୍ପାଦନ ପ୍ରକ୍ରିୟାର ଆଧୁନିକୀକରଣ ଓ ସ୍ୱଚ୍ଛ ପ୍ରଯୁକ୍ତିରେ ପୁଞ୍ଜିନିବେଶ ବଢ଼ାଇବାକୁ ହେବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ, ସହଜ ଋଣ ଓ ଗବେଷଣାର ଆବଶ୍ୟକତା ରହିଛି। ଏହାସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ନିର୍ଗମନ ଯାଞ୍ଚ, ତଥ୍ୟ ସଂଗ୍ରହ ଓ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା ଯାଞ୍ଚ କରାଇବାରେ ସହାୟତା ଦେବା ଜରୁରୀ। କାରଣ କ୍ଷୁଦ୍ର ଉଦ୍ୟୋଗମାନଙ୍କ ପାଇଁ ଏହି ଅତିରିକ୍ତ ଖର୍ଚ୍ଚ ବହନ କରିବା ଅଧିକ କଷ୍ଟକର।

କାର୍ବନ୍ ନିର୍ଗମନ ହ୍ରାସ ବିଶ୍ୱବ୍ୟାପୀ ଏକ ଆହ୍ୱାନ ଓ ଆବଶ୍ୟକତା। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବା ଆଳରେ ବିକଶିତ ଓ ଶିଳ୍ପସମୃଦ୍ଧ ଦେଶମାନେ ବିକାଶଶୀଳ ଦେଶମାନଙ୍କ ଉପରେ ଏକପାଖିଆ ଆର୍ଥିକ ବୋଝ ଲଦିଦେବା ମଧ୍ୟ ଉଚିତ୍ ନୁହେଁ। ପରିବେଶ ସୁରକ୍ଷାର ନିୟମ ସ୍ୱଚ୍ଛ, ନିରପେକ୍ଷ ଓ ସମସ୍ତଙ୍କ ପାଇଁ ଯୁକ୍ତିସଙ୍ଗତ ହେବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ ନିୟମ ନିର୍ଦ୍ଧାରଣରେ ବିକଶିତ ଦେଶ ଓ ବିକାଶଶୀଳ ଦେଶ ମଧ୍ୟରେ ଅର୍ଥନୈତିକ ବୈଷମ୍ୟକୁ ବିଚାରକୁ ନେବା ଉଚିତ୍। ଭାରତ ଏହି ଯୁକ୍ତିକୁ ବିଶ୍ୱ ବାଣିଜ୍ୟ ସଂଗଠନ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରିବାକୁ ହେବ। ଆମେରିକାର ତଦନ୍ତ ଯଦି ସିବିଏଏମ୍ ନିୟମରେ ଅଧିକ ସ୍ୱଚ୍ଛତା ଓ ନମନୀୟତା ଆଣେ, ତେବେ ଭାରତ ସୁଯୋଗର ସଦ୍‌ବ୍ୟବହାର ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ।

ଶତାୟୁ ଓଡ଼ିଶାର ରୂପରେଖ

ଅବିନାଶ ମହାପାତ୍ର

ମୋ ସ୍ୱପ୍ନର ଓଡ଼ିଶା

୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବର୍ଷ ପୂରଣ କରିବ। ଏହି ଐତିହାସିକ ସମୟକୁ ଦୃଷ୍ଟିରେ ରଖି 'ବିକଶିତ ଓଡ଼ିଶା ୨୦୩୬' ଏବଂ ତାହା ପରବର୍ତ୍ତୀ 'ଶତାୟୁ ଓଡ଼ିଶା'ର ପରିକଳ୍ପନା ହେଉଛି। ଭିନ୍ନ ଭିନ୍ନ ସରକାର ନିଜ ନିଜ ସମୟରେ ଓଡ଼ିଶାର ଭବିଷ୍ୟତ ବିକାଶର ଗୋଲାପୀ ଚିତ୍ର ଲୋକଙ୍କ ସମ୍ମୁଖରେ ରଖିଛନ୍ତି। କିନ୍ତୁ ଏଠାରେ ସାଧାରଣ ପ୍ରଶ୍ନ ଉଠେ ବିକଶିତ ଓଡ଼ିଶାର ସଂଜ୍ଞା କ'ଣ? କେଉଁ ଆଧାରରେ ଆମେ ଓଡ଼ିଶାକୁ 'ବିକଶିତ' ବୋଲି ବିବେଚନା କରିବା? କେବଳ ପ୍ରଶସ୍ତ ରାସ୍ତା, ଶିଳ୍ପ ପ୍ରତିଷ୍ଠାନ, ବନ୍ଦର, ସହର ଭଳି ଭିତ୍ତିଭୂମି ଅବା ସୁବିଧା କିମ୍ବା ରାଜ୍ୟର ଅର୍ଥନୀତିର ଆକାର ବଢ଼ିବାକୁ 'ବିକାଶ'ର ସମ୍ପୂର୍ଣ୍ଣ ପରିଚୟ କୁହାଯାଇପାରିବ ନାହିଁ। ବିକାଶର ପ୍ରକୃତ ମାପକ ହେଉଛି ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନ। ଜଣେ ଶିଶୁ କେତେ ଗୁଣାତ୍ମକ ଶିକ୍ଷା ପାଉଛି, ଜଣେ ମା' କେତେ ସୁରକ୍ଷିତ ଭାବେ ସନ୍ତାନ ପ୍ରସବ କରୁଛନ୍ତି, ଜଣେ କୃଷକଙ୍କ ଆୟ କେତେ ବଢ଼ୁଛି, ଜଣେ ଯୁବକଙ୍କୁ କେତେ ଗୁଣାତ୍ମକ ରୋଜଗାର ମିଳୁଛି ଏବଂ ଗ୍ରାମବାସୀଙ୍କ ନିକଟରେ କେତେ ସହଜରେ ଗୁଣାତ୍ମକ ସ୍ୱାସ୍ଥ୍ୟ, ପାନୀୟଜଳ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ପହଞ୍ଚୁଛି - ଏହିଭଳି ଅନେକ ମାପକ ହେଉଛି ବାସ୍ତବ ବିକାଶର ସୂଚକ।

ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଗତ ଦୁଇ ଦଶନ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ରାଜ୍ୟ ଅର୍ଥନୀତିର ଆକାର ବଢ଼ିଛି ଏବଂ ଶିଳ୍ପ ଓ ସେବା କ୍ଷେତ୍ରର ଭୂମିକା ମଧ୍ୟ ବୃଦ୍ଧି ପାଇଛି। ୨୦୨୫-୨୬ର ଆକଳନ ଅନୁଯାୟୀ ଓଡ଼ିଶାର ମୁଣ୍ଡପିଛା ଆୟ ୧, ୮୨, ୫୪୮ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବବର୍ଷର ୧, ୮୨, ୫୪୮ ଟଙ୍କା ତୁଳନାରେ ସାମାନ୍ୟ ଅଧିକ। କିନ୍ତୁ ଜାତୀୟ ତୁଳନାରେ ଚିତ୍ରଟି ଦେଖିଲେ ଓଡ଼ିଶାର ଆଗାମୀ ଯାତ୍ରାର ଦୂରତା ସ୍ପଷ୍ଟ ହୁଏ। ଅନେକ ଅଗ୍ରଣୀ ରାଜ୍ୟ ଏକ୍ଷେତ୍ରରେ ଓଡ଼ିଶାଠାରୁ ଆଗରେ। ଅର୍ଥାତ୍ ରାଜ୍ୟର ଅର୍ଥନୀତି ବଢ଼ୁଥିଲେ ମଧ୍ୟ ସେହି ବୃଦ୍ଧିକୁ ପ୍ରତ୍ୟେକ ପରିବାରର ଆୟ ଓ ଜୀବନମାନରେ ରୂପାନ୍ତରିତ କରିବା ଏବେ ବି ଏକ ବଡ଼ ଆହ୍ୱାନ। ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଗତି କରିଛି। କିନ୍ତୁ ଦାରିଦ୍ର୍ୟକୁ କେବଳ ଆୟର ଅଭାବ ଭାବେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ହେବ। ଶିକ୍ଷା, ସଠିକ୍ ପୋଷଣ, ସ୍ୱାସ୍ଥ୍ୟ, ବାସସ୍ଥାନ, ପାନୀୟଜଳ ଓ ସ୍ୱଚ୍ଛତା ଭଳି ଅନେକ ମାନଦଣ୍ଡକୁ ନେଇ ଦାରିଦ୍ର୍ୟର ଚିତ୍ରକୁ ଦେଖିବାକୁ ଉଚିତ୍। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ଦାରିଦ୍ର୍ୟ ହାର ୧୫.୬୮ ପ୍ରତିଶତ (ଗ୍ରାମାଞ୍ଚଳ ୧୭.୭୨% ଓ ସହରାଞ୍ଚଳ ୫.୪୨%) ଥିବା ବେଳେ ଜାତୀୟ ହାର ୧୪.୯୬ ପ୍ରତିଶତ। ଏହା ଦର୍ଶାଏ ଯେ ଦାରିଦ୍ର୍ୟ ହ୍ରାସରେ ରାଜ୍ୟ ଆଗକୁ ବଢ଼ିଥିଲେ ମଧ୍ୟ ଜାତୀୟସ୍ତର ସହ ସମକକ୍ଷ ହେବା ପାଇଁ ବିଶେଷତଃ ଗ୍ରାମାଞ୍ଚଳରେ ଆହୁରି ପ୍ରୟାସ ଆବଶ୍ୟକ।

ଶିକ୍ଷା କ୍ଷେତ୍ରରେ ଚିତ୍ରଟି ମିଶ୍ର। ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସାକ୍ଷରତା ହାରରେ ଓଡ଼ିଶା ୭୫.୬ ପ୍ରତିଶତ ସହ ଜାତୀୟ ହାର ୭୨.୫ ପ୍ରତିଶତଠାରୁ ଆଗରେ ରହିଛି। ଏହା ନିଶ୍ଚିତ ଭାବେ ଏକ ସକାରାତ୍ମକ ସଙ୍କେତ। କିନ୍ତୁ ଶିକ୍ଷାର ପ୍ରକୃତ ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ନିରନ୍ତର ଶିକ୍ଷା ମଧ୍ୟ ସମାନ ଗୁରୁତ୍ୱ ବହନ କରେ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ମାଧ୍ୟମିକ ସ୍ତରର ବାର୍ଷିକ ଡ୍ରପଆଉଟ ହାର ୨୭.୩ ପ୍ରତିଶତ ଥିବା ବେଳେ ଜାତୀୟ ହାର ୯.୫୨ ପ୍ରତିଶତ। ଯଦିଓ ୨୦୨୪-୨୫ରେ ସୁଧାର ଆସିଛି, ମାତ୍ର ଜାତୀୟ ହାରଠାରୁ ଅନେକ ପଛରେ ରହିଛି। ଏହି ବ୍ୟବଧାନ ଏକ ଗୁରୁତର ଚିନ୍ତାର ବିଷୟ। ଏହାଠାରୁ ଅଧିକ ଆବଶ୍ୟକ ହେଉଛି ଯୁବକଯୁବତୀଙ୍କୁ ଗୁଣାତ୍ମକ ଶିକ୍ଷା, ଦକ୍ଷତା ଓ ରୋଜଗାର ସହ ଯୋଡ଼ିବା। ଶିକ୍ଷାର ଶେଷ ଲକ୍ଷ୍ୟ ଭାବେ କେବଳ ପ୍ରମାଣପତ୍ର ନୁହେଁ, ବରଂ ଜ୍ଞାନ, ଦକ୍ଷତା ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେବା ଦରକାର।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅନେକ ପରିବର୍ତ୍ତନ ଆବଶ୍ୟକ। ଶିଶୁ ପୋଷଣ, ମାତୃ ସ୍ୱାସ୍ଥ୍ୟ ଓ ରକ୍ତହୀନତା ଭଳି ସମସ୍ୟାଗୁଡ଼ିକ ମାନବ ବିକାଶର ମୂଳସୂଚକ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ କୁପୋଷଣ ହାର ୩୪ ପ୍ରତିଶତ, ଯେଉଁଠାରେ ଜାତୀୟ ହାର ୨୯.୧ ପ୍ରତିଶତ। ସେହିପରି ଗର୍ଭବତୀଙ୍କ ମଧ୍ୟରେ ରକ୍ତହୀନତାର ହାର ଓଡ଼ିଶାରେ ୬୧.୮ ପ୍ରତିଶତ, ଜାତୀୟ ହାର ୪୭.୬ ପ୍ରତିଶତ। ତେଣୁ ଶତାୟୁ ଓଡ଼ିଶା ପାଇଁ ଚିକିତ୍ସା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହିତ ସୁସ୍ଥ ମା', ସୁସ୍ଥ ଶିଶୁ ଓ ସୁସ୍ଥ ଯୁବପିଢ଼ି ଗଢ଼ିବାକୁ ସମାନ ପ୍ରାଥମିକତା ଦେବା ଦରକାର।

ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ବିନା ଶତାୟୁ ଓଡ଼ିଶାର ପରିକଳ୍ପନା ସଫଳ ହୋଇପାରିବ ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ପ୍ରାୟ ୮୩ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିଲେ। ୧୫ବର୍ଷ ତଳର ତଥ୍ୟ ଆଧାରରେ ଆମେ ତର୍ଜମା କଲେ ଏହି ତଥ୍ୟ ହିଁ ସୂଚାଇ ଦିଏ ଯେ ଓଡ଼ିଶାର ବିକାଶର ମୂଳ ଭିତ୍ତି ଗାଁ ଏବଂ ଗ୍ରାମୀଣ ଅର୍ଥନୀତିରେ ରହିଛି। ଗାଁର ଜୀବନଜୀବିକାରେ ପରିବର୍ତ୍ତନ ନ ଆସିଲେ, ଗ୍ରାମୀଣ ପରିବାରର ଆୟ ନ ବଢ଼ିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସଠିକ୍ ଭାବେ ଉପଲବ୍ଧ ନ ହେଲେ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ଅଧୁରା ରହିଯିବ।

କୃଷି ଏବେ ବି ଲକ୍ଷ ଲକ୍ଷ ପରିବାରର ଜୀବିକାର ମୂଳ ଆଧାର। କିନ୍ତୁ କୃଷକଙ୍କ ଆୟ ବଢ଼ାଇବା ପାଇଁ କେବଳ ଉତ୍ପାଦନ ବଢ଼ାଇଲେ ହେବ ନାହିଁ। ସଂରକ୍ଷଣ, ପ୍ରସ୍ତୁତିକରଣ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉଚିତ ମୂଲ୍ୟପ୍ରାପ୍ତିର ସମ୍ପୂର୍ଣ୍ଣ ଶୃଙ୍ଖଳାକୁ ମଜବୁତ କରିବାକୁ ହେବ। ଏଠାରେ ସମବାୟ ସଂସ୍ଥାଗୁଡ଼ିକର ଭୂମିକା ଆହୁରି ବଢ଼ିପାରେ। ଗ୍ରାମୀଣ ଉତ୍ପାଦନ, ପ୍ରସ୍ତୁତିକରଣ, ବଜାର ଓ ଏ ସମ୍ପର୍କିତ ସୁବିଧା କେନ୍ଦ୍ରଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଉଦ୍ୟୋଗୀକରଣ ଓ ଖଣିଜ ଭିତ୍ତିକ ଅର୍ଥନୀତି ଓଡ଼ିଶାକୁ ରାଜସ୍ୱ ଓ ନିବେଶର ନୂଆ ସୁଯୋଗ ଦେଇଛି। କିନ୍ତୁ ଆଗାମୀ ଦଶକର ପ୍ରଶ୍ନ ହେଉଛି - ଏହି ଅର୍ଥନୈତିକ ବୃଦ୍ଧିର ଲାଭ କେତେମାତ୍ରାରେ ସ୍ଥାନୀୟ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି? ଶିଳ୍ପ ଆସିବା ସହିତ ସ୍ଥାନୀୟ ଯୁବକଙ୍କ ପାଇଁ ଦକ୍ଷତା ଓ ରୋଜଗାର ବଢ଼ୁଛି କି? କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ନୂଆ ମୂଲ୍ୟ-ଶୃଙ୍ଖଳାରେ ସାମିଲ ହେଉଛନ୍ତି କି? ଗ୍ରାମୀଣ ଅଞ୍ଚଳରେ ନୂଆ ଉଦ୍ୟମ ସୃଷ୍ଟି ହେଉଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଅର୍ଥନୈତିକ ବୃଦ୍ଧି କେତେ ମାତ୍ରାରେ ସମାବେଶୀ।

ଏହି ସମସ୍ତ ସୂଚକକୁ ଏକାଠି ଦେଖିଲେ ଓଡ଼ିଶାର ଚିତ୍ର ନା ସମ୍ପୂର୍ଣ୍ଣ ନୈରାଶ୍ୟଜନକ, ନା ସମ୍ପୂର୍ଣ୍ଣ ସନ୍ତୋଷଜନକ। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪'ରେ ଭାରତର ସାମଗ୍ରିକ ସ୍କୋର ୭୧ ଥିବାବେଳେ ଓଡ଼ିଶାର ସ୍କୋର ୬୬। ଅର୍ଥାତ୍ ରାଜ୍ୟକୁ ଜାତୀୟ ମାନଦଣ୍ଡ ସହ ସମକକ୍ଷ ହେବା ପାଇଁ ଆହୁରି ଗତି ବଢ଼ାଇବାକୁ ହେବ। ତେବେ ଏହା ମଧ୍ୟ ଉଲ୍ଲେଖନୀୟ ଯେ ୨୦୧୮ ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟ ସ୍କୋର ୧୫ ପଏଣ୍ଟ ବଢ଼ିଛି। ଅର୍ଥାତ୍ ରାଜ୍ୟରେ ପରିବର୍ତ୍ତନ ଘଟୁଛି; କିନ୍ତୁ ଏହି ପରିବର୍ତ୍ତନର ଗତି ଓ ପରିମାଣକୁ ଆହୁରି ବଢ଼ାଇବା ଦରକାର। ତେଣୁ ଶତାୟୁ ଓଡ଼ିଶାର ରୂପରେଖ କେବଳ ଏକ ଭବିଷ୍ୟତର ଗୋଲାପୀ ଚିତ୍ର ନୁହେଁ; ଏହା ସଭିଙ୍କ କ୍ଷେତ୍ରରେ ପ୍ରତିଫଳିତ ହେଉଥିବା ଏବଂ ବାସ୍ତବ ରୂପ ନେଉଥିବା ସ୍ପଷ୍ଟ ରୋଡମ୍ୟାପ୍ ହେବା ଆବଶ୍ୟକ।

୨୦୩୬ ଏକ ମାଇଲଖୁଣ୍ଟ; କିନ୍ତୁ 'ଶତାୟୁ ଓଡ଼ିଶା' ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାର ସଫଳତା କେବଳ ରାଜ୍ୟର ଜିଏସ୍‌ଡିପି (ରାଜ୍ୟ ଘରୋଇ ଉତ୍ପାଦ) କେତେ ବଢ଼ିଲା, କେତେ ଶିଳ୍ପ ଆସିଲା କିମ୍ବା କେତେ ରାସ୍ତା ନିର୍ମାଣ ହେଲା, ସେଥିରେ ମାପିହେବ ନାହିଁ। ପ୍ରକୃତ ପ୍ରଶ୍ନ ହେବ ସାଧାରଣ ଓଡ଼ିଆଙ୍କ, ଆଦିମ ଜନଜାତିଙ୍କ ଜୀବନ କେତେ ବଦଳିଲା? ଯଦି ଜଣେ ଗ୍ରାମୀଣ ଶିଶୁ ସହରର ଶିଶୁ ପରି ସମାନ ଗୁଣାତ୍ମକ ଶିକ୍ଷା ପାଏ, ଜଣେ କୃଷକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଏ, ଜଣେ ଯୁବକ ନିଜ ରାଜ୍ୟରେ ସମ୍ମାନଜନକ ରୋଜଗାର ପାଏ, ଜଣେ ମହିଳା ନିରାପଦ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସୁଯୋଗ ପାଏ ଏବଂ ଜଣେ ପରିବାର ନିଜ ପରବର୍ତ୍ତୀ ପିଢ଼ିର ଭବିଷ୍ୟତକୁ ନେଇ ନିରାପଦ ଅନୁଭବ କରେ, ତେବେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ପ୍ରକୃତ ଅର୍ଥରେ ସାକାର ହେବ।

ଭୁବନେଶ୍ୱର, ମୋ: ୯୯୩୭୧୭୬୦୪୯

ପାର୍ବଣ ପ୍ରତିଦ୍ୱନ୍ଦ୍ୱିତା: ପ୍ରଦୂଷଣ ଓ ପ୍ରତିକାର

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ

ଦିନ ଥିଲା ଆମ ସମାଜରେ ସୀମିତ ସଂଖ୍ୟକ ଦେବାଦେବୀ ନିର୍ଦ୍ଦିଷ୍ଟ ସ୍ଥାନରେ ନିରାଡ଼ମ୍ବର ଭାବରେ ଭକ୍ତି ଓ ପବିତ୍ରତାର ସହିତ ପୂଜା ପାଉଥିଲେ। ଅଧୁନା ବିଭିନ୍ନ ଦେବାଦେବୀଙ୍କ ଉପାସନା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବର୍ଷତମାମ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ପୂଜା ପାର୍ବଣ କ୍ଷେତ୍ରରେ ଅଧୁନା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ବଢ଼ିଛି। ତେଣୁ କେଉଁଠି ଜିନ୍ ଓ କଳା ଚଷମା ପିନ୍ଧା ସିଗାରେଟ୍ ଟାଣୁଥିବା ଗଣେଶ ମୂର୍ତ୍ତି ତ ଆଉ କେଉଁଠି ଲାଡେନ୍‌କୁ ବଧ କରୁଥିବା ଦୁର୍ଗା ମେଢ଼ ଦେଖିବାକୁ ମିଳୁଛି। ଏପରି ଖିଆଲ ଖୁସିରେ ପ୍ରତିମା ପୂଜା ଦ୍ୱାରା ଜନ ଓ ଜାତିର କି ପ୍ରକାର ମଙ୍ଗଳ ସାଧନ ହେଉଛି ତାହା ସମସ୍ତେ ବିଚାରିବାର ସମୟ ଆସିଛି।

ମନ୍ଦିରକୁ ମୁଖଶାଳା ବଳିଯିବା ପରି ଏବେ ପୂଜା ଅନୁଷ୍ଠାନମାନ ନିଜ ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସୁଉଚ୍ଚ ପ୍ରତିମା ଓ ତୋରଣ ନିର୍ମାଣ କରୁଛନ୍ତି। ପ୍ରତିମାଙ୍କ ଗଳାରେ ଫୁଲହାର ପକାଇବାକୁ ବଡ଼ ବାଡ଼ିର ସାହାରା ନେବାକୁ ପଡୁଛି। ଏହି ବର୍ଷ ଗଣେଶ ପୂଜାରେ ଗୋଟିଏ ପୂଜା ମଣ୍ଡପର ୧୫୦ ଫୁଟ ଉଚ୍ଚର ତୋରଣ କେମିତି ଝଡ଼ ବର୍ଷାରେ ଭୂପତିତ ହେଲା ତାହା ଆମେ ସମସ୍ତେ ଜାଣନ୍ତି। ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିଲେ। ଶାରଦୀୟ ଦୁର୍ଗାପୂଜାର ଏକ ସ୍ୱତନ୍ତ୍ରତା ରହିଛି। ପୂଜା ଛୁଟିରେ ଦର୍ଶକଙ୍କ ପ୍ରବଳ ଭିଡ଼ ହେବା ସ୍ୱାଭାବିକ। ଅକ୍ଟୋବର ମାସରେ ବାତ୍ୟାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଅତିଉଚ୍ଚ ତୋରଣ ନିର୍ମାଣ ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ସେହିପରି କଟକଣା ସତ୍ତ୍ୱେ କେତେକ ଅନୁଷ୍ଠାନ ଜୁଲମ କରି ଚାନ୍ଦା ଆଦାୟ କରୁଛନ୍ତି। କେହି ବିରୋଧ କଲେ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ପୁଲିସ ଓ ପ୍ରଶାସନ ସବୁ ଜାଣି ବି ନିରବ ରହୁଛନ୍ତି।

ସାମ୍ପ୍ରତିକ ସମୟର ପୂଜାପାର୍ବଣ ମୂଳ ଲକ୍ଷ୍ୟରୁ ଦୂରେଇ ଯାଇ ଧୀରେ ଧୀରେ ବାହ୍ୟିକ ଔପଚାରିକତା ଭିତରେ ଆବଦ୍ଧ ହୋଇଯାଉଛି। ଦେବଦେବୀଙ୍କ ନାମରେ ଆଦାୟ କରାଯାଉଥିବା ଅର୍ଥର ସିଂହ ଭାଗ ମଦ୍ୟପାନ ଏବଂ ତଥାକଥିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟୟ ହେଉଛି। ମନୋରଞ୍ଜନର ଦ୍ୱାହି ଦେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରୁତିକଟୁ ଦ୍ୱିଅର୍ଥବୋଧକ ଅଶ୍ଳୀଳଗୀତ ସହିତ ଅରୁଚିକର ଠାଣିରେ ତରୁଣତରୁଣୀମାନଙ୍କ ନୃତ୍ୟର ଆସରକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆଖ୍ୟାୟିତ କରାଯାଉଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶ୍ରୋତା ଓ ଦର୍ଶକଙ୍କ ବ୍ୟତୀତ ଅନ୍ୟ କେହି ତାହା ଦେଖିବା ବା ଶୁଣିବା ଯୋଗ୍ୟ ନୁହେଁ। ଏହାବ୍ୟତୀତ ଦିନତମାମ ଡାକବାଜି ଯନ୍ତ୍ର ମାଧ୍ୟମରେ ବିକୃତ ଆଲବମ ସଙ୍ଗୀତର ବିକଟାଳ ଗର୍ଜନ ପାର୍ବଣ ପାଳନକାରୀଙ୍କ ସାମୟିକ ଖୁସି ଓ ଆତ୍ମସନ୍ତୋଷ ଦେଉ ଥାଇପାରେ; କିନ୍ତୁ ବୃଦ୍ଧବ୍ୟକ୍ତି, ରୋଗୀ, ବିଦ୍ୟାର୍ଥୀ ଓ କର୍ମକ୍ଳାନ୍ତ ନାଗରିକ ତ୍ରାହି ତ୍ରାହି ଡାକୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିୟମାନୁସାରେ ଦିନବେଳା ୪୫ ଡେସିବଲ୍ ଓ ରାତିରେ ୩୫ ଡେସିବଲ୍ ଶବ୍ଦ ବାଞ୍ଛନୀୟ। ଶବ୍ଦ ପ୍ରଦୂଷଣର ଭୟଙ୍କର କୁପରିଣାମକୁ ଦୃଷ୍ଟିରେ ରଖି ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୦୦୫ ମସିହାରେ ପ୍ରଣୀତ ନିୟମାନୁଯାୟୀ ସର୍ବସାଧାରଣ ସ୍ଥାନରେ ରାତି ୧୦ ଟା ପରେ ଉଚ୍ଚଶବ୍ଦ ସୃଷ୍ଟି କରିବା ନିଷେଧ କରାଯାଇଛି। କିନ୍ତୁ ଦୁଃଖର ବିଷୟ ଆଜିର ସଭ୍ୟ ଶିକ୍ଷିତମାନେ ପ୍ରଦୂଷଣର କ୍ଷତିକାରକ ପ୍ରଭାବ ବିଷୟରେ ଜାଣି ବି ଅଜଣା ହେଉଛନ୍ତି। ଡିଜେର ବିକଟାଳ ଗର୍ଜନ କେବଳ ଶବ୍ଦ ପ୍ରଦୂଷଣ ନୁହେଁ, ଜୀବନ ହାନିର କାରଣ ହୋଇଛି। ଗାଁରୁ ସହର ସର୍ବତ୍ର ବର୍ତ୍ତମାନ ଶବ୍ଦ ପ୍ରଦୂଷଣର ଏକଛତ୍ରବାଦ ରାଜୁତି ଚାଲିଛି। ଏହା ଉପରେ କଠୋର କଟକଣା ଜାରି ହେବା ଆବଶ୍ୟକ।

ଏଥିସହିତ ପୂଜା ମଣ୍ଡପ ନିକଟରେ ଡଷ୍ଟବିନ୍ ରଖି ଅଳିଆ ଆବର୍ଜନା ପକାଇବାର ବ୍ୟବସ୍ଥା କରାଯାଉ। ଅପମିଶ୍ରିତ ଖାଦ୍ୟ ଓ ପାନୀୟ ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିରନ୍ତର ଚଢ଼ାଉ ଜାରି ରଖନ୍ତୁ। ଭିଡ଼କୁ ଆଖିରେ ରଖି ଶ୍ରଦ୍ଧାଳୁ ଆତ୍ମସଚେତନ ହୋଇ ନିଜ ସାମଗ୍ରୀ ବିଶେଷତଃ ଟଙ୍କା, ମୋବାଇଲ, ଅଳଙ୍କାର ଆଦି ପ୍ରତି ନିଜେ ସତର୍କ ଓ ଦାୟିତ୍ୱବାନ ହେବା ଉଚିତ୍। ପାର୍ବଣ ସମୟରେ ଓ ଦେବାଦେବୀଙ୍କ ବିସର୍ଜନ ସମୟର ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ନିଶାସକ୍ତ ଯୁବକମାନଙ୍କ ଅରୁଚିକର ଉଦ୍ଦଣ୍ଡ ନୃତ୍ୟ ଯୋଗୁଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ତେଣୁ ପାର୍ବଣ ଆରମ୍ଭରୁ ଶେଷପର୍ଯ୍ୟନ୍ତ ନିଶାବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଚାନ୍ଦା ଆଦାୟକୁ କେନ୍ଦ୍ରକରି ହେଉ ବା ଯେକୌଣସି ସାମାନ୍ୟ କାରଣକୁ ଭିତ୍ତିକରି ହିତାହିତ ଜ୍ଞାନଶୂନ୍ୟ ନିଶାଗ୍ରସ୍ତ ଯୁବକମାନଙ୍କ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ କେବଳ ପୁଲିସ ପ୍ରଶାସନ ନୁହେଁ ବୟୋଜ୍ୟେଷ୍ଠ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଉ।

ପୂଜାପାର୍ବଣ ଧର୍ମାଚରଣର ଏକ ଅଙ୍ଗ ଭାବେ ମହାନ୍ ଭାରତୀୟ ସଂସ୍କୃତିରେ ସ୍ଥାନିତ ହୋଇଛି। ସୁପ୍ତ ଈଶ୍ୱରୀୟ ଚେତନାକୁ ଜାଗ୍ରତ କରି ଦେବୋପମ ଚରିତ୍ରର ଅଧିକାରୀ ହେବା ସହିତ ସୁଖ ଶାନ୍ତି ଓ ଆନନ୍ଦରେ ଜୀବନଯାପନ କରିବା ପୂଜା ପାର୍ବଣର ମୁଖ୍ୟ ଲକ୍ଷ୍ୟ। ଆଜି ସମୟ ଆସିଛି, ଆମ ମନଗଢ଼ା ଅଶାସ୍ତ୍ରୀୟ ପୂଜାର୍ଚ୍ଚନା ପରିବର୍ତ୍ତେ ଶାସ୍ତ୍ରାନୁମୋଦିତ ଉପଚାରରେ ପୂଜା ଆରାଧନା କରିବାକୁ ହେବ। ଦେବାଦେବୀଙ୍କ ପ୍ରତିମା ମାଟି, ସୁନା, ରୁପା ବା ଅଷ୍ଟଧାତୁରେ ନିର୍ମାଣ କରିବା ଉଚିତ। ଜୋରଜୁଲମ୍ କରି ଚାନ୍ଦା ଆଦାୟ ନ କରି ଅନୁଷ୍ଠାନ ସହିତ ଜଡ଼ିତ ଅଞ୍ଚଳବାସୀଙ୍କ ସ୍ୱେଚ୍ଛାକୃତ ଦାନ ଅର୍ଥରେ ପୂଜା ପାଳନ କରାଯାଉ। ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଆଲବମ ସଙ୍ଗୀତ ପରିବର୍ତ୍ତେ ଭଜନ, କୀର୍ତ୍ତନ, ପ୍ରବଚନ ବା ଭକ୍ତିଭାବପୂର୍ଣ୍ଣ ସଙ୍ଗୀତ ଶ୍ରୁତିମଧୁର ସ୍ୱରରେ ପରିବେଷଣ କରାଯାଇ ପରିବେଶକୁ ଆଧ୍ୟାତ୍ମିକ ଚେତନା ସମୃଦ୍ଧ କରି ତୋଳିବା ସମସ୍ତଙ୍କର ଲକ୍ଷ୍ୟ ହେଉ। ବିସର୍ଜନ ଶୋଭାଯାତ୍ରା ନିରାଡ଼ମ୍ବର ହେଉ। ପରିବେଶକୁ ସୁସ୍ଥ ରଖି ପାର୍ବଣ ପାଳନ ସମସ୍ତଙ୍କ ଧ୍ୟେୟ ହେଉ। ପାର୍ବଣ ଅବସରରେ ସରକାର, ପ୍ରଶାସନ, ସୁରକ୍ଷା ବାହିନୀ, ଶାନ୍ତି କମିଟି ତଥା ପାଳନକାରୀ ସତର୍କ ଓ ସଜାଗ ରହିଲେ ପୂଜା ପାର୍ବଣ ସଫଳ ଓ ଉପଭୋଗ୍ୟ ହେବ।

ସିଂହପୁର(ଯାଜପୁର), ମୋ: ୯୯୩୭୮୮୧୮୪

ମହାପ୍ରଭୁଙ୍କ ଟାହିଆ

ସ୍ୱପ୍ନେଶ୍ୱର

ରାଜା ମହାରାଜାମାନେ ବାହାରକୁ ବାହାରିଲେ ସୁନାର ମୁକୁଟ ପିନ୍ଧନ୍ତି। ମୁକୁଟ ହିଁ ସେମାନଙ୍କର ପରିଚୟ। ମହାପ୍ରଭୁ ରାଜାଧିରାଜ। ସେ ଯେତେବେଳେ ବାହାରକୁ ବାହାରନ୍ତି ଫୁଲ, ଦୁବ, ସୋଲ, ଜରି, ବେତ ଓ ବାଉଁଶ କାଠି ଆଦିରେ ନିର୍ମିତ ଏକ ମୁକୁଟ ଲଗେଇ ବାହାରନ୍ତି। ବଡ଼ ଠାକୁର ବଳଭଦ୍ର ମଧ୍ୟ ଏହି ମୁକୁଟ ଲଗେଇ ବାହାରନ୍ତି। ସ୍ଥାନୀୟ ଭାଷାରେ ଏହି ମୁକୁଟକୁ 'ଟାହିଆ' କହନ୍ତି। ମାଆ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଯାତ୍ରା କରୁଥିବାରୁ ସେମାନେ ଟୋପୋର ଆକାରର ଟାହିଆ ଲାଗି ହୁଅନ୍ତି। ସ୍ନାନଯାତ୍ରା ସମୟରେ ମନ୍ଦିରରୁ ସ୍ନାନମଣ୍ଡପକୁ ଯିବା ଓ ଆସିବା, ଗୁଣ୍ଡିଚା ଯାତ୍ରା ବେଳେ ଶ୍ରୀମନ୍ଦିରରୁ ରଥକୁ ଓ ରଥରୁ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା, ବାହୁଡ଼ା ଯାତ୍ରାରେ ଗୁଣ୍ଡିଚା ମନ୍ଦିରରୁ ରଥକୁ, ତା' ପରେ ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିରକୁ ଯାତ୍ରା- ଏହି ପରି ଛଅଥର ଯାତ୍ରା ବେଳେ ଚାରିଠାକୁରଙ୍କଠାରେ ଚବିଶଟି ଟାହିଆ ଲାଗି କରାଯାଏ। ସ୍ନାନ ଯାତ୍ରା ଓ ଗୁଣ୍ଡିଚା ମନ୍ଦିରରେ ବ୍ୟବହୃତ ଟାହିଆ ଶ୍ରୀମନ୍ଦିରରେ ଲାଗୁଥିବା ଟାହିଆଠାରୁ ଛୋଟ।

ବଡ଼ ଟାହିଆ ଲାଗି ହେବା ବେଳେ ଜଗନ୍ନାଥଙ୍କ ଟାହିଆରେ ୩୭ ଖଣ୍ଡ ଓ ବଳଭଦ୍ରଙ୍କ ଟାହିଆରେ ୩୩ ଖଣ୍ଡ ବାଉଁଶ କାଠି ଲାଗେ। ସାନ ଟାହିଆରେ ଜଗନ୍ନାଥଙ୍କର ୨୫ ଓ ବଡ଼ ଠାକୁରଙ୍କ ଟାହିଆରେ ୨୧ ଖଣ୍ଡ ବାଉଁଶ କାଠି ଲାଗେ। ଏଥିରୁ ଜଣାଯାଏ ଯେ ସବୁବେଳେ ମହାପ୍ରଭୁଙ୍କ ଟାହିଆ ବଡ଼ଠାକୁରଙ୍କ ଟାହିଆଠାରୁ ବଡ଼। ଲାଗୁଥିବା କାଠି ସଂଖ୍ୟାରେ ସବୁବେଳେ ଚାରିଟି କାଠିର ଫରକ ଥାଏ। ବିଭିନ୍ନ ପ୍ରକାରର ଫୁଲ, ଦୁବ, ସୋଲରେ ତିଆରି କଦମ୍ବ ଫୁଲ ଓ ପାନ ଖିଲ, ମାଧବୀ ପତ୍ର, ବେତ ଓ ବାଉଁଶ କାଠିରେ ପ୍ରାୟ ଅର୍ଦ୍ଧବୃତ୍ତାକାର ଆକାରରେ ନିର୍ମିତ ଛାଞ୍ଚରେ ସେ ସବୁକୁ ଖଞ୍ଜି ଥରକେ ଦୁଇଟି ସୁନ୍ଦର ଟାହିଆ ତିଆରି କରାଯାଏ। ଟାହିଆ କାରିଗର ଅତ୍ୟନ୍ତ ନିଷ୍ଠାର ସହ ହବିଷ୍ୟାନ୍ନ ଭୋଜନ କରି ମହାପ୍ରଭୁଙ୍କ ପାଇଁ ଟାହିଆ ପ୍ରସ୍ତୁତ କରନ୍ତି। ଶ୍ରୀମସ୍ତକରେ ଟାହିଆ ଲଗେଇ ଦୁଇଭାଇ ପହଣ୍ଡି ବିଜେ ସମୟରେ ସିଂହଠାଣିରେ ଚାଲିଚାଲି ଆସନ୍ତି ଏବଂ ସିଂହର କେଶର ପରି ଟାହିଆ ହଲେଇ ଆସୁଥିବା ବେଳେ ଦେଖୁଥିବା ଭକ୍ତମାନେ ତାଙ୍କୁ 'ନୀଳାଦ୍ରିସିଂହ'ରୂପେ ସମ୍ବୋଧିତ କରନ୍ତି।

ଟାହିଆ ପଛରେ ଏକ ଲୋକକଥା ଶୁଣାଯାଏ। କେତେକ ଏହାକୁ ସତ ଘଟଣା ବୋଲି ମଧ୍ୟ କହନ୍ତି। କଥାଟି

ଲୋକକଥାରେ ଲୋକଦେବତା

ଏହିପରି - ଗଜପତି ପୁରୁଷୋତ୍ତମ ଦେବଙ୍କ ଅମଳର କଥା। ନରେନ୍ଦ୍ର ସରୋବରରେ ମଦନମୋହନ ଦୁଇପତ୍ନୀ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଚାପ ଖେଳୁଥିବା ସମୟରେ ପ୍ରବଳ ଝଡ଼ ତୋଫାନରେ ମଦନମୋହନଙ୍କ ଚାପ ସହିତ ତିନିଠାକୁର ପାଣିରେ ବୁଡ଼ି ଗଲେ। ଝଡ଼ ଥମିବା ପରେ ସେବକମାନେ ଅନେକ ପରିଶ୍ରମ କରି ଭୂଦେବୀ ଓ ଶ୍ରୀଦେବୀଙ୍କ ବିଗ୍ରହ ପାଣିରୁ ଉଦ୍ଧାର କରିବାରେ ସଫଳ ହେଲେ। କିନ୍ତୁ ମଦନମୋହନ ମିଳିଲେ ନାହିଁ। ମଦନମୋହନ ବାହୁଡ଼ା ବିଜେ ନ କଲେ ମହାପ୍ରଭୁଙ୍କର ଅନ୍ୟ ନୀତି ପ୍ରଭାବିତ ହେବ। ସେବକମାନେ ଗଜପତିଙ୍କୁ ଏ ବିଷୟରେ ଜଣେଇଲେ। ଗଜପତି ମଠ ମହନ୍ତ ଓ ପଣ୍ଡିତମାନଙ୍କର ଏକ ସଭା ଡାକି ପରାମର୍ଶ ଲୋଡ଼ିଲେ। ଅନେକ ବିଚାରବିମର୍ଶ ପରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସ୍ଥିର କରାଗଲା ଯେ ମଦନମୋହନଙ୍କ ବିଗ୍ରହ ପରି ଆଉ ଏକ ବିଗ୍ରହ ମିଳିଲେ ତାଙ୍କୁ ମଦନମୋହନ ରୂପେ ଅବସ୍ଥାପିତ କରି ବାକି ନୀତି ଆଗକୁ ବଢ଼ାଯିବ।

ଏହି ସମୟରେ ରାଘବ ଦାସ ମଠର ମହନ୍ତ ଜଣେଇଲେ ଯେ ତାଙ୍କ ମଠରେ ମଦନମୋହନଙ୍କର ଅବିକଳ ଏକ ପ୍ରତିମା ଆରାଧିତ ହେଉଛନ୍ତି। ଏହାପରେ ମଠରୁ ସେମୂର୍ତ୍ତି ଶ୍ରୀମନ୍ଦିରକୁ ଆସିଲେ। ବର୍ତ୍ତମାନର ମଦନମୋହନ ସେହି ରାଘବ ଦାସ ମଠରୁ ଅଣାଯାଇଥିବା ବିଗ୍ରହ। କୃତଜ୍ଞ ରାଜା ଖୁସି ହୋଇ ମହନ୍ତଙ୍କୁ ପ୍ରତିବଦଳରେ କିଛି ମାଗିବାକୁ କହିବାରୁ ମହନ୍ତ କହିଲେ, 'ମୁଁ ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀ। କୌଣସି ଧନସମ୍ପତ୍ତିର ଆବଶ୍ୟକତା ମୋର ନାହିଁ। ଆପଣ ଯଦି ଖୁସିରେ କିଛି ଦେବାକୁ ଚାହୁଁଛନ୍ତି, ମହାପ୍ରଭୁଙ୍କର କିଛି ଅଙ୍ଗଲାଗି ସେବା ଆମ ମଠକୁ ପ୍ରଦାନ କରିବା ହୁଅନ୍ତୁ।' ରାଜା କିଛି ସମୟ ଚିନ୍ତା କରି ମହନ୍ତଙ୍କୁ ମହାପ୍ରଭୁଙ୍କର କେତେକ ମହାର୍ଘ ସେବା କରିବାର ଅଧିକାର ପ୍ରଦାନ କଲେ।

ସେହି ଅଧିକାର ଅନୁଯାୟୀ ପ୍ରତିବର୍ଷ ରାଘବଦାସ ମଠ ପକ୍ଷରୁ ମହାପ୍ରଭୁଙ୍କର ସମସ୍ତ ଯାତ୍ରାରେ ପୁଷ୍ପାଳଙ୍କାର ବା ଟାହିଆ ସମେତ ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଗଜବେଶ, ଅନବସର ସମୟର ଚକଟା ଭୋଗ ଏବଂ ନୀଳାଦ୍ରି ବିଜେ ପୂର୍ବଦିନର ଅଧର ପଣା ଯୋଗାଇ ଦିଆଯାଉଛି।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ରାଜ୍ୟସଭା ନିର୍ବାଚନ କ୍ରସ୍‌ଭୋଟିଂ ମାମଲା

ବାଚସ୍ପତିଙ୍କୁ ସାନି ଆବେଦନ କରାଯିବା ପ୍ରସଂଗରେ ହାଇକୋର୍ଟଙ୍କ ଜବାବତଲବ

କଟକ,୧୩।୧୦(ସମିସ): ଦଳୀୟ ହୁଇପ ନ ମାନି ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଧ ପ୍ରସଂଗକୁ ନେଇ ରୁଜୁ ମାମଲାର ଶୁଣାଣି ଆଜି ନୂଆ ଖଣ୍ଡପୀଠରେ ହୋଇଛି। ପୂର୍ବରୁ ଏହି ମାମଲାର ଶୁଣାଣି କରୁଥିବା ଜଷ୍ଟିସ ଆର.କେ.ପଟ୍ଟନାୟକ ଏହି ମାମଲାର ଶୁଣାଣି ଅନ୍ୟ ଖଣ୍ଡପୀଠରେ କରିବା ପାଇଁ କହିଥିଲେ। ମୁଖ୍ୟବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ଆଜି ଶୁଣାଣି କରିଛନ୍ତି ଜଷ୍ଟିସ ମୃଗାଙ୍କ ଶେଖର ସାହୁ। ତେବେ ଏହି ମାମଲାକୁ ପୁଣି ବାଚସ୍ପତିଙ୍କ ନିକଟକୁ ପଠାଯିବା ପ୍ରସଂଗରେ ପ୍ରତିପକ୍ଷଙ୍କ ନିକଟରୁ ଜବାବ ଲୋଡିଛନ୍ତି ହାଇକୋର୍ଟ। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା। ନିର୍ଦ୍ଦିଷ୍ଟ ଫର୍ମାଟରେ ସଠିକ ଭାବେ ଏହି ଆବେଦନ କରାଯାଇନଥିବା କାରଣରୁ ବାଚସ୍ପତି ଏହାକୁ ଖାରଜ କରିଥିଲେ। ତେବେ ଉକ୍ତ ଆବେଦନଟି ସଂଶୋଧନ ଯୋଗ୍ୟ ଓ ଏହାର ତ୍ରୁଟି ସଂଶୋଧନ କରି ପୁଣି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ଏହି ପ୍ରସଂଗରେ ପ୍ରତିପକ୍ଷଙ୍କ ଆଇନଜୀବୀ ପରବର୍ତ୍ତୀ ଶୁଣାଣିରେ ଜବାବ ରଖିବାକୁ କହିଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର୨୯କୁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ, ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସେ?ଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟ ପଦ ରଦ୍ଦ ପ୍ରସଂଗ ନେଇ ଦାୟର ଆବେଦନଗୁଡିକୁ ଓଡିଶା ବିଧାନସଭା ବାଚସ୍ପତି ଖାରଜ କରିଥିଲେ। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ବାଚସ୍ପତିଙ୍କ ଖାରଜ ନିର୍ଦ୍ଦେଶ ସଂପର୍କିତ ୨୦୨୬ ଜୁନ ୧୯ର ଆଦେଶକୁ ରଦ୍ଦ କରାଯାଉ ବୋଲି ଆବେଦନରେ ନିବେଦନ କରାଯାଇଛି। ବାଚସ୍ପତିଙ୍କ ନିର୍ଦ୍ଦେଶ ବିରୋଧରେ ବିଜେଡି ମୁଖ୍ୟସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ୮ଜଣ ବିଧାୟକ ଓ ବାଚସ୍ପତିଙ୍କୁ ପକ୍ଷଭୁକ୍ତ କରାଯାଇ ୮ଗୋଟି ପିଟିସନ ହାଇକୋର୍ଟରେ ଦାୟର ହୋଇଛି। ଅନ୍ୟପଟରେ ଆବେଦନ ଗୁଡିକର ଗ୍ରହଣୀୟତାକୁ ନେଇ ପ୍ରତିପକ୍ଷଙ୍କ ଓକିଲ ପ୍ରଶ୍ନ ଉଠାଇଥିଲେ ହେଁ ହାଇକୋର୍ଟ ପ୍ରଥମେ ବାଚସ୍ପତିଙ୍କ ନିକଟରେ ସଂଶୋଧିତ ଆବେଦନ କରାଯିବା ପ୍ରସଂଗରେ ଜବାବ ଲୋଡିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନଗୋ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଆଶିଷ କୁମାର ମିଶ୍ର ସହାୟତା କରୁଛନ୍ତି।

ଅବଶିଷ୍ଟାଂଶ...

ଇଣ୍ଡିଆ ମେଣ୍ଟର...

ସଦନ ଅଭିମୁଖେ ପଦଯାତ୍ରା, ସୁପ୍ରିମ ମାର୍ଚ୍ଚ ଅନୁଷ୍ଠିତ ହୋଇଛି। 'ଭୋଟଚୋରି' ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଦାୟୀ ବୋଲି ଅଭିଯୋଗ କରି ତାଙ୍କ ଇସ୍ତଫା ଦାବି କରିଛନ୍ତି। ଦେଶରେ ଗଣତନ୍ତ୍ରକୁ ଧ୍ୱଂସ କରି ଦିଆଯାଇଛି। ନିର୍ବାଚନ ବ୍ୟବସ୍ଥା ମଧ୍ୟ ଧ୍ୱଂସ ହୋଇଯାଇଛି। ଦେଶରେ ପ୍ରକୃତ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ପାଇଁ ଆମେ ସଂଘର୍ଷ କରୁଛୁ ଏବଂ ଏଥିରେ ସଫଳ ମଧ୍ୟ ହେବୁ ବୋଲି ବିରୋଧୀ କହିଛନ୍ତି। ଯେଉଁମାନେ ଏଭଳି ଷଡ଼ଯନ୍ତ୍ର ଚଳାଇଛନ୍ତି, ସେମାନେ ଜାଣିବା ଉଚିତ ଯେ ସମ୍ବିଧାନକୁ ଧ୍ୱଂସ କରି ରକ୍ଷା ପାଇପାରିବେ ନାହିଁ। ସେମାନଙ୍କର ଯିବା ବେଳ ଆସଗଲାଣି ବୋଲି ବିରୋଧୀ ଚେତାବନୀ ଦେଇଛନ୍ତି।

ଦୀପାବଳି ପରେ...

ଥିଲା ଯେ, ଯଦି ଚାର୍ଜ ଲାଗୁ ହେବ ତେବେ ଦୋକାନୀ ୟୁପିଆଇ ବଦଳରେ ପୁଣି ଥରେ ନଗଦ କାରବାର ବ୍ୟବସ୍ଥା ଆପଣେଇବେ। ୦.୪% ମର୍ଚ୍ଚାଣ୍ଟ ଫି' ହିସାବ ଅନୁଯାୟୀ, ୧୦ ହଜାର ଟଙ୍କାର ୟୁପିଆଇ ପେମେଣ୍ଟ କ୍ଷେତ୍ରରେ ୪୦ ଟଙ୍କାର ଚାର୍ଜ ଲାଗିବ। ଆଉ ୨୦୦୦ ଟଙ୍କାର ପେମେଣ୍ଟ ଉପରେ ୮ ଟଙ୍କା ଚାର୍ଜ ଲାଗିବ।

ସିଇସିଙ୍କ ଇସ୍ତଫା...

ଉପରେ ବର୍ଷିଛନ୍ତି। ଏହି ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ନେତାଙ୍କ ସମେତ ଛାତ୍ର ସଂଗଠନ ଏବଂ ସମାସସେବୀ ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେଇଥିଲେ। ଗତକାଲି ସୁପ୍ରିମ କୋର୍ଟ ମାର୍ଚ୍ଚ ପରେ ଆଜି ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ଆରଜେଡିର ମୁଖ୍ୟ ତେଜସ୍ୱୀ ଯାଦବ, ଟିଏମ୍‌ସି ନେତ୍ରୀ ସାଗରିକା ଘୋଷ, ଉଦ୍ଧବ ସେନା ନେତା ସଂଜୟ ରାଉତ, ସମାଜବାଦୀ ପାର୍ଟି ନେତା ଧର୍ମେନ୍ଦ୍ର ଯାଦବ, ଛାତ୍ରୀ ନେତ୍ରୀ ନେହା ବୋରା, ଆଇନଜୀବୀ ପ୍ରଶାନ୍ତ ଭୂଷଣ, ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ସମସ୍ତେ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଶାହ ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରି ଅଭିଯୋଗ କରିଥିଲେ ଯେ ବର୍ତ୍ତମାନର ପରିସ୍ଥିତି ପାଇଁ ଏହି ତିନି ଜଣ ଦାୟୀ। ଏହି ଅବସରରେ ରାହୁଲ କହିଲେ ଯେ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଆନ୍ଦୋଳନ ମାସେ, ଦୁଇ ମାସେ କି ବା ।ର୍ଷେ କିମ୍ବା ଦୁଇ ବର୍ଷ ଚାଲିଲେ ମଧ୍ୟ ଆମକୁ ଥକିବାର ନାହିଁ। ଆମେ ଯେତେ ଆଗକୁ ବଢ଼ିବୁ, ସେତିକି ଶକ୍ତି ବଢୁଥିବ। ପରବର୍ତ୍ତୀ ରଣନୀତି ସଂପର୍କରେ ପ୍ରଶ୍ନ ହେବାରୁ ରାହୁଲ କହିଲେ ଯେ ଏହାକୁ ଗୋପନୀୟ ରଖାଯାଇଛି। ଉଚିତ ସମୟରେ ଆନ୍ଦୋଳନ ଠିକ୍ ବାଟରେ ଯିବ। ଭୋଟ ଚୋରି ଅଭିଯୋଗ ଆଣିବା ସହିତ ସେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରି ସେ କହିଲେ ଯେ ଏମାନେ ରକ୍ଷା ପାଇପାରିବେ ନାହିଁ। ସେମାନେ ଗଣତନ୍ତ୍ରକୁ ଧ୍ୱଂସ କରିଛନ୍ତି ଏବଂ ଏଥିପାଇଁ ସେମାନଙ୍କୁ ଜବାବ ଦେବାକୁ ପଡ଼ିବ। ଏହି ଅବସରରେ ସେ କହିଲେ ଯେ ସୁପ୍ରିମ କୋର୍ଟ, ପ୍ରଧାନ ବିଚାରପତି ଏବଂ ବିଚାରବିଭାଗୀୟ ବ୍ୟବସ୍ଥା ପ୍ରତି ବିରୋଧୀ ମେଣ୍ଟର ପୂର୍ଣ୍ଣ ଆସ୍ଥା ରହିଛି। ବିରୋଧୀ ଦଳ ଯେଉଁ ଚିନ୍ତା ପ୍ରକଟ କରିଛନ୍ତି, ତାହାକୁ ଦୂର କରିବାରେ ବିଚାର ବିଭାଗ ଏହାର ଭୂମିକା ଗ୍ରହଣ କରିବ ବୋଲି ରାହୁଲ ଆଶା ପ୍ରକଟ କରିଛନ୍ତି।

ପୂର୍ବରୁ ହାରୁଥିଲେ...

ବିରୋଧୀ ଦଳମାନେ ଲୋକମାନଙ୍କ ମନକଥା ବୁଝନ୍ତୁ ଏବଂ ସେମାନଙ୍କ ସହିତ ଯୋଡ଼ି ହୁଅନ୍ତୁ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅମିତ ଶାହ କହିଲେ ଯେ ୨୦୨୯ରେ କଂଗ୍ରେସ କ୍ରମାଗତ ଚତୁର୍ଥ ଲାଗି ହାରିବାକୁ ଯାଉଛି। ୨୦୨୪ ପରେ ଆରମ୍ଭ ହୋଇଛି ଏସଆଇଆର। ଏହାପୂର୍ବରୁ ମଧ୍ୟ କଂଗ୍ରେସ ହାରୁଥିଲା। ରାହୁଲ କଂଗ୍ରେସର ନେତା ଏବଂ ଲୋକସଭାରେ ବିରୋଧୀ ଦଳର ନେତା ହେବାପରେ କଂଗ୍ରେସ ପରାଜୟର ସମ୍ମୁଖୀନ ହେବାରେ ଲାଗିଛି। ମିଛ କଥା କହି କଂଗ୍ରେସ ଲୋକମାନଙ୍କ ମନ ଜିଣିପାରିବ ନାହିଁ। ନିଜର ବିଫଳତା ପାଇଁ ରାହୁଲ ଓ କଂଗ୍ରେସ ଆତ୍ମସମୀକ୍ଷା କରନ୍ତୁ ବୋଲି ଶାହ ପରାମର୍ଶ ଦେଇଛନ୍ତି। ସେ କହିଲେ ଯେ ଗତ ୪୧ ବର୍ଷ ମଧ୍ୟରେ କଂଗ୍ରେସ ଗୋଟିଏ ହେଲେ ନିର୍ବାଚନ ଜିତି ପାରିନାହିଁ। ୧୯୮୫ରେ ବିଜୟ ପରେ ସେମାନେ ଆଉ ବିଜୟର ସ୍ୱାଦ ଚାଖି ନାହାନ୍ତି। ପଶ୍ଚିମ ବଙ୍ଗ, ତ୍ରିପୁରା ଏବଂ ଗୁଜରାଟ ଭଳି ରାଜ୍ୟରେ ସେମାନେ ଦଶନ୍ଧୀ ଦଶନ୍ଧୀ ଧରି ନିର୍ବାଚନ ଜିତି ନାହାନ୍ତି। ଏହା କଣ ଏସଆଇଆରର ପରିଣାମ କି ବୋଲି ଗୃହ ମନ୍ତ୍ରୀ ଅମିତ ଶାହ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ୨୦୨୪ ପରେ ଆରମ୍ଭ ହୋଇଥିବା ବେଳେ ଏହାପୂର୍ବରୁ ମଧ୍ୟ କଂଗ୍ରେସ ହାରିବାରେ ଲାଗିଛି। ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ସାମି କରିବା ଲାଗି ରାହୁଲଙ୍କ ଚକ୍ରାନ୍ତ ସଂପର୍କରେ ଦେଶବାସୀ ଜାଣିଗଲେଣି ବୋଲି ସେ କହିଛନ୍ତି।

ରାଜ୍ୟସଭା ଓ କେନ୍ଦ୍ରମନ୍ତ୍ରୀ...

ଶେଷରେ ନିଜ କଥା।' ମୁରୁଗାନଙ୍କ ଇସ୍ତଫା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳକୁ ନେଇ ପୁଣି କଳ୍ପନାଜଳ୍ପନା ପ୍ରକାଶ ପାଇଲାଣି। ମୁରୁଗାନଙ୍କ ପୂର୍ବରୁ ଜର୍ଜ କୁରିଅନ ଏବଂ ରଭନୀତ ସିଂ ବିଟ୍ଟୁ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏହାପୂର୍ବରୁ ମୁରୁଗାନ ତାମିଲନାଡୁ ବିଜେପିର ସଭାପତି ଥିଲେ ଏବଂ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୧ରେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ରାଜ୍ୟସଭାରେ ତାଙ୍କର କାର୍ଯ୍ୟକାଳ ୨୦୩୦ରେ ସରୁଥିଲା।

ମମତାଙ୍କୁ ହତ୍ୟା...

ଦୌଡ଼ିଯାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଟିଏମସି କର୍ମୀ ଅଟକାଇଥିଲେ। ମହିଳା ଜଣକ ତଳେ ପଡ଼ିଯିବା ପରେ ମମତାଙ୍କୁ ଗାଳିଗୁଲଜ କରିଥିଲେ। ସେ ନିଜ ଶାଢ଼ୀରେ ଛୁରି ଲୁଚାଇ ରଖିଥିଲେ। ଟିଏମସି କର୍ମୀ ତାଙ୍କୁ କାବୁ କରିବା ପରେ ପୁଲିସ ଜିମା ଦେଇଥିଲେ। ମହିଳା ଜଣକ ଡ୍ରଗ୍ସ ସେବନ କରି ନିଶାସକ୍ତ ଥିଲେ ବୋଲି ଟିଏମସି ନେତ୍ରୀ ଡୋଲା ସେନ୍ ଅଭିଯୋଗ କରିଛନ୍ତି।

କ୍ୟାବିନେଟ୍‌ରେ ମୋଦୀଙ୍କୁ...

ପ୍ରଧାନମନ୍ତ୍ରୀ ୮ ଥର ଓଡ଼ିଶା ଆସି ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି ଓ ପରାମର୍ଶ ମଧ୍ୟ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋଦୀଙ୍କ ନେତୃତ୍ୱରେ ୨୦୧୪ ପରଠାରୁ ଦେଶର ଭିତ୍ତିଭୂମି, ଶିଳ୍ପାୟନ, ଆତ୍ମନିର୍ଭରଶୀଳତା, ଗରିବ କଲ୍ୟାଣ ଓ ଯୁବଶକ୍ତିର ସଶକ୍ତୀକରଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମହିଳା, କୃଷକ, ଗରିବ ଓ ଯୁବବର୍ଗଙ୍କୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଗତ ୧୨ ବର୍ଷରେ ୨୫ କୋଟିରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ସେ ଦାବି କରିଛନ୍ତି। ଓଡ଼ିଶାର ବିକାଶରେ କେନ୍ଦ୍ରର ଅବଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୪ ପରଠାରୁ ରାଜ୍ୟରେ ୨,୨୩୬ କିଲୋମିଟର ନୂଆ ରେଳପଥ ନିର୍ମାଣ ହୋଇଛି ଏବଂ ରେଳପଥର ଶତପ୍ରତିଶତ ବିଦ୍ୟୁତୀକରଣ ହୋଇଛି। ୬ଟି ବନ୍ଦେ ଭାରତ ଟ୍ରେନ୍ ୧୭ଟି ଜିଲ୍ଲାକୁ ସଂଯୋଗ କରୁଥିବାବେଳେ ୫୯ଟି ରେଳଷ୍ଟେସନର ପୁନର୍ବିକାଶ କରାଯାଉଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ମଧ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି। ସେହିପରି ୧୧୧ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପାଇଁ ୮,୩୦୮ କୋଟି ଟଙ୍କା ଏବଂ ଓଡ଼ିଶା ଉପକୂଳ ରାଜପଥ ପାଇଁ ପ୍ରାୟ ୮,୩୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ବାହୁଦା ମୁହାଣରେ ୨୧,୫୦୦ କୋଟି ଟଙ୍କାର ଗଭୀର ସମୁଦ୍ର ବନ୍ଦର ଏବଂ କେନ୍ଦ୍ରାପଡ଼ାରେ ୨୪,୭୦୦ କୋଟି ଟଙ୍କାର ଜାହାଜ ନିର୍ମାଣ ଓ ମରାମତି କ୍ଲଷ୍ଟର ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଥିବା ସେ କହିଛନ୍ତି। ଏହାବ୍ୟତୀତ ପାରାଦୀପ ତୈଳ ବିଶୋଧନାଗାର ସମ୍ପ୍ରସାରଣ, ଚଣ୍ଡିଖୋଲରେ ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାର, ସମ୍ବଲପୁରରେ ଆଇଆଇଏମ୍ ଓ ବ୍ରହ୍ମପୁରରେ ଆଇଜର ପ୍ରତିଷ୍ଠା, ରାଉରକେଲା ଇସ୍ପାତ କାରଖାନାର ଆଧୁନିକୀକରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପର ବିକାଶ ରାଜ୍ୟର ଅର୍ଥନୀତିକୁ ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟର ସଡକ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇ ୧୧୧ କିଲୋମିଟର ଦୀର୍ଘ ୬-ଲେନ୍ ବିଶିଷ୍ଟ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ଼୍ ପାଇଁ ୮ ହଜାର ୩୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରାୟ ୮ ହଜାର ୩୦୦ କୋଟି ଟଙ୍କା ବିନିଯୋଗରେ ୧୬୦ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଓଡ଼ିଶା ଉପକୂଳ ରାଜପଥକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଦେଇ ପଶ୍ଚିମବଙ୍ଗ ସୀମା ନିକଟସ୍ଥ ଦୀଘା ସହିତ ଗୋପାଳପୁର ସଂଯୋଗ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଭିଜନ ରହିଛି। ଯେହେତୁ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରୁଛି, ତେଣୁ ଓଡ଼ିଶା ଭିଜନ ପ୍ରସ୍ତୁତି ସମୟରେ ନୀତିଆୟୋଗକୁ ମୁଁ ବିକଶିତ ଭାରତର ଲକ୍ଷ୍ୟ ସହିତ ତାଳ ଦେଇ ଓଡ଼ିଶା ପାଇଁ ଦୁଇଟି ଭିଜନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲି। ନୀତିଆୟୋଗ ସହିତ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେଣୁ ଓଡ଼ିଶା ପାଇଁ ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତ ହୋଇଛି। ଓଡ଼ିଶାର ଏହି ଭିଜନକୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ରହିଛି। ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱ ଏବଂ ଓଡ଼ିଶା ପ୍ରତି ତାଙ୍କର ସ୍ୱତନ୍ତ୍ର ଶ୍ରଦ୍ଧା ଯୋଗୁ ଆମର ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ଶୀଘ୍ର ସାକାର ହେବାର ବିଶ୍ୱାସ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

4001/367/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER-CUM- DEPUTY ELECTRICAL INSPECTOR, JAYAPUR & NABARANGPUR
AT- PLOT NO-127, OLD LIC OFFICE BUILDING, PUJARIPUT, KORAPUT
E-mail: dejnabarangpur-od@od.gov.in

No. 2559 Dated. 12.10.2026

Corrigendum-1 of Quotation Call Notice No. 01/2026-27

In continuation to this office Quotation Call Notice No-01/2026-27 dated 10.09.2026, it is hereby notified the amendments for the information to all concerned that the last date for submission of sealed quotation / tender documents for hiring of private building for accommodation of office of the SE-Cum-DEI, Jayapur & Nabarangpur, and AEE-Cum-AEI, JED & NED, Jayapur has been extended up to **10.11.2026 at 03:00 PM** and shall be opened on the same day at **04.00 PM** in presence of the bidders or their authorized representatives.

All other terms and conditions of the original quotation call notice no. 01/2026-27 dated 10.09.2026 shall remain unchanged.

Superintending Engineer -Cum-DEI, Jayapur & Nabarangpur
OIPR-4001/4080/1/26-27/0002

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ,ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା:FEDB- 03/ 2026-27
6001/131/2627
ସଂଖ୍ୟା: /FEDB ଦିନାଙ୍କ: ୧୩.୧୦.୨୦୨୬
୧. କାର୍ଯ୍ୟର ନାମ: ବଳରାମଗଡ଼ି ସ୍ଥିତ ଚାନ୍ଦିପୁର ମାଛଧରା ବନ୍ଦର ପରିସରରେ (୨୦୦ମିମି x ୧୫୦ମିମି) ଆକାରର ନଳକୂପ ଖନନ।
୨. ଅଟକଳ ମୂଲ୍ୟ: ୧୪.୯୩ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୫ ଦିନ
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ:ତା. ୧୪.୧୦.୨୦୨୬ ରୁତା. ୨୬.୧୦.୨୦୨୬ ର ୧୭.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା. ୨୬.୧୦.୨୦୨୬ର ୧୭.୦୦ ଘଣ୍ଟା।
୬. ନିଲାମ ଡ଼ାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ନିର୍ବାହୀ ଯନ୍ତ୍ରୀ,ମତ୍ସ୍ୟ ଯାନ୍ତ୍ରିକ ବିଭାଜନ, ମତ୍ସ୍ୟ ସଦନ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬;ଇ-ମେଲ: eefedbbsr@gmail.com/ee.fedbbsr@gov.in
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ"https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍ ରେ ପ୍ରକାଶ କରାଯିବ।
ନିର୍ବାହୀ ଯନ୍ତ୍ରୀ
ମତ୍ସ୍ୟ ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର
OIPR-6001/6018/1/26-27/0005

OHPC ISO Certified
OFFICE OF THE SR. GENERAL MANAGER (ELECTRICAL) 32001/1036/2627
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-29/2026-27 DATED 12.10.2026

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the **Reputed Manufacturers or its Channel Partners/ Authorized dealer / Reputed Supplier** for supply of the following materials / providing services as mentioned below.

Description of work	Cost of tender paper (Non-refundable) in Rs.	EMD in shape of DD/Banker's Cheque only (Refundable) in Rs.	Period of sale / download of tender document	Last date & time of receipt of tender	Date & time of opening of Techno commercial Bid
Supply of hardware consumable materials for Maintenance Division, UIHEP, Mukhiguda.	4,720/- (inclusive of GST)	6,737/-	From 16.10.2026 to 27.10.2026 upto 12:00 Hrs.	27.10.2026 (upto 13:00 Hrs.)	27.10.2026 at 16:30 Hrs.

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda
OIPR-32001/32136/1/26-27/0025

OFFICE OF MUNICIPAL COUNCIL : SUNABEDA

NO. 5257 DATE 08/10/26
13001/2156/2627

Request for Proposal CALL NOTICE

Sealed RFP are invited from the WSHG / ALF and Mohasangha for Operation and Maintenance of Biju Patnaik Park & Gandhi Park of Sunabeda Municipality . The RFP notice, specification , EMD & Paper cost & RFP paper will be available in office website i.e www.sunabedamunicipality.in for download and wide publication . The RFP will be open of above mentioned date in the presence of bidders or their authorized representatives.

Sl. No	Name of the work	Available period	Receiving date	Opening date
1	Operation and Maintenance of Biju Patnaik Park & Gandhi Park of Sunabeda Municipality	09.10.2026 at 10.00 A.M to 26.10.2026 up to 5.00 P.M	27.10.2026 up to 11.00 A.M	27.10.2026 at 4.00 P.M

Executive Officer
Sunabeda Municipality
OIPR-13001/13076/1/26-27/0014

ପୂର୍ବ ତଟ ରେଳପଥ
ଫାଇଲ ସଂ. DRM/Engg/KUR/26-27/ E-Tender/52, ତା.06.10.2026ରିଖ
(1) ଟେଣ୍ଡର ସଂ. etenderEastkur-169-2026, ତା.28.09.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ପାରାଦୀପ ସେକ୍ସନରେ ବଗଦିଆ ପି.ଏଚ୍. ଷ୍ଟେସନରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍ (FOB)ର ସମ୍ପାଦନ ନିମନ୍ତେ କାର୍ଯ୍ୟର ଅବଶିଷ୍ଟ ଅଂଶର ପ୍ରସ୍ତାବିତ ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 173.83 ଲକ୍ଷ, EMD : ₹ 3,47,700/-, ଶେଷ ହେବା ଅବଧି : 09 (ନଅ) ମାସ।
(2) ଟେଣ୍ଡର ସଂ. e-Tender-HQKUR-166-2026, ତା.28.09.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ ବ୍ରିଜ୍ ସଂ. 428A, 338A, 30A1, 76A1, 60A, 62A, 25A ଓ 990A ପାଇଁ ଜଳ ଲିକେଜ୍‌ର ନିବାରଣ ନିମନ୍ତେ ବ୍ୟାରିୟର ଟାଇପ୍ ୱାଟରପ୍ରୁଫିଂ ସିଷ୍ଟମର ବ୍ୟବସ୍ଥା ଦ୍ୱାରା ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗର ବକ୍ସ ଜଏଣ୍ଟଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 126.71 ଲକ୍ଷ, EMD : ₹ 2,53,400/-, ଶେଷ ହେବା ଅବଧି : 06 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 21.10.2026, 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କେୟିରାଫ୍ୟ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-490/R/26-27

LOST
Notice is hereby given from Shakti Prasad Sahoo that, he has applied for loan to LIC HFL. But at present, his father namely Sunakar Sahoo has lost the Original Link Documents i.e. Sale Deed No. 7606 dtd. 27/08/1990 , which was kept with him and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL AT-Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days. Address for Communication, LIC HFL, Saheed Nagar, Bhubaneswar, B. K. Pattanaik, Advocate, Mob. No. 9337395558

LOST
I, Mr. Pradeep Kumar Padhi, S/o-Late Ananta Prasad Padhi, presently resident at Baghra road, Ward no-16, Thakuranigali, Po/Ps-Baripada Town, Dist.-Mayurbhanj, Odisha, Mob. 9692690606, wish to create a mortgage on the property, Khata No-3283/727, Plot No-651/2875/5179, Area-Ac0.040Dec, Mouza-Nayapalli, vide Regd. Sale Deed bearing Document No-8776, dtd-14.12.1978, for Home Loan from SBI, Home Loan Centre (branch code 04485). The lost above my original Regd. Sale deed No-8776, dtd-14.12.1978 executed by Hrushi Behera and others in favour of Mr. Pradeep Kumar Padhi, S/o-Late Ananta Prasad Padhi, along with other necessity land related documents after through search in the road/spot/ office premises. I could not trace it out, I hereby declare that the Original of our land is not created any equitable mortgage/charge with any bank & financial institutions by depositing the said Sale Deed in original as security for any advance, were lost on dtd-01.10.2026 at about 11.00 a.m. Baripada Market Area in this regards, I am going to sale the property to Sambhu Prakash Malik, S/o-Duryadhan Malik for which Mr. Malik going to creat mortgage in SBI, RACPC/Home Loan Center, Bhubaneswar/ Cuttack/Nayapalli or any other financial organization, I filled lost report at Baripada Town Police station, Complaint no -024, dtd-10.10.2026.

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର)
ପ୍ରଥମ ମହଲା, ସା: ଖ୍ରୀଷ୍ଟିଆନ୍ ପଡ଼ା, ଜି.ଏମ୍. କଲେଜ ଛକ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧
ସର୍ବସାଧାରଣ ବିଜ୍ଞପ୍ତି
ଏହାଦ୍ୱାରା ସର୍ବ ସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶ୍ରୀଯୁକ୍ତ ସୁମିତ ସରଙ୍ଗି, ପିତା: ସ୍ୱ ସୁଶିଲ ସରଙ୍ଗି ଆମ ବ୍ୟାଙ୍କ ଅଫ୍ ବରୋଦା, ବୀର ସୁରେନ୍ଦ୍ର ସାଏ ମାର୍ଗ ବ୍ରାଞ୍ଚରୁ ମୋଟ ଟ. ୧,୩୫,୦୦,୦୦୦/- (ଏକ କୋଟି ପଇଁତିରିଶ ଲକ୍ଷ ଟଙ୍କା) ଲୋନ ନେଇଛନ୍ତି। ଏହା ବାବଦରେ ସେ ତାଙ୍କର ସ୍ଥାବର ସମ୍ପତ୍ତି ମୌଜା: ରାଣୀଖଣ୍ଡା, ଜିଲ୍ଲା: ସମ୍ବଲପୁର, ଖାତା ନଂ.: ୪୬୯/୬୬୫, ମୋଟ ଏରିଆ ୯ ଏକର ୯୭ ଡିସିମିଲି ଏବଂ ମୌଜା: ହଲଦିପାଲି, ଜିଲ୍ଲା: ବରଗଡ, ଖାତା ନଂ.: ୧୨୫/୩୧୧, ମୋଟ ଏରିଆ ୦.୭୦ଡିସିମିଲିକୁ ବନ୍ଧକ ଦେଇଛନ୍ତି। ଉକ୍ତ ସମ୍ପତ୍ତି ବା ଜମି ଉପରେ ଅନ୍ୟ କୌଣସି ବ୍ୟକ୍ତି, ଅଂଶୀଦାର, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର କୌଣସି ପ୍ରକାରର ଦାବି, ଆପତ୍ତି କିମ୍ବା ଉତ୍ତରାଧିକାରୀ ସୂତ୍ରରେ ସତ୍ତ୍ୱ ଥାଏ, ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ (ପନ୍ଦର ଦିନ ମଧ୍ୟରେ ଆବଶ୍ୟକୀୟ ଆଇନଗତ ଦଲିଲ ସହ ନିମ୍ନଲିଖିତ ଠିକଣାରେ ଲିଖିତ ଆକାରରେ ନିଜର ଆପତ୍ତି ଦାଖଲ କରିପାରିବେ।
ମୁଖ୍ୟ ଶାଖା ସହାୟକ, ବ୍ୟାଙ୍କ ଅଫ୍ ବରୋଦା
ବୀର ସୁରେନ୍ଦ୍ର ସାଏ ମାର୍ଗ, ସମ୍ବଲପୁର

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର)
ପ୍ରଥମ ମହଲା, ସା: ଖ୍ରୀଷ୍ଟିଆନ୍ ପଡ଼ା, ଜି.ଏମ୍. କଲେଜ ଛକ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧
ନୋଟିସ୍
ଏତଦଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, ବ୍ୟାଙ୍କ ଅଫ ବରୋଦା, ସୋନପୁର ଶାଖାର ଅନୁରୋଧ କ୍ରମେ ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ର ଏବଂ ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର, ସ୍ୱାମୀ: ଶ୍ରୀ ଜଙ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ଉଲୁଣ୍ଡା, ପୋ/ଥାନା/ତହସିଲ: ଉଲୁଣ୍ଡାକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି।
ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ ୧୦ ଦିନ ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।
ଯଦି, ୧୦ ଦିନ ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍‌ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।
ସମ୍ପତ୍ତିର ବିବରଣୀ (ସର୍ଭେ ନଂ./ପରିମାଣ/ଚାରିପାର୍ଶ୍ୱ ସହିତ) (୧) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ଖାତା ନଂ.: ୨୭୦/୪୨୧, ପ୍ଲଟ୍ ନଂ.: ୮୬୩/୨୬୩୪, ଖାତା ନଂ.: ୧୫, ପ୍ଲଟ୍ ନଂ.: ୮୬୩, ଖାତା ନଂ.: ୨୭୦/୪୨୦, ପ୍ଲଟ୍ ନଂ.: ୮୬୩/୨୬୩୩, ଖାତା ନଂ.: ୧୪, ପ୍ଲଟ୍ ନଂ.: ୮୫୬/୨୬୬୮, ଖାତା ନଂ.: ୨୭୦/୪୨୨, ପ୍ଲଟ୍ ନଂ.: ୮୬୩/୨୬୩୫, ଖାତା ନଂ.: ୧୫୪, ପ୍ଲଟ୍ ନଂ.: ୮୫୮/୨୭୭୧, ୮୫୯, ୮୬୨, ୯୨୦, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୩୮୦ ଡିସିମିଲି, ପ୍ଲଟ୍ ନଂ.: ୮୪୩/୨୬୦୩, ଉତ୍ତର: ପ୍ଲଟ୍ ନଂ.: ୮୪୪, ୮୪୫, ଦକ୍ଷିଣ: ପ୍ଲଟ୍ ନଂ.: ୮୪୩, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: ରାସ୍ତା, ପ୍ଲଟ୍ ନଂ.: ୮୬୯, ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ.: ୮୬୮, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: ନିଜସ୍ୱ ପ୍ଲଟ୍, ପ୍ଲଟ୍ ନଂ.: ୮୫୯, ଉତ୍ତର: ଗନ୍ଧପଲି ସରହଦ, ଦକ୍ଷିଣ: ନିଜସ୍ୱ ପ୍ଲଟ୍, ପୂର୍ବ: ନିଜସ୍ୱ ପ୍ଲଟ୍ ଏବଂ ପ୍ଲଟ୍ ନଂ.: ୯୧୯, ୯୨୦, ପଶ୍ଚିମ: ନିଜସ୍ୱ ପ୍ଲଟ୍ ଏବଂ ପ୍ଲଟ୍ ନଂ.: ୮୫୭, ପ୍ଲଟ୍ ନଂ.: ୮୬୨, ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ.: ୮୭୧, ପୂର୍ବ: ପ୍ଲଟ୍ ନଂ.: ୯୦୬, ପଶ୍ଚିମ: ନିଜସ୍ୱ ପ୍ଲଟ୍, ପ୍ଲଟ୍ ନଂ.: ୯୨୦, ଉତ୍ତର: ଗନ୍ଧପଲି ସରହଦ, ଦକ୍ଷିଣ: ପ୍ଲଟ୍ ନଂ.: ୯୧୯, ପୂର୍ବ: ପ୍ଲଟ୍ ନଂ.: ୯୨୧, ପଶ୍ଚିମ: ନିଜସ୍ୱ ପ୍ଲଟ୍ ଏବଂ ଗନ୍ଧପଲି ସରହଦ, ପ୍ଲଟ୍ ନଂ.: ୮୫୮/୨୭୭୧, ଉତ୍ତର/ଦକ୍ଷିଣ/ପୂର୍ବ/ପଶ୍ଚିମ: ନିଜସ୍ୱ ପ୍ଲଟ୍, ପ୍ଲଟ୍ ନଂ.: ୮୬୩/୨୬୩୫, ଉତ୍ତର/ଦକ୍ଷିଣ/ପୂର୍ବ/ପଶ୍ଚିମ: ନିଜସ୍ୱ ପ୍ଲଟ୍, ପ୍ଲଟ୍ ନଂ.: ୮୫୬/୨୬୬୮, ଉତ୍ତର: ପ୍ଲଟ୍ ନଂ.: ୮୫୬ର ଅବଶିଷ୍ଟ ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୮୬୪, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: ନିଜସ୍ୱ ପ୍ଲଟ୍ ଏବଂ ପ୍ଲଟ୍ ନଂ.: ୮୪୨, ପ୍ଲଟ୍ ନଂ.: ୮୬୩/୨୬୩୩, ଉତ୍ତର: ପ୍ଲଟ୍ ନଂ.: ୮୫୭, ଦକ୍ଷିଣ: ପ୍ଲଟ୍ ନଂ.: ୮୭୦, ପୂର୍ବ ଏବଂ ପଶ୍ଚିମ: ନିଜସ୍ୱ ପ୍ଲଟ୍, ପ୍ଲଟ୍ ନଂ.: ୮୬୩, ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ.: ୮୭୦, ପୂର୍ବ: ପ୍ଲଟ୍ ନଂ.: ୮୭୧, ପଶ୍ଚିମ: ନିଜସ୍ୱ ପ୍ଲଟ୍, ପ୍ଲଟ୍ ନଂ.: ୮୬୩/୨୬୩୪, ଉତ୍ତର: ପ୍ଲଟ୍ ନଂ.: ୮୫୭, ଦକ୍ଷିଣ ପୂର୍ବ ଏବଂ ପଶ୍ଚିମ: ନିଜସ୍ୱ ପ୍ଲଟ୍, (୨) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବଡଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୫୭/୧୮୮, ପ୍ଲଟ୍ ନଂ.: ୪୭/୯୦୯, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ପ୍ଲଟ୍ ନଂ.: ୪୭/୯୦୯, ଉତ୍ତର: ପ୍ଲଟ୍ ନଂ.: ୪୭/୯୦୫, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୪୭/୯୦୫, (୩) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ଧୋବାମୁଣ୍ଡା, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୪୬/୩୮୬, ପ୍ଲଟ୍ ନଂ.: ୩୪୯/୭୪୨, ୧୩୯/୭୪୪, ୩୪୯/୭୪୧, ୧୩୯୭୪୩, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୧୮୦ ଡିସିମିଲି, ପ୍ଲଟ୍ ନଂ.: ୩୪୯/୭୪୨, ୧୩୯/୭୪୪, ୩୪୯/୭୪୧, ୧୩୯/୭୪୩, ଉତ୍ତର: ପ୍ଲଟ୍ ନଂ.: ୧୩୯/୩୪୮ର ଅବଶିଷ୍ଟ ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୩୪୯/୩୬୬, ପଶ୍ଚିମ: ରାସ୍ତା, (୪) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବାବୁପାଲି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୧୯୭/୮୨, ପ୍ଲଟ୍ ନଂ.: ୧୦୭୯/୧୫୮୮, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୨୦୦ ଡିସିମିଲି, ପ୍ଲଟ୍ ନଂ.: ୧୦୭୯/୧୫୮୮, ଉତ୍ତର: ରାସ୍ତା, ଦକ୍ଷିଣ: ନିଜସ୍ୱ, ପୂର୍ବ: ନିଜସ୍ୱ ଜମି, ପଶ୍ଚିମ: ସଞ୍ଜିବ କୁମାର ମହନା ଏବଂ ସୂର୍ଯ୍ୟ କୁମାର ମହନା, (୫) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ସାନଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୩୮/୧୦୬, ପ୍ଲଟ୍ ନଂ.: ୧୫/୪୦୩, ୧୪, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୨୦୦ ଡିସିମିଲି, ପ୍ଲଟ୍ ନଂ.: ୧୫/୪୦୩, ୧୪, ଉତ୍ତର: ପ୍ଲଟ୍ ନଂ.: ୧୪, ଦକ୍ଷିଣ: ପ୍ଲଟ୍ ନଂ.: ୧୫, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୨୦, (୬) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବୌଦ୍ଧଗଡ, ପୋ/ଥାନା/ତହସିଲ: ବୌଦ୍ଧ, ଖାତା ନଂ.: ୬୧୪/୨୪୧୦, ପ୍ଲଟ୍ ନଂ.: ୧୨୮୮/୪୨୯୪, ୧୦୮୮/୪୨୯୩ ଏବଂ ଖାତା ନଂ.: ୬୧୪/୩୦୬୭, ପ୍ଲଟ୍ ନଂ.: ୧୨୮୮/୪୫୭୩, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୦୫୬ ଡିସିମିଲି, ପ୍ଲଟ୍ ନଂ.: ୧୨୮୮/୪୨୯୪, ୧୨୮୮/୪୨୯୩, ୧୨୮୮/୪୫୭୩, ଉତ୍ତର: ପ୍ଲଟ୍ ନଂ.: ୧୦୮୭, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୦୮୮ ଏବଂ ୧୨୨୮ର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ୍ ନଂ.: ୧୦୮୮ ଏବଂ ୧୨୨୭ର ଅବଶିଷ୍ଟ ଅଂଶ, (୭) ଶ୍ରୀ ଜଙ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ପାଣିସିଆଲି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୯୩/୪୭, ପ୍ଲଟ୍ ନଂ.: ୫୨୪/୮୨୦, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୦୪୦ ଡିସିମିଲି, ପ୍ଲଟ୍ ନଂ.: ୫୨୪/୮୨୦, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୫୨୪/୫୯୧ର ଅବଶିଷ୍ଟ ଅଂଶ, ପୂର୍ବ: ଶ୍ରୀନିବାଶ ମିଶ୍ର ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, ୧) ସମ୍ପତ୍ତିର ପ୍ରକାର: ପରିବର୍ତ୍ତିତ ବାସୋଯୋଗୀ ଜମି, ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର: (୧) ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର, ସ୍ୱାମୀ: ଶ୍ରୀ ଜଙ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବାଇଗଣଯୋରି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୨୮/୪୪୨, ପ୍ଲଟ୍ ନଂ.: ୨୬୬/୩୬୯, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୦୬୦ ଡିସିମିଲି, (୨) ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର, ସ୍ୱାମୀ: ଶ୍ରୀ ଜଙ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବଡଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୫୦, ପ୍ଲଟ୍ ନଂ.: ୨୫୮/୯୨୨, ୨୫୮/୯୨୩, ୨୬୨/୯୨୫, ୨୬୯/୯୨୪, ୨୬୧, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୧୯୯ ଡିସିମିଲି, (୩) ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର, ସ୍ୱାମୀ: ଶ୍ରୀ ଜଙ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବଡଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୫୭/୫୬, ପ୍ଲଟ୍ ନଂ.: ୫୬୭/୭୩୧, ୫୫୯/୭୩୨, କିସମ: ଘରବାରୀ, ସମୁଦାୟ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଶାଖା: ବ୍ୟାଙ୍କ ଅଫ୍ ବରୋଦା, ସୋନପୁର ଶାଖା, ସୋନପୁର, ଯୋଗାଯୋଗ ନଂ.: ୭୭୫୨୦୫୦୮୬୫
ଆଡଭୋକେଟ: ଶ୍ରୀ ବଳଦେବ ପ୍ରସାଦ ବେଦବାକ୍, ମୋ.: ୯୪୩୭୧୯୫୧୨୪ଙ୍କ ସହ ଯୋଗାଯୋଗ କରନ୍ତୁ।

AFFIDAVIT
I KHARCHE RAM age about 58 years S/O-TRYAMBAK KHARCHE, QTR NO-CD-12/1, GROUND FLOOR,CD TYPE, JINDAL NAGAR, NISHA, ANGUL, ODISHA, PIN-759111, Declare this affidavit no-1021/2026 Dated-10.10.2026 That onwards I shall be known as **RAM TRYAMBAK KHARCHE** FOR ALL FUTURE PURPOSE.

AFFIDAVIT
I Aruna Kumar Subudhi, aged about 62 years, S/O-Bhubaneswar Subudhi, Flat No-302,C Block, Saishree Enclave, Canal Road, Laxmisagar, Bhubanswar (M.C),Po- Budheswari Colony, Khurdha-751006, Odisha, Declare this affidavit no-1020/2026 Dated- 10-10-2026, That onwards I shall be known as **ARUN KUMAR SUBUDHI** for all future purposes.

AFFIDAVIT
By virtue of an affidavit sworn before Notary Public, Balliguda, dated 09-10-2026, I, Tiamahalu Sukamajhi, Address At-Kupudamaha, Po- Ora, Ps-Kotagarh, Block- Kotagarh, Dist-Kandhamal, State- Odisha, Pincode- 762105, declare that I have changed my name from Tiamahalu Sukamajhi To Saramai Sukamajhi. Henceforth, I shall be known as **SARAMAI SUKAMAJHI** for all purposes.
Saramai Sukamajhi

AFFIDAVIT
By virtue of an affidavit sworn before The Executive Magistrate, Bhubaneswar, dtd. 06.08.2026, I, Nrusingha Charan Nayak, S/o Anirudha Nayak, resident of Qr. No. F/17, IRC Village, P.S.: Nayapalli, Bhubaneswar, Dist.: Khordha-751029 declare that I have changed the name of my minor daughter from Sinha Shree Nayak to Snehashree Nayak. Henceforth, she shall be known as **Snehashree Nayak** for all purposes.
Sd/- Nrusingha Charan Nayak

AFFIDAVIT
By virtue of an affidavit no 3212, sworn before the executive magistrate champua on dtd 12/10/2026. I Mahammad sajad Alam, aged-45 year's, s/o-Mahammad samser Alam, At/p.o/p. s-champua, Dist-keonjhar declared that I have changed myself and my father's name from MOHAMMED SAJAD ALAM, S/O-MOHAMMED SHAMSER ALAM (Old Name) to MAHAMMAD SAJAD ALAM, S/O-MAHAMMAD SAMSER ALAM (New Name). Henceforth i shall be known as Mahammad sajad Alam, s/o-Mahammad samser Alam for all future purposes.

AFFIDAVIT
ମୁଁ ବବିତା ସାହାଣୀ, ବୟସ (୩୩) ସ୍ୱାମୀ / ଦାମଦୋର ସାହାଣୀ, ଗ୍ରାମ- ମୁସ୍ତାଫାପୁର ଥାନା- ଧାମନଗର, ଜିଲ୍ଲା- ଭଦ୍ରକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିଯେ ମୋର ନାବାଳକ ପୁତ୍ରରଆଧାର କାଡରେ ନାମସନି ସାହାଣୀ ପରିବର୍ତ୍ତେ ଦର୍ଶନ କୁମାର ସାହାଣୀ ଉଲ୍ଲେଖ ଅଛି ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଆଫିଡେଭିଟ୍ ନଂ-୭୩୭୯ ତା-୯/୧୦/୨୦୨୬ ବଳରେ ମୋ ନାବାଳକ ପୁତ୍ରର ସମସ୍ତ ଦରକାରୀ କାଗଜପତ୍ର ସନି ସାହାଣୀ ନାମରେ ପରିଚିତ କଲି,ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେଆସିବ।
ସ୍ୱା/-ବବିତା ସାହାଣୀ

AFFIDAVIT
By virtue of an affidavit sworn before The Executive Magistrate, Bhadrak, dated: 13/10/2026, I, Surendra Barik, S/o Nanda Kishore Barik, resident of Vill. Taladumuka, P.O. Nandapur, P.S. Pirahat, Dist. Bhadrak, Odisha, declare that I have changed the name of my minor son from Pritik Barik to Pratik Kumar Barik. Henceforth, he shall be known as **Pratik Kumar Barik** for all purposes.
Sd/- Surendra Barik

AFFIDAVIT
I, Sekha Jahur Mahammad, aged about 39 years, S/o- Sk Noor Mohammad, resident of At- Nurpur Road, Po-Motiganj, Ps- Town, Dist-Balasore, Odisha, Pin-756003, do hereby declare by this affidavit No- 2126, dtd-13/10/2026, that now onwards I shall be known as **SK JAHUR MD** for all future purposes.

AFFIDAVIT
By virtue of an affidavit sworn before Executive Magistrate, Khordha, dated 12-10-2026, I, **Ex No.: 14820761K** L/NK Surendra Kumar Champaty, son of Jalandhar Champaty, resident of Raulhaja, P.O.: Nirakarpur, Tahasil: Tangi, Dist.: Khordha, Odisha, do hereby solemnly affirm that my wife's name was Bharati Nayak, daughter of Sri Rama Chandra Nayak. After our marriage on 11.05.2003, she adopted the name Bharati Champaty. I further declare that her correct date of birth is 15.07.1976, as recorded in her HSC Certificate, whereas 06.04.1975 was mentioned in an earlier declaration. Hence, her name may be read as Bharati Champaty and her correct date of birth as 15.07.1976 for all future purposes.
Deponent
Surendra Kumar Champaty

ଆକ୍ସନ ମୋଡ୍‌ରେ ଜିଲ୍ଲା ପ୍ରଶାସନ

ମାଟିରେ ମିଶିଲା ୧୩ ବେଆଇନ ଇଟାଭାଟି

ନୀଳଗିରି, ୧୩।୧୦ (ସମିସ)

ନୀଳଗିରି କୁଲଡ଼ିହା ଅଭୟାରଣ୍ୟର ଇକୋ ସେନ୍ସିଟିଭ୍ ଜୋନ୍‌ରେ ଥିବା ୧୩ଟି ଇଟାଭାଟିକୁ ଭାଙ୍ଗିବା ପାଇଁ ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଥିବା ବେଳେ ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ଅଧିକାରୀ, ନୀଳଗିରି ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ, ପୁଲିସ ପ୍ରଶାସନ ଆଦି ମିଳିତ ଭାବେ ମଙ୍ଗଳବାର ସକାଳେ ନୀଳଗିରି ସନ୍ତରାଗଡ଼ିଆ ଅଞ୍ଚଳରେ ଥିବା ବେଆଇନ୍ ୧୩ଟି ଇଟାଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ନୀଳଗିରି ତହସିଲ ଅଧିନରେ ଥିବା ଉକ୍ତ ୧୪ ଗୋଟି ଇଟା ଭାଟି ଇକୋ ସେନ୍ସିଟିଭ୍ ଜୋନ୍ ରେ ରହିଥିବା ବେଳେ ଏହା ପୂର୍ବରୁ ଗୋଟିଏ ଇଟା ଭାଟିକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ମାତ୍ର ଏହି ୧୩ଟି ଇଟାଭାଟି ଇକୋ ସେନ୍ସିଟିଭ୍ ଜୋନ୍ ରେ ରହିଥିବା ବେଳେ କ'ଣ ପାଇଁ ଭଙ୍ଗା ଗଲା ନାହିଁ ନେଇ ଉଚ୍ଚ ନ୍ୟାୟାଳୟରେ ଜନୈକ ବ୍ୟକ୍ତି ଆଶ୍ରୟ ନେଇଥିଲେ। ଦୀର୍ଘ ମାସ ଧରି ଏହି ମାମଲା ବିଚାରଧୀନ ଥିବା ବେଳେ ଶେଷରେ ୧୩ଟି ଇଟା ଭାଟିକୁ ଭାଙ୍ଗିବା ପାଇଁ ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ୬ପ୍ଲାଟୁନ୍ ପୋଲିସ ଫୋର୍ସ, ଦୁଇ ଜଣ ଅତିରିକ୍ତ ଏସପି, ଏ ଡି ଏମ୍, ସମେତ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ଜେ ସି ବି ଲଗାଇ ୧୩ଟି ଇଟା ଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ଏହି ସବୁ ଇଟା ଭାଟି ନ ଭାଙ୍ଗିବା ପାଇଁ ଦାସରଥିପୁର ଛକ ନିକଟରେ ରାସ୍ତା ଅବରୋଧ କରିଥିବା ବେଳେ ୧୭ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପରେ ଛାଡ଼ି ଦେଇଥିବାର ଦେଖିବାକୁ ମିଳିଛି। ଇଟାଭାଟି ଉଚ୍ଛେଦ ପ୍ରକ୍ରିୟା ସମୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଇ.ଏ.ଏସ ଉପ ଜିଲ୍ଲାପାଳ ଶିବ ମାଲ୍ୟ, ସହକାରୀ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଓ ହେମନ୍ତ ସିଂହ, ନିଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରିର ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ବିଡିଓ ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ଏସ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଏସ ଡି ପି ଓ ନିର୍ମଳା ଗୋଛାୟତ, ଆଇ ଆଇ ସି ଗୋବର୍ଦ୍ଧନ ନାୟକ, ବାଲେଶ୍ୱର ଡିଏଫ୍ଓ, ଖଣି ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଗାଡ଼ି ଜବତ, ୧୨ ଗୋରୁ ଉଦ୍ଧାର

ସୋର, ୧୩।୧୦ (ସମିସ): ସୋର କୁପାରୀ ରାସ୍ତା ସରଶଙ୍ଖ ଛକ ନିକଟରେ ଏକ ଗୋରୁ ବୋଝେଇ ପିକଅପରୁ ୧୨ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଗୋରୁ ଚାଲାଣ ହେଉଥିବା ଖବର ପାଇ କିଛି ଗୋରକ୍ଷକ ନଦୀଗାଁ ଛକ ନିକଟରେ ଜଗି ରହିଥିଲେ। ଏହି ସମୟରେ କୁପାରିରୁ ସୋର ଅଭିମୁଖେ ଆସୁଥିବା ଏକ ଗୋରୁ ବୋଝେଇ ପିକଅପକୁ ଅଟକାଇବା ସମୟରେ ଗାଡିଟି ଦ୍ରୁତ ଗତିରେ ଯାଇ ରାସ୍ତା କଡରେ ଥିବା ଏକ ଦୋକାନ ଓ ପରେ ଏକ ଗଛକୁ ଧକା ଦେଇଥିଲା। ଦୁର୍ଘଟଣା ପରେ ଗାଡିର ଚାଳକ ଓ ହେଲଫର ଦୁଇଜଣ ଫେରାର ହୋଇଯାଇଥିବା ବେଳେ ଗାଡିରୁ ୧୨ ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ସୋର ପୁଲିସ ଗୋରୁମାନଙ୍କୁ ସୋର ଗୋଶାଳାରେ ଛାଡିବା ସହିତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସାଇବର ଠକେଇର ଶିକାର ହେଲେ ମହିଳା

ସୋର, ୧୩।୧୦(ସମିସ): ସୋର ଥାନା ମାଣତ୍ରୀ ପଞ୍ଚାୟତ ନୂଆପୁର ଗ୍ରାମର ଜଣେ ମହିଳା ସାଇବର ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଏହି ଗ୍ରାମର ସାବିତ୍ରୀ ପୃଷ୍ଟି ଗତକାଲି ସକାଳେ ସଉଦା କିଣିବାକୁ ଉତ୍ତରେଶ୍ୱର ଆସିଥିଲେ। ସଉଦା କିଣି ଘରକୁ ଫେରିବା ପରେ ତାଙ୍କ ଆକାଉଣ୍ଟରୁ ୩୦ ହଜାର ଟଙ୍କା କଟିଯାଇଥିବା ମୋବାଇଲକୁ ମେସେଜ ଆସିଥିଲା। ଫଳରେ ସାବିତ୍ରୀ ଟଙ୍କା ଆକାଉଣ୍ଟ ଥିବା ବ୍ୟାଙ୍କ ସହ ଯୋଗାଯୋଗ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ପାରିଥିଲେ। ଫଳରେ ସାବତ୍ରୀ ଏ ବାବଦରେ ବାଲେଶ୍ୱର ସାଇବର ଥାନାରେ ଅଭିଯୋଗ କରିବା ସହିତ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ

ସୋର, ୧୩।୧୦(ସମିସ): ସୋର ବ୍ଲକ ପରିସରରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ଅନୁସୟା ମଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକ ମାନଙ୍କ ସମସ୍ୟା ବୁଝିବା ସହିତ ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଥିଲେ ସେମାନଙ୍କର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅବସରରେ ୧୧ଜଣ ହିତାଧିକାରୀଙ୍କୁ ରାସନ କାର୍ଡ, ୭ଜଣଙ୍କୁ ଶ୍ରମିକ କାର୍ଡ ଓ ସ୍ୱଚ୍ଛଭାରତ ଅଭିଯାନ ମିଶନରେ ୩୩ଜଣ ପାଇଖାନା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୋର ବିଡିଓ ସୁବ୍ରତ ବେହେରା ତଦାରଖ କରିଥିବା ବେଳେ ଜିପିଓ ଅଭିଷେକ ପଣ୍ଡା ପରିଚାଳନା କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରଚାର ବେଳେ ଛାତ୍ର କଂଗ୍ରେସ ସଭାପତି ପ୍ରାର୍ଥିନୀ ଅସୁସ୍ଥ

ସୋର, ୧୩।୧୦(ସମିସ): ଆସନ୍ତା ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ବିଭିନ୍ନ କଲେଜରେ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ପ୍ରଚାର ଜୋରଦାର କରାଯାଇଛି। ଏହି କ୍ରମରେ ଆଜି ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ୩ ପ୍ରମୁଖ ଛାତ୍ର ସଂଗଠନ ପ୍ରଚାରକୁ ଜୋରଦାର କରିଛନ୍ତି। ଆଜି ପୂର୍ବାହ୍ନରେ ଛାତ୍ର କଂଗ୍ରେସର ସଭାପତି ପ୍ରାର୍ଥୀନୀ ଗୀତାରାଣୀ ସେଠୀ କଲେଜରେ ପ୍ରଚାର କରୁଥିଲେ। ଏହି ସମୟରେ ହଠାତ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସହପାଠୀ ମାନେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ସୁସ୍ଥ ହୋଇ ଫେରିବା ପରେ ପୁଣି ବିଭିନ୍ନ ମେସ ହଷ୍ଟେଲରେ ପିଲାଙ୍କୁ ଭେଟି ଭୋଟ ଭିକ୍ଷା କରୁଥିବା ଜଣାପଡ଼ିଛି।

ଦଳୀୟ ଚିହ୍ନ ଓ ନାମର ଅପବ୍ୟବହାର ଅଭିଯୋଗ

ପୁଲିସର ଦ୍ୱାରସ୍ଥ ହେଲା ବିଜେଡି ଛାତ୍ର ସଂଗଠନ

ବାଲେଶ୍ୱର, ୧୩।୧୦(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ନେଇ ବିବାଦ ଦେଖାଦେଇଛି। ବିଜୁ ଜନତା ଦଳର ଛାତ୍ର ସଂଗଠନ ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ନାମ ଓ ଶଙ୍ଖ ଚିହ୍ନକୁ ବିନା ଅନୁମତିରେ ବ୍ୟବହାର କରିବା, ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଭଳି ଅଭିଯୋଗ ଆଣି ବିସିଜେଡିର ବାଲେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ପ୍ରଧାନ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ହରେକୃଷ୍ଣ ପ୍ରଧାନ ଦାଖଲ କରିଥିବା ଲିଖିତ ଏତଲା ଅନୁଯାୟୀ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ପକ୍ଷରୁ ଶୁଭମ ଦାସଙ୍କୁ ସଭାପତି ଏବଂ ଅନୁରାଗ ଦାସଙ୍କୁ ସାଧାରଣ ସମ୍ପାଦକ ପଦ ପାଇଁ ପ୍ରାର୍ଥୀ କରାଯାଇଛି। ତେବେ ଉମେଶ ପରିଡ଼ା ଓ ଲିପୁନ୍ ମଣ୍ଡଳ ଦଳୀୟ ସଂଗଠନର କୌଣସି ଅନୁମତି ନ ନେଇ ନିଜକୁ ଯଥାକ୍ରମେ ସଭାପତି ଓ ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ପରିଚୟ ଦେବା ସହ ବିଭିନ୍ନ ସ୍ଥାନ ଓ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣାର ତଦନ୍ତ କରିବା ସହ ବିଜେଡିର ନାମ ଓ ଚିହ୍ନର ଅନଧିକୃତ ବ୍ୟବହାର ରୋକିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନାନୁଯାୟୀ ଦୃଢ଼ ପଦକ୍ଷେପ ନେବାକୁ ହରେକୃଷ୍ଣ ପ୍ରଧାନ ପୁଲିସ ନିକଟରେ ନିବେଦନ କରିଛନ୍ତି।

ଜୈବ-ଚିକିତ୍ସା ଗବେଷଣା କ୍ଷେତ୍ରରେ ଚମକିଲେ ବାଲେଶ୍ୱରର ଡ. ସିଦ୍ଧାର୍ଥ ପତି

● ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଲେ

ବାଲେଶ୍ୱର, ୧୩।୧୦(ସମିସ): ବିଶିଷ୍ଟ ବୈଜ୍ଞାନିକ ଡ. ସିଦ୍ଧାର୍ଥ ଜୈବ ପ୍ରଯୁକ୍ତିବିଦ୍ୟା ଓ ଅଣୁଜୀବ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ପାଇଁ ତାଙ୍କ ନାମ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ରାଙ୍କିଂରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍)ର ବିଶେଷଜ୍ଞ ତଥା ନାଟନୋଭ୍ ବାୟୋସାଇନ୍ସ ସହ ସମ୍ପୃକ୍ତ ଡ. ପତିଙ୍କ ନାମ ୨୦୨୬ର ଟପ୍ ସାଇଣ୍ଟିଷ୍ଟ / ଟପ୍ ରିସର୍ଚ୍ଚର ଲିଷ୍ଟ ପ୍ରୋଫାଇଲରେ ପ୍ରକାଶ ପାଇଛି। ଉକ୍ତ ମଞ୍ଚରେ ପ୍ରଦର୍ଶିତ ତଥ୍ୟ ଅନୁଯାୟୀ, ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଡ. ପତିଙ୍କ ବିଶ୍ୱସ୍ତରୀୟ ରାଙ୍କ ୨୩୦, ୭୪୭ ଏବଂ ଅଣୁଜୀବ ବିଜ୍ଞାନ ଉପକ୍ଷେତ୍ରରେ ରାଙ୍କ୍ ୪, ୪୪୧ ରହିଛି। ତାଙ୍କର ଏଚ୍-ଇଣ୍ଡେକ୍ସ ୨୦ ବୋଲି ଦର୍ଶାଯାଇଛି। ଜୈବ-ଚିକିତ୍ସା ଗବେଷଣାକୁ ତାଙ୍କର ପ୍ରମୁଖ ଗବେଷଣା କ୍ଷେତ୍ର ଭାବେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଥାଉ କି, ଡ. ପତି ୨୦୧୯ ମସିହାରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଜୈବ ପ୍ରଯୁକ୍ତିବିଦ୍ୟାରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ତାଙ୍କ ଗବେଷଣା କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ପରମାଣୁ ବିଜ୍ଞାନ ଗବେଷଣା ବୋର୍ଡ (ବିଆର୍‌ଏନ୍‌ଏସ୍) ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ମାଲେସିଆର ୟୁନିଭର୍ସିଟି ମାଲେସିଆ ତେରେଙ୍ଗାନୁରେ ପୋଷ୍ଟଡକ୍ଟରାଲ୍ ଗବେଷଣା କରିଥିଲେ। ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା, ଅଣୁଜୀବ ବିଜ୍ଞାନ, ପ୍ରାକୃତିକ ଉତ୍ପାଦ, ଖାଦ୍ୟ ବିଜ୍ଞାନ, ଜୈବ-ପଲିମର୍ ଏବଂ ଜୈବ ବିବିଧତା ସଂରକ୍ଷଣ ତାଙ୍କର ପ୍ରମୁଖ ଗବେଷଣା କ୍ଷେତ୍ର। ତାଙ୍କର ଉଲ୍ଲେଖନୀୟ ସମ୍ମାନ ମଧ୍ୟରେ ଓଡ଼ିଶା ସରକାରଙ୍କ ବିଜୁ ପଟ୍ଟନାୟକ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର, ଇଣ୍ଡୋନେସିଆର ଉଦୟନ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ ୟୁନିସର୍ଫ ପୁରସ୍କାର ଏବଂ ବ୍ରିଟେନ୍‌ର କନ୍‌ଜରଭେସନ୍ ଲିଡରସିପ୍ ପ୍ରୋଗ୍ରାମ୍ ପକ୍ଷରୁ ପ୍ରଦତ୍ତ ସିଏଲ୍‌ପି ଫ୍ୟୁଚର୍ କନ୍‌ଜରଭେସନିଷ୍ଟ ପୁରସ୍କାର ଅନ୍ତର୍ଭୁକ୍ତ ବୋଲି ଉଲ୍ଲେଖ ରହିଛି। ତାଙ୍କର ଶିକ୍ଷାଗତ ଉପଲବ୍ଧି ଓ ଅନ୍ତର୍ଜାତୀୟ ଗବେଷଣା ଅଭିଜ୍ଞତା ବୈଜ୍ଞାନିକ ଜ୍ଞାନର ଅଗ୍ରଗତିରେ ଓଡ଼ିଶାର ଗବେଷକମାନଙ୍କ ଭୂମିକାକୁ ଉଜାଗର କରିବା ସହ ଜୈବ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଓ ପରିବେଶ ସଂରକ୍ଷଣ ମଧ୍ୟରେ ସମନ୍ୱୟର ବର୍ଦ୍ଧିତ ସମ୍ଭାବନାକୁ ପ୍ରତିଫଳିତ କରୁଛି।

'ଅକ୍ଷାଂଶ' ପୂଜା ସଂଖ୍ୟାର ଲୋକାର୍ପଣ ଉତ୍ସବ



ବାଲେଶ୍ୱର, ୧୩।୧୦(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନ ପରିସରରେ ସାହିତ୍ୟ ପତ୍ରିକା 'ଅକ୍ଷାଂଶ'ର ଶୁଭ ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଥିଲା। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉନ୍ମୋଚକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦାନ କରି ପତ୍ରିକାର ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଡ. ରତ୍ନାକର ସିଂହ 'ଅକ୍ଷାଂଶ'ର ଦୀର୍ଘ ୨୪ ବର୍ଷର ଜୟଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ପତ୍ରିକାର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଆଜିର ସମୟରେ ପତ୍ର ପତ୍ରିକାର ସାମ୍ପ୍ରତିକ ସ୍ଥିତି ଏବଂ 'ଅକ୍ଷାଂଶ'ର ପାଠକ ପ୍ରିୟତା ସମ୍ପର୍କରେ ସୂଚନା ଦେଇଥିଲେ। ସୌଜନ୍ୟ ସମ୍ପାଦିକା ଅଞ୍ଜଳି ପଣ୍ଡା ପତ୍ରିକାଟିର ଭୂୟସୀ ପ୍ରଶଂସା କରିଥିଲେ। ପତ୍ରିକାର ସହ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପତ୍ରିକାରେ ସ୍ଥାନିତ ଲେଖା ଗୁଡ଼ିକ ଉପରେ ତର୍ଜମା କରିଥିଲେ। ଏଇ ଅବସରରେ ପତ୍ରିକାରେ ସ୍ଥାନିତ ନିଜସ୍ୱ କବିତା ପାଠ କରିଥିଲେ କବି ବିମଳ ଜେନା, କବି ଶ୍ରୀଦେବ, ପ୍ରଶାନ୍ତ ଦାସ, ରମାକାନ୍ତ ନାୟକ, ଜୁମର ନାଥ ପାତ୍ର, ପ୍ରୀତିଲେଖା ଦାସ, ଜ୍ୟୋତ୍ସ୍ନା ରାୟ, ସଙ୍ଗୀତା ବାରିକ, କଲ୍ୟାଣୀ ନନ୍ଦ, ତୃପ୍ତି ରାଣୀ ପାତ୍ର ପ୍ରମୁଖ। ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଗାଳ୍ପିକା ସ୍ମୃତି ଦେ, ନିବାରଣ ଜେନା, ତପନ ରାୟ, ସବ୍ୟସାଚୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ବୈଠକ

ସିମୁଳିଆ, ୧୩।୧୦ (ସମିସ): ସିମୁଳିଆ ଶାଖା ବୟସ୍କ ନାଗରିକ କଲ୍ୟାଣ ପରିଷଦର ଏକ ବୈଠକ ସିମୁଳିଆ ପୁଲିସ ଆନୁକୂଲ୍ୟରେ ସିମୁଳିଆ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜନ ହୋଇଥିଲା। ଏଥିରେ ପଦ୍ମଲୋଚନ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ, ମୁଖ୍ୟବକ୍ତା ସିମୁଳିଆ ଆଇଆଇସି ଦେବରାଜ ଜେନା, ସମ୍ମାନିତ ଅତିଥି ଭାବେ ଶୁଚିସ୍ମିତା ନାୟକ, ସମ୍ପାଦକ ବରେନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ରମାକାନ୍ତ ପରିହାରୀଙ୍କ ସମେତ ୧୮ ଗୋଟି ପଞ୍ଚାୟତର ୫୦୦ ଶହରୁ ଅଧିକ ବୟସ୍କ ନାଗରିକ ଏହି ସଭାରେ ଯୋଗ ଦେଇଥିଲେ। ଶିବପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରି ସଭା ଶେଷକରିଥିଲେ।

ନୃତ୍ୟ ସଙ୍ଗୀତ କଳାମନ୍ଦିରର ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି

ବାଲେଶ୍ୱର, ୧୩।୧୦(ସମିସ): ବାଲେଶ୍ୱରର ଅନ୍ୟତମ ପୁରାତନ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ନୃତ୍ୟ ସଙ୍ଗୀତ କଳାମନ୍ଦିରର ୭୦ତମ ପ୍ରତିଷ୍ଠା ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଡିସେମ୍ବର ୧୧, ୧୨ ଓ ୧୩ ତାରିଖରେ ତିନିଦିନିଆ ହୀରକ ଜୟନ୍ତୀ ଉତ୍ସବ ଆୟୋଜନ କରାଯିବ। ୧୯୫୬ରୁ ୨୦୨୬ ପର୍ଯ୍ୟନ୍ତ ଏହି ଦୀର୍ଘ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ସ୍ଥାନୀୟ ଟାଉନ୍‌ହଲ୍‌ରେ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଅନୁଷ୍ଠାନର ପ୍ରସ୍ତୁତି କମିଟି ବୈଠକ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ ତିନିଦିନିଆ କାର୍ଯ୍ୟକ୍ରମର ରୂପରେଖ ଓ ଖର୍ଚ୍ଚ ଅଟକଳ ଉପସ୍ଥାପନ କରିଥିଲେ। ବୈଠକରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ ଓ ଶରତ କୁମାର ମହାପାତ୍ରଙ୍କ ସମେତ ହରେନ୍ଦ୍ର ଚନ୍ଦ୍ର ରଣା, ଶୋକାଶିଷ, ଉତ୍ପଳ ମହାନ୍ତି, ଗୋପାମୁଦ୍ରା ମହାପାତ୍ର, ବ୍ରହ୍ମନାଥ ରଥ, ଗୌରାଙ୍ଗ ପାଣିଗ୍ରାହୀ ଓ ସୁଦୀପ୍ତା ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍ସବର ସଫଳ ଆୟୋଜନ ନେଇ ବିଭିନ୍ନ ପ୍ରସ୍ତାବ ଓ ମତାମତ ରଖିଥିଲେ। ସ୍ମୃତି ଦାସ ଧନ୍ୟବାଦ ଦେଇଥିଲେ।

ଶାସଙ୍ଗ ପଞ୍ଚାୟତରେ ସଚେତନତା ଶିବିର

ବାଲେଶ୍ୱର, ୧୩।୧୦(ସମିସ): ସଦର ବ୍ଲକର ଶାସଙ୍ଗ ପଞ୍ଚାୟତର କଲ୍ୟାଣ ମଣ୍ଡପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବଧିକାର କର୍ମୀ ସୁଧାକର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବାଲେଶ୍ୱର ସଚିବ ସୁମନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ନିଃଶୁଳକ ଫୋନ୍ ନମ୍ବର ୧୫୧୦୦ ଦ୍ୱାରା କିମ୍ବା ଜିଲ୍ଲା ଆଇନସେବା କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ହୋଇ ନିଜଅଭିଯୋଗ କରିପାରିବେ ବୋଲି ଜଣାଇ ଥିଲେ। ବାଲ୍ୟବିବାହ ନିରୋଧକ ଆଇନ, ଶିକ୍ଷା ସଂସ୍କାର ଆଇନ, ଶିଶୁ ଶ୍ରମିକ ଆଇନ ଉପରେ ବିଶେଷ ଆଲୋକ ପାତ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ କିଭଳି ସର୍ବଦା ଜିଲ୍ଲାରେ ସମସ୍ତଙ୍କୁ ନ୍ୟାୟ ମିଳିବ ଏଭଳି ମହତ ଚିନ୍ତନରେ ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟ କରି ଆସୁଛି ବୋଲି ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ଦ୍ୱିବେଦୀ କାର୍ଯ୍ୟକ୍ରମ ସଫଳତା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ଏହି ଅବସରରେ ସ୍ଥାନୀୟ ନାୟବ ସରପଞ୍ଚ ପୁଷ୍ପଲତା ବାରିକ, ଶୁଭଶ୍ରୀ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ। ରୀନା ମଲିକ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ମଲିକ, ରତିକାନ୍ତ ସେଠୀ, ତରୁଣ ସେଠୀ, ମନୋରଞ୍ଜନ ମଲ୍ଲିକ, ଶଙ୍କର୍ଷଣ ଶତପଥି, ଦୋଳଗୋବିନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାଲେଶ୍ୱରର ପୁରାତନ ଭିତ୍ତିଚିତ୍ର ପରିଦର୍ଶନ କଲା ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ

ବାଲେଶ୍ୱର, ୧୩।୧୦(ସମିସ): ବାଲେଶ୍ୱର ଜିଲ୍ଲାରେ ବହୁ ପୁରାତନ ମନ୍ଦିର ରହିଛି। ଅଧିକାଂଶ ମନ୍ଦିର ବଙ୍ଗୀୟ ଶୈଳୀରେ ନିର୍ମିତ ହୋଇଥିବା ବେଳେ ଅନେକ ଉତ୍କଳୀୟ ଶୈଳୀରେ ଏବଂ କେତେକ ଉଭୟ ଶୈଳୀର ମିଶ୍ରଣରେ ନିର୍ମିତ। ଅନେକ ମନ୍ଦିର କାରୁକାର୍ଯ୍ୟ ପୂର୍ଣ୍ଣ ହୋଇଥିବା ବେଳେ ଅଳ୍ପ କେତେକରେ ଭିତ୍ତିଚିତ୍ର ଦେଖିବାକୁ ମିଳେ। ଗତ ସେପ୍ଟେମ୍ବର ୨୯ ତାରିଖରେ ଶିଳ୍ପୀ କେଶୁ ଦାସ ସଦର ବାଲେଶ୍ୱରର ଓଡ଼ଙ୍ଗୀ ପଞ୍ଚାୟତର କଉଡ଼ିପୁର ଗ୍ରାମର ବିଶ୍ୱେଶ୍ୱର ମନ୍ଦିରର ପୁରାତନ ଭିତ୍ତିଚିତ୍ର ଠାବ କରିଥିଲେ। ଏହି ଖବର ଗଣମାଧ୍ୟମ, ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଓ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଯିବା ପରେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକାରୀମାନେ ଆଜି ପୂର୍ବାହ୍ନରେ ଏହା ପରିଦର୍ଶନ କରିବାକୁ ଆସିଥିଲେ। ରସାୟନବିତ୍ ପଞ୍ଚାନନ ମିଶ୍ର, ପ୍ରତ୍ନତତ୍ତ୍ୱବିତ୍ ଡ. ରୁଦ୍ର ପ୍ରସାଦ ବେହେରା ଓ ରସାୟନବିତ୍ ରଜତ ଯାଦବ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ପ୍ରତ୍ୟେକ ଚିତ୍ରକୁ ନିରୀକ୍ଷଣ କରି ଫଟୋ ଉତ୍ତୋଳନ କରିଥିଲେ। ଫିତାରେ ବିଭିନ୍ନ ମାପଚୁପ କରି ବିବରଣୀ ଲିପିବଦ୍ଧ କରିଥିଲେ। ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସଙ୍କ ସହ ସବିଶେଷ ଆଲୋଚନା କରିବା ସହ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ ସନାତନ ସେଠୀ, ରାଜକିଶୋର ଦାଶ, ରଞ୍ଜନ ସାମଲ, ଆକାଶ ଦାସ ପ୍ରମୁଖଙ୍କ ଠାରୁ ବିଭିନ୍ନ ତଥ୍ୟ ପଚାରି ବୁଝିଥିଲେ। ରସାୟନବିତ୍ ପଞ୍ଚାନନ ମିଶ୍ର କହିଛନ୍ତି, ପ୍ରାଥମିକ ସର୍ଭେରୁ ଜଣାପଡୁଛି ଏହା ଓଡ଼ିଶାର ଐତିହ୍ୟ ପୂର୍ଣ୍ଣ ପୁରାତନ ଭିତ୍ତିଚିତ୍ର। ଏହାର ସଂରକ୍ଷଣ ନିହାତି ଆବଶ୍ୟକ। ପ୍ରତ୍ନତତ୍ତ୍ୱବିତ୍ ଡ. ରୁଦ୍ର ପ୍ରସାଦ ବେହେରା କହିଛନ୍ତି, ଆମେ ଶୀଘ୍ର ଅଫିସରେ ରିପୋର୍ଟ ଦାଖଲ କରିବୁ। ଉପରିସ୍ଥ ଅଧିକାରୀ ତଥା ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏହାକୁ ଯଥାଶୀଘ୍ର ସଂରକ୍ଷଣ କରାଯିବ। ରସାୟନବିତ୍ ରଜତ ଯାଦବ କହିଛନ୍ତି, ଏହା ନିଶ୍ଚିତ ପୁରାତନ, ପ୍ରକୃତ ସମୟ ଜାଣିବା ପାଇଁ ଆହୁରି କିଛି ପରୀକ୍ଷା ଆବଶ୍ୟକ। ଅଧିକାରୀମାନେ କଉଡ଼ିପୁର ବିଶ୍ୱେଶ୍ୱର ମହାଦେବ ମନ୍ଦିର ପରେ ବାଲେଶ୍ୱର ସହରର ପ୍ରାଚୀନ ଶ୍ୟାମସୁନ୍ଦର ଜୀଉ ମନ୍ଦିର ମଧ୍ୟ ପରିଦର୍ଶନ କରି ଭୁବନେଶ୍ୱର ଫେରିଯାଇଥିଲେ।

ସୌରଶକ୍ତି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଜୀବିକାର୍ଜନର ନୂଆ ପନ୍ଥା ଦେଖାଉଛି ଟିପିଏନ୍‌ଓଡିଏଲ୍

୧୨୦ ଯୁବକଯୁବତୀଙ୍କୁ ପ୍ରମାଣପତ୍ର ପ୍ରଦାନ

ବାଲେଶ୍ୱର, ୧୩।୧୦(ସମିସ)

ସୌରଶକ୍ତି କ୍ଷେତ୍ରରେ ବଢୁଥିବା ନିଯୁକ୍ତି ଓ ଜୀବିକା ସୁଯୋଗ ସହ ଗ୍ରାମୀଣ ଯୁବପିଢ଼ିଙ୍କୁ ଯୋଡ଼ିବା ପାଇଁ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଚାଲିଥିବା 'ଗ୍ରୀନ୍ ଜବ୍ସ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସମ୍ପନ୍ନ ହୋଇଛି। ଟାଟା ପାୱାର ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଟିପିଏସ୍‌ଡିଆଇ) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଶେଷ କରିଥିବା ୧୨୦ ଜଣଙ୍କୁ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। ସୌରଶକ୍ତି କ୍ଷେତ୍ରର ବିକାଶ ତଥା ପ୍ରୋତ୍ସାହନ ପାଇଁ ଦକ୍ଷ ଏବଂ କୌଶଳୀ କର୍ମୀ ସୃଷ୍ଟି ସହ ଗ୍ରାମୀଣ ଯୁବପିଢ଼ିଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଟିପିଏନ୍‌ଓଡିଏଲ୍‌ର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଆଠଟି ବ୍ୟାଚ୍‌ରେ 'ସୋଲାର ସୁପରଭାଇଜର' ଏବଂ 'ସୋଲାର ହେଲ୍‌ପର/ଆସିଷ୍ଟାଣ୍ଟ ଟେକ୍ନିସିଆନ୍' ବୃତ୍ତି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିଳ୍ପ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ ବୈଷୟିକ କୌଶଳ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବାବେଳେ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ଭାରତ ସରକାରଙ୍କ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆରଇ) ପକ୍ଷରୁ ଜାରି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସମାରୋହରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦୁଷ୍ୟନ୍ତ କୁମାର ତ୍ୟାଗୀ, ମୁଖ୍ୟ ପରିଚାଳନା ଅଧିକାରୀ ନୀଳେଶ ପୋଟଫୋଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ସୌରକରଣ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ନାୟକ ଏବଂ ସିଏସ୍ଆର୍ ମୁଖ୍ୟ ରଞ୍ଜନ ଶର୍ମା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଇଓ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଥିଲେ, ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ସୃଷ୍ଟି ହେଉଥିବା ସୁଯୋଗର ଲାଭ ଗ୍ରାମୀଣ ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ଉପଯୁକ୍ତ ଦକ୍ଷତାର ବିକାଶ ନିତାନ୍ତ ଜରୁରୀ। 'ଗ୍ରୀନ୍ ଜବ୍ସ ଓ ବୃତ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ମାଧ୍ୟମରେ ଯୁବପିଢ଼ିଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଏବଂ ସ୍ଥାୟୀ ଜୀବିକା ଗଢ଼ିବାରେ ସହାୟତା କରିବା ସଂସ୍ଥାର ମୂଳ ଲକ୍ଷ୍ୟ।' ଏହା ସହିତ ଟିପିଏନ୍‌ଓଡିଏଲ୍ ନିଜ ବିଦ୍ୟୁତ ସେବା ଅଞ୍ଚଳର ବାଲେଶ୍ୱର, ଯାଜପୁର, କେନ୍ଦୁଝର, କପ୍ତିପଦା, ବହଳଦା ଓ ଚଢ଼େଇପାହାଡ଼ିରେ ଛଅଟି ବୃତ୍ତିଗତ ପ୍ରଶିକ୍ଷଣ କେନ୍ଦ୍ର ପରିଚାଳନା କରୁଛି, ଯାହାଦ୍ୱାରା ଏଯାବତ ୪, ୩୦୦ରୁ ଅଧିକ ବ୍ୟକ୍ତିବିଶେଷ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇ ଲାଭାନ୍ୱିତ ହୋଇଛନ୍ତି। ପ୍ରଶିକ୍ଷଣ ପରେ ହିତାଧିକାରୀମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଥିବାବେଳେ ଅନ୍ୟମାନେ ସ୍ଥାନୀୟ ଅଞ୍ଚଳରେ ନିଜସ୍ୱ ଉଦ୍ୟୋଗ ଓ ବ୍ୟବସାୟ ଆରମ୍ଭ କରିଛନ୍ତି।

ନବରାତ୍ର ତୃତୀୟ ସନ୍ଧ୍ୟା

ବାରିପଦା ମା' ଅମ୍ବିକାଙ୍କ ଚନ୍ଦ୍ରଘଣ୍ଟା ବେଶ

୨୮ ବର୍ଷରେ ତକତପୁର ସାର୍ବଜନୀନ ଦୁର୍ଗାପୂଜା

ଆସୁଛନ୍ତି ମା'

ବାରିପଦା, ୧୩।୧୦(ସମିସ): ପାର୍ବଣ ଋତୁରେ ମା' ଦୁର୍ଗା ମୃଣ୍ମୟୀ ରୂପରେ ଅବତାରଣା ହୋଇ ଧରାପୃଷ୍ଠ ପୂଜା ପାଉଛେ। ଦୁର୍ଗତି ନାଶିନୀ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ନିମନ୍ତେ ପୂଜା ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାରିପଦା ସହରର ପୂଜା ମଣ୍ଡପ ମଧ୍ୟରୁ

- ମନ ମୋହିବ ଟେରାକୋଟା ତୋରଣ
- ଭସାଣିରେ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ

ତକତପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପୂଜା ଅନ୍ୟତମ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପ୍ରଚେଷ୍ଟାରେ ୧୯୯୮ରେ ପୂଜା ଆରମ୍ଭ ହୋଇଥିବାବେଳେ ଚଳିତ ଥର ୨୮ ବର୍ଷରେ ପଦାର୍ପଣ କରିଛି। ଏଠାରେ ମା' ଦୁର୍ଗାଙ୍କ ପୂଜାରେ ସ୍ୱତନ୍ତ୍ରତା ରହିଛି। ତକତପୁରରୁ ବିଶ୍ୱବିଦ୍ୟାଳୟ ରାସ୍ତାରେ ପୂଜା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ପୂଜା ସାଜସଜ୍ଜା ସ୍ୱତନ୍ତ୍ରତା ବାରି ହେଉଛି। ଟେରାକୋଟା ତୋରଣ ଓ ମୂର୍ତ୍ତି ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। ପଶ୍ଚିମବଙ୍ଗରୁ କାରିଗର ଆସି ମା'ଙ୍କ ସମେତ ପାଖରୁ ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ ଜୀବନ୍ତ ରୂପ ଦେଉଛନ୍ତି। ପୂଜା କମିଟି ଅଧ୍ୟକ୍ଷ ପରେଶ ଚନ୍ଦ୍ର ମହାନ୍ତ ରହିଥିବାବେଳେ ସଭାପତି ଭାବେ ରମେଶ ଚନ୍ଦ୍ର ସିଂହ, ଉପସଭାପତି ଭାବେ ସତ୍ୟବ୍ରତ ବିଶ୍ୱାଳ ଓ ହୃଷିକେଶ ମହାପାତ୍ର, ସମ୍ପାଦକ ଭାବେ ନାରାୟଣ ମହାନ୍ତ, ସହସମ୍ପାଦକ ଶଙ୍କର୍ଷଣ ପଣ୍ଡା, କୋଷାଧ୍ୟକ୍ଷ ଭାବେ ସରୋଜ ଦାସ, ସହକୋଷାଧ୍ୟକ୍ଷ ଭାବେ ବିରେନ୍ଦ୍ର କୁମାର ବେହେରା ଓ ସାଂସ୍କୃତିକ ସଭାପତି ଭାବେ ଗଦାଧର ସାହୁଙ୍କ ମିଳିତ ପ୍ରୟାସରେ ଦୁର୍ଗା ପୂଜାକୁ ଆଡମ୍ବର ସହ ପାଳନ ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି। ବାରିପଦା ସହର ପୁରାତନ ଦୁର୍ଗା ପୂଜା ଭାବେ ଏହା ପରିଚିତ ଅଟେ। ଶୁକ୍ରବାର ଷଷ୍ଠୀ ଓ ଶନିବାର ସପ୍ତମୀ, ରବିବାର ଅଷ୍ଟମୀ, ସୋମବାର ନବମୀ ଓ ମଙ୍ଗଳବାର ଦଶମୀ ପୂଜା। ପୂଜା ତୋରଣ, ସାଜସଜ୍ଜା, ଆନୁଷଙ୍ଗିକ ବ୍ୟବସ୍ଥା ଓ ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ରତା ବାରି ହେଉଛି। ପୂଜାକୁ ବେଶ୍ ଶାନ୍ତିଶୃଙ୍ଖଳାର ସହ ଆକର୍ଷଣୀୟ ଭାବେ ପାଳନ କରିବାକୁ ପୂଜା କମିଟି ସଦସ୍ୟ ବେଶ ସକ୍ରିୟ ରହିଛନ୍ତି। ପୂଜାର ନିର୍ଘଣ୍ଟ ଅନୁଯାୟୀ ଘଟ ଉତ୍ତୋଳନଠାରୁ ଆରମ୍ଭ କରି ପୂଜାବିଧି, ଢାକି ଆଦି ଚଣ୍ଡି ପାଠକଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥାଏ। ପ୍ରାୟ ସପ୍ତାହେ ଧରି ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି ଆଦି ଅନୁଷ୍ଠିତ ହେବ। ବିଦାୟ ସମୟରେ ଡିଜେ ବଦଳରେ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଦେଇ ବିସର୍ଜନ କରାଯିବ। ସେଥିପାଇଁ ଭସାଣି ସମୟରେ ବିଭିନ୍ନ ଲୋକ ବାଦ୍ୟ ଦଳ ଆସିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

ଦିନଦ୍ୱିପ୍ରହରରେ ମହିଳାଙ୍କ ଘରୁ ଲୁଟ୍

ବୈଶିଙ୍ଗା, ୧୩।୧୦ (ସମିସ): ବୈଶିଙ୍ଗା ଥାନା ଅଧୀନ ଆଗରିଆ-ନଡ଼ପୁର ରାସ୍ତା ପାଖର ହରିପୁର ଛକ ନିକଟରେ ଥିବା ଘରେ କେହି ନ ଥିବା ସୁଯୋଗ ନେଇ ଏକ ଦାମୀ କାରରେ ଆସି ଘରର ତାଲା ଭାଙ୍ଗି ଲୁଟ୍ କରି ଫେରାର ହୋଇଗଲେ ଦୁର୍ବୃତ୍ତ। ହରିପୁର ଛକରେ ଏକ ଛୋଟ କୁଡ଼ିଆ ଘରେ ନାତୁଣୀଙ୍କ ସହ ରହୁଥିବା ଗୁରୁବାରୀ ନାଏକଙ୍କ ପୁଅ, ଝିଅ ଓ ବୋହୂ ହାଇଦ୍ରାବାଦରେ ଦାଦନ ଖଟୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ନାତୁଣୀ ସ୍କୁଲକୁ ଯାଇଥିବାବେଳେ ଗୁରୁବାରୀ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଏକ ଦାମୀ କାରରେ ଆସିଥିବା ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଘରେ ରଖାଯାଇଥିବା ନଗଦ ଟଙ୍କା, ନାତୁଣୀର ସୁନା ପଦକ ସମେତ କିଛି ସୁନା ଅଳଙ୍କାର ଓ ଏଲ୍‌ସିଡି ଟିଭି ଲୁଟି ନେଇ ନଡ଼ପୁର ରାସ୍ତା ଦେଇ ଫେରାର ହୋଇଯାଇଥିଲେ। ଦିନ ପ୍ରାୟ ୧ଟା ସମୟରେ ଏହି ଘଟଣା ଘଟିଥିଲା। ବୈଶିଙ୍ଗା ଥାନା ଅଧିକାରୀ ବାବାଶଙ୍କର ସରାଫ ପୁଲିସ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଘରେ ପଶୁଛି ବର୍ଷା ପାଣି, ନ୍ୟାୟ ମାଗିଲେ ବାପାଝିଅ

ରାଇରଙ୍ଗପୁର, ୧୩।୧୦(ସମିସ): ନିମ୍ନମାନର ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ବର୍ଷା ପାଣି ସିଧାସଳଖ ଘର ଭିତରକୁ ପଶୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିକାର ଓ ନ୍ୟାୟ ଦାବିରେ ଜନଅଭିଯୋଗ ଶୁଣାଣି ଶିବିରରେ ହାତରେ ପ୍ଲାକାର୍ଡ ଧରି ବାପା ଓ ଝିଅ ଗୁହାରି ଜଣାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଦେଖିବାକୁ ମିଳିଥିଲା। ବହଳଦା ବ୍ଲକ ଅନ୍ତର୍ଗତ କୁଲଗୀ ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ନିକଟରେ ଏକ ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତାଟି ଗ୍ରାମବାସୀଙ୍କ ଘର ପଡ଼ନଠାରୁ ବହୁ ଉଚ୍ଚରେ ନିର୍ମାଣ କରାଯାଇଥିବାବେଳେ ପାର୍ଶ୍ୱରେ ଡ୍ରେନ୍ କିମ୍ବା ଜଳ ନିଷ୍କାସନ ପାଇଁ କୌଣସି ସୁବିଧା କରାଯାଇନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଗାଁ ଦାଣ୍ଡର ସମସ୍ତ ବର୍ଷା ଜଳ ସିଧାସଳଖ ଘର ଅଗଣା ଓ କୋଠରୀ ଭିତରକୁ ପ୍ରବେଶ କରୁଛି। ପାଣି ଜମି ରହିବା କାରଣରୁ ଘର କାନ୍ଥରେ ଫାଟ ସୃଷ୍ଟି ହୋଇ ଘର ବିପଦସଙ୍କୁଳ ଅବସ୍ଥାକୁ ଚାଲିଆସିଛି ବୋଲି ଗ୍ରାମର ସୁବାସ ଚନ୍ଦ୍ର ମହାନ୍ତ ଓ ତାଙ୍କ ନାବାଳିକା ଝିଅ ମିତାଲି ମହାନ୍ତ ପ୍ରକାଶ କରିଛନ୍ତି। ରାସ୍ତା କାମ ଚାଲିଥିବା ସମୟରେ ହିଁ ଏ ନେଇ ବ୍ଲକ ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ନିରୁପାୟ ହୋଇ ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ନିଜ ଦୁଃଖ ଜଣାଇଛନ୍ତି। ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଜଳ ନିଷ୍କାସନର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ରାସଗୋବିନ୍ଦପୁର, ୧୩।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରସ୍ଥ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ବାର୍ତ୍ତାକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ କଲ୍ୟାଣ ଓ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାସଗୋବିନ୍ଦପୁର ଏବିଡିଓ ଜୟକୃଷ୍ଣ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାସଗୋବିନ୍ଦପୁର ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ସାହୁ ଓ ଛାତନା ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶିକା ଅରଶିଖା ବେଜ ଉପସ୍ଥିତ ଥିଲେ। ସରକାରଙ୍କ ୨୫ ବର୍ଷର ଜନସେବା ପୂର୍ତ୍ତି ଅବସରରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପର ପ୍ରୋତ୍ସାହନ ସହ ଜନସମ୍ପର୍କ ଅଭିଯାନକୁ ସୁଦୃଢ଼ କରିବା, ସମବାୟ ସଂସ୍ଥାର କମ୍ପ୍ୟୁଟରୀକରଣ, ଚାଷୀଙ୍କୁ ସୁଲଭ ସୁଧରେ ସମବାୟ ଋଣ ପ୍ରଦାନ, କୃଷକ ସଦସ୍ୟଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ରଙ୍ଗୋଲି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ସମବାୟ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଜନାଭିମୁଖୀ କରିବାର ବାର୍ତ୍ତା ଦିଆଯାଇଥିଲା।

- ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ

୩ ପଦବୀରେ ବିସିଜେଡିର ବାଜିମାତ୍

ରାସଗୋବିନ୍ଦପୁର, ୧୩।୧୦(ସମିସ): ଦୀର୍ଘ ୮ ବର୍ଷ ପରେ ଛାତ୍ରସଂସଦ ନିର୍ବାଚନକୁ ନେଇ ରାସଗୋବିନ୍ଦପୁର ବ୍ଲକର ମହାବିଦ୍ୟାଳୟରେ ଉତ୍ସାହ ଦେଖାଦେଇଛି। ନଳଗଜାସ୍ଥ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ତିନୋଟି ପଦବୀରେ ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ସତ୍ୟସାଇ ପ୍ରଧାନ +୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଶ୍ରେଣୀର କ୍ଲାସ୍ ରିପ୍ରେଜେଣ୍ଟେଟିଭ୍ (ସିଆର), ସୁଧାଂଶୁବାଳା ବାରିକ ସୋସିଆଲ୍ ସର୍ଭିସ୍ ଗାଇଡ୍‌ର ସହକାରୀ ସମ୍ପାଦିକା ଓ କାନ୍ଦ୍ରା ମାରାଣ୍ଡି ଆଥଲେଟିକ୍ କ୍ଲବ୍‌ର ସହକାରୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ପଦବୀରେ କିଏ ବିଜୟୀ ହେବେ, ତାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି।

ବଡ଼ସାହି ଦୁର୍ଗାପୂଜା; ଆକର୍ଷଣୀୟ ତୋରଣ ଓ ଆଲୋକ ସଜ୍ଜା ମନମୋହିବ

ବଡ଼ସାହି,୧୩।୧୦(ସମିସ): ଶାରଦୀୟ ଦୁର୍ଗାପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ବଡ଼ସାହି ଅଞ୍ଚଳ। ଏବେଠାରୁ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏ ଅବସରରେ ବଡ଼ସାହିର ଏହି ସର୍ବପୁରାତନ ପୂଜା ୮୧ ବର୍ଷରେ ପଦାର୍ପଣ କରିଛି। ସେଥିପାଇଁ ୨୫ ଲକ୍ଷ ଟଙ୍କା ବଜେଟ ରହିଥିବା କମିଟି ପକ୍ଷରୁ କୁହାଯାଇଛି। ପୂଜା ମଣ୍ଡପର ଆକର୍ଷଣୀୟ ତୋରଣ ସହିତ ବଡସାହି ଛକଠାରୁ ମେଢ ପର୍ଯ୍ୟନ୍ତ ଆଧୁନିକ ଆଲୋକ ସାଜସଜ୍ଜା ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ମନ ମୋହିବ ବୋଲି ଜଣାଯାଇଛି। ମୁଖ୍ୟ କାରିଗର ସୁରେଶ କୁଅଁରଙ୍କ ନେତୃତ୍ୱରେ ସହଯୋଗୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବା ପାଇଁ ବ୍ୟସ୍ତ ଅଛନ୍ତି। ଚଳିତବର୍ଷ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୬ଦିନ ଧରି ଅନୁଷ୍ଠିତ ହେବ। ବ୍ୟୟବହୁଳ ରାବଣ ପୋଡ଼ି ଉତ୍ସବ ମଧ୍ୟ ଏଥର ଦେଖିବାକୁ ମିଳିବ। ସପ୍ତମୀଠାରୁ ପ୍ରବଚନ, ମେଲୋଡି, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଥିବାବେଳେ ଦଶମୀଠାରୁ 'ଚ୍ୟାଲେଞ୍ଜ' ଅପେରା ଯାତ୍ରା ପରିବେଷଣ କରିବ ବୋଲି ଜଣାଯାଇଛି।

ବଡ଼ସାହି ପଞ୍ଚାୟତରେ ତାଳପଦା ଗ୍ରାମ ଥିବାବେଳେ ପ୍ରଥମେ ତାଳପଦାଠାରେ ଏହି ପୂଜା ଆରମ୍ଭ ହୋଇଥିଲା। ସ୍ୱର୍ଗତ କୃଷ୍ଣମୋହନ ବେହେରା, କସ୍ତୁରୀମୋହନ ବେହେରା, ସରଦା ପ୍ରସାଦ ଦାସ ଓ ଅନାଦି ଦାସଙ୍କ ସହିତ କିଛି ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ବଡସାହିର ଏକ ଝାଟିମାଟି ଭୁଗୁଡ଼ା ଘରୁ ଆରମ୍ଭ ହୋଇଥିଲା ମା'ଙ୍କ ପୂଜା। ସେ ସମୟରେ ୮୦ ଟଙ୍କା ପାଖାପାଖି ବ୍ୟୟ ଅଟକଳରେ ପୂଜା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୮୦ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜାକୁ ବଡସାହି ଅଞ୍ଚଳବାସୀ ମହାଆଡ଼ମ୍ବରରେ ପାଳନ କରିଆସୁଛନ୍ତି। ଚଳିତ ବର୍ଷ ଅକର୍ଷଣୀୟ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣରେ କାରିଗର ବ୍ୟସ୍ତ। ପୂଜା କମିଟିର ସମ୍ପାଦକ ଶଶାଙ୍କଶେଖର କର ଓ ସହସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରୁଥିବା ଦେଖାଯାଇଛି। କୋଷାଧ୍ୟକ୍ଷ ଭାବେ ମାନସ ସାହୁ ଦାୟିତ୍ୱ ତୁଲାଉଛନ୍ତି।

ଯୁବକଙ୍କ ମୃତ୍ୟୁ, ପୁଲିସର ତଦନ୍ତ

ବୈଶିଙ୍ଗା,୧୩।୧୦ (ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ମାନଗୋବିନ୍ଦପୁର ପଞ୍ଚାୟତର କୁଞ୍ଜିବଣିଆ ଗ୍ରାମରେ ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ଗ୍ରାମର ସ୍ୱର୍ଗତ ରଥ ସିଂଙ୍କ ପୁଅ କୃଷ୍ଣ ସିଂ। ଏହି ଘଟଣାରେ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଅପରାହ୍ଣରେ ପରିବାରର ସମସ୍ତ ସଦସ୍ୟ ଖାଇସାରିବା ପରେ କୃଷ୍ଣ ନିଜ କୋଠରୀକୁ ବିଶ୍ରାମ ନେବାକୁ ଯାଇଥିଲେ। ଏହି ସମୟରେ ଅନ୍ୟ ଏକ କୋଠରୀରେ ତାଙ୍କ ଭାଇଭଉଣୀ କଥାବାର୍ତ୍ତା ହେଉଥିବାବେଳେ ହଠାତ୍ ଏକ ଶବ୍ଦ ଶୁଣିବାକୁ ପାଇଥିଲେ। ସନ୍ଦେହ ହେବାରୁ ପରିବାର ସଦସ୍ୟ କୃଷ୍ଣଙ୍କ କୋଠରୀ କବାଟ ଖୋଲି ଦେଖିବାବେଳେ ସେ ଗାମୁଛାରେ ବେକ ବନ୍ଧା ଅବସ୍ଥାରେ ଥିବା ଦେଖିଥିଲେ। ପରିବାର ଲୋକେ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟ ଆଧାରରେ ବୈଶିଙ୍ଗା ପୁଲିସ ମାମଲା ରୁଜୁ କରି ଘଟଣାର କାରଣ ସମ୍ପର୍କରେ ତଦନ୍ତ ଜାରି ରଖିଛି।

ସଡ଼କ ସୁରକ୍ଷା ସଚେତନତା ନେଇ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା

ରାଇରଙ୍ଗପୁର,୧୩।୧୦(ସମିସ): ସେବା ସଂକଳ୍ପ ଅଭିଯାନ ଅବସରରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଏସ୍‌ଏସ୍‌ଡି ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତାମୂଳକ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପଦ୍ମାଳୟା ସୋରେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ହେମ ମାଝୀ, ଏନ୍‌ସିସି ଶିକ୍ଷୟିତ୍ରୀ ହେମଲତା ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ମହାନ୍ତି ଓ ତିମିର ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟ୍ରାଫିକ୍ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିବା ସହ ଉପସ୍ଥିତ ସମସ୍ତଙ୍କୁ ସଡ଼କ ସୁରକ୍ଷା ଶପଥ ପାଠ କରାଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଚନ୍ଦ୍ରିକା ମୁଣ୍ଡା ପ୍ରଥମ, ଅନ୍ନପ୍ରିୟା ନାଏକ ଦ୍ୱିତୀୟ ଓ ଉତ୍କଳ ରଞ୍ଜନ ଗିରି ତୃତୀୟ ଏବଂ ସ୍ଲୋଗାନ ପ୍ରତିଯୋଗିତାରେ ଶୁଭ୍ରାଂଶୁ ସ୍ୱାଇଁ ପ୍ରଥମ, ଶିବାଙ୍ଗୀ ବାରିକ ଦ୍ୱିତୀୟ ଓ ରାଜୁ ମହାନ୍ତ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବାବେଳେ ପରିବହନ କାର୍ଯ୍ୟାଳୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ଗୋଡ଼ଭଙ୍ଗା ଘାଟିରେ ଓଲଟିଲା ଧାନ ବୋଝେଇ ଟ୍ରକ୍

ମହୁଲଡିହା,୧୩।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡିହା ଥାନା ଅଧୀନ ୫୩ନଂ ଠାକୁରମୁଣ୍ଡା-ଆନନ୍ଦପୁର ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ଘାଟି ଠାକୁରାଣୀ ମନ୍ଦିର ସାମ୍ନା ବାଙ୍କରେ ଆନନ୍ଦପୁର ଅଭିମୁଖେ ଯାଉଥିବା ଧାନ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି। ଦୁଇମାସ ବ୍ୟବଧାନରେ ସମାନଢଙ୍ଗରେ ଠିକ୍ ସେହି ଜାଗାରେ ଦୁର୍ଘଟଣା ଘଟିଥିଲା। ଗାଡ଼ିର ଡ୍ରାଇଭର ଓ ହେଲପର ସୁରକ୍ଷିତ ଅଛନ୍ତି। ୧୨ ତାରିଖ ରାତି ପ୍ରାୟ ୯ ଟାରେ ଟ୍ରକଟି ଠାକୁରମୁଣ୍ଡା ଓ ମହୁଲଡିହାରୁ ଧାନ ବୋଝେଇ କରି ଯାଜପୁର ମିଲକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରାଜପଥର ଡାହାଣ ପାର୍ଶ୍ୱରେ ଥିବା ସୁରକ୍ଷା ବାଡାରେ ବାଡ଼େଇ ହୋଇ ରାସ୍ତା ଉପରେ ଗାଡ଼ି ଓଲଟି ଧାନ ବସ୍ତା ସୁରକ୍ଷା ବାଡ଼ା ତଳକୁ ପ୍ରାୟ ୨୦ ଫୁଟ ତଳେ ଲଟା ଭିତରେ ପଡ଼ିଥିଲା। ମହୁଲଡିହା ଥାନା ଆଇଆଇସି ବିରେନ୍ଦ୍ର କୁମାର ରାଉତ ଓ ଏଏସଆଇ ସନ୍ତୋଷ କୁମାର ନାୟକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରି ପୁଲିସ କର୍ମଚାରୀଙ୍କ ଗାଡ଼ିର ସୁରକ୍ଷା ଦାୟିତ୍ୱ ଦେଇଥିଲେ। ବିଗତ ବର୍ଷମାନଙ୍କରେ ୧/୨ ମାସ ଅନ୍ତରରେ ଗୋଡଭଙ୍ଗା ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି।

ବ୍ଲକ୍‌ସ୍ତରୀୟ ସେବା ସେତୁ ଶିବିର

ବିଶୋଇ,୧୩।୧୦(ସମିସ): ବିଶୋଇ ବ୍ଲକ୍‌ସ୍ତରୀୟ ସେବାସେତୁ ଶିବିର ସ୍ଥାନୀୟ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ ବିଡିଓ ସୁମନରାଜା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ଆନନ୍ଦ ରାମ, ବନମାଳୀ ଗିରି ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ୧୫ଟି ଷ୍ଟଲ ଖୋଲାଯାଇଥିବାବେଳେ ଏଥିରେ ହିତାଧିକାରୀ ବିଭିନ୍ନ ଅଭିଯୋଗ ପଞ୍ଜୀକରଣ କରିଥିଲେ। ୮୦ଟି ଅଭିଯୋଗ ଶୁଣାଣି ହୋଇଥିବାବେଳେ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଧାୟକ ଶ୍ରୀ ହାଁସଦା ନିର୍ଦ୍ଦେଶ ଦେଇଥିଲେ। ଏ ଅବସରରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨ ଜଣଙ୍କୁ ୨୦ ହଜାର ଲେଖାଏଁ ଓ ଦିବ୍ୟାଙ୍ଗ ବିବାହ ଦମ୍ପତିକୁ ଅଢେଇ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ୫ ଜଣଙ୍କୁ ଜାତୀୟ ଅନ୍ନପୂର୍ଣ୍ଣା ଯୋଜନାରେ ରାସନ କାର୍ଡ, ୩ ଜଣଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ୨ ଜଣଙ୍କୁ ଜାତି ପ୍ରମାଣପତ୍ର, ୨ ଜଣଙ୍କୁ ଆୟ ପ୍ରମାଣପତ୍ର, ଜଣକୁ ହୁଇଲଚେୟାର ଓ ଜଣଙ୍କୁ ଆଶାବାଡି ଓ ନିର୍ମାଣ ଶ୍ରମିକ ଯୋଜନାରେ ୨ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ କୁମାର ପଲେଇ, ଜିପିଡିଇଓ ହରେଶ କୁମାର ନାଏକ, ବିପିସି ଜଗନ୍ନାଥ ମହାନ୍ତିଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିବାବେଳେ ଜିପିଏଲଫ ସଦସ୍ୟା ଓ କମ୍ୟୁନିଟି କ୍ୟାଡର ଉପସ୍ଥିତ ଥିଲେ।

ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ

ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଅଭିଭାବକ

ବୈଶିଙ୍ଗା, ୧୩।୧୦ (ସମିସ):

ଶିକ୍ଷୟିତ୍ରୀଙ୍କ ବଦଳିକୁ କେନ୍ଦ୍ର କରି ଅସନ୍ତୋଷ ତୀବ୍ର ହୋଇଛି। ବଦଳି ଆଦେଶ ବାତିଲ ଦାବିରେ ମଙ୍ଗଳବାର ବେତନଟୀ ବ୍ଲକ କେନ୍ଦୁଆ ପଞ୍ଚାୟତ ଅନ୍ତର୍ଗତ ବଣ ଦାମୋଦରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟସଦସ୍ୟା। ଏହି ଘଟଣା ଯୋଗୁଁ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀ ହଇରାଣ ହୋଇଛନ୍ତି।

ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ବସୁମତୀ ଜେନାଙ୍କ ବଦଳି ଆଦେଶକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ସକାଳୁ ସେମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ସେଠାରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଏହି ସମୟରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକ ସମ୍ମୁଖରେ ଖରାରେ ବସି ରହିଥିଲେ। ପରେ ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷୟିତ୍ରୀ ସେମାନଙ୍କୁ ବିଦ୍ୟାଳୟ ବାହାରେ ଥିବା ଛାଇ ସ୍ଥାନକୁ ନେଇ ପାଠ ପଢ଼ାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ବେତନଟୀର ଏବିଇଓ ଅପର୍ଣ୍ଣା ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ତାଙ୍କ ଉପସ୍ଥିତିରେ ମଧ୍ୟ ଅଭିଭାବକଙ୍କ ଅସନ୍ତୋଷ ଶାନ୍ତ ହୋଇ ନ ଥିଲା। ବସୁମତୀ ଜେନାଙ୍କ ବଦଳି ଆଦେଶ ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ଫାଟକରୁ ତାଲା ଖୋଲିବେ ନାହିଁ ବୋଲି ଅଭିଭାବକ ନିଜ ଜିଦ୍‌ରେ ଅଟଳ ରହି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଅଭିଭାବକଙ୍କ କହିବା ଅନୁଯାୟୀ, ୨୦୨୫ରୁ ବସୁମତୀ ଜେନା ଏକାକୀ ବିଦ୍ୟାଳୟର ୬ଟି ଶ୍ରେଣୀର ୫୬ ଜଣ ଛାତ୍ରଛାତ୍ରୀଙ୍କୁ ପଢ଼ାଇ ଆସୁଥିଲେ। ସେ ପିଲାମାନଙ୍କୁ ନିଜ ସନ୍ତାନଙ୍କ ଭଳି ସ୍ନେହ ଓ ଯତ୍ନ ଦେଇ ଶିକ୍ଷାଦାନ କରୁଥିବାରୁ ଅଭିଭାବକଙ୍କ ମଧ୍ୟରେ ତାଙ୍କ ପ୍ରତି ଆସ୍ଥା ରହିଥିଲା। ତେବେ କିଛିଦିନ ପୂର୍ବରୁ ବିଦ୍ୟାଳୟରେ ଆଉ ଦୁଇଜଣ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଚାରିଦିନ ପୂର୍ବେ ବସୁମତୀ ଜେନାଙ୍କୁ ନିକଟସ୍ଥ ବଗଲପୁର ବିଦ୍ୟାଳୟକୁ ବଦଳି କରାଯାଇଥିବା ଖବର ସେମାନେ ଜାଣିବାକୁ ପାଇଥିଲେ। ଏହି ବଦଳି ନିଷ୍ପତ୍ତିକୁ ଗ୍ରାମବାସୀ ଓ ଅଭିଭାବକ ସହଜରେ ଗ୍ରହଣ କରିପାରିନଥିଲେ। ଏ ନେଇ ଗତ ଶନିବାର

ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ଧାରଣା

ସେମାନେ ବେତନଟୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଭାବକ କହିଛନ୍ତି। କୌଣସି ସୁଫଳ ନ ମିଳିବାରୁ ସେମାନେ ବାଧ୍ୟ ହୋଇ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଆରମ୍ଭ ହୋଇଥିବା ଏହି ବିବାଦର ସମାଧାନ ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ବିଦ୍ୟାଳୟରେ ପାଠପଢ଼ା ଯେପରି ବାଧାପ୍ରାପ୍ତ ନ ହୁଏ ଓ ଛାତ୍ରଛାତ୍ରୀ ଖରାରେ ହଇରାଣ ନ ହୁଅନ୍ତି, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ଗ୍ରାମାଞ୍ଚଳରେ ଡିଜିଟାଲ ଇଣ୍ଡିଆ ବାଟବଣା; ବିନା ନେଟୱର୍କରେ ହନ୍ତସନ୍ତ ଲୋକେ

କେନ୍ଦୁଝର, ୧୩।୧୦(ସମିସ)

ଅଚଳ ହୋଇଥିବା ବିଏସ୍‌ଏନ୍‌ଏଲ୍ ନେଟୱାର୍କ ଚାଲୁ କରିବାକୁ ବାଂଶପାଳ ବ୍ଲକ ଅନ୍ତର୍ଗତ ସୁଡଙ୍ଗ ଗ୍ରାମର ଲୋକମାନେ ବିଏସ୍‌ଏନ୍‌ଏଲ୍ କେନ୍ଦୁଝର ଡିଜିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁଡଙ୍ଗ ଗ୍ରାମରେ ପ୍ରାୟ ୨୦୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ଗ୍ରାମରେ ପ୍ରାୟ ୩ ବର୍ଷ ହେବ ଏକ ବିଏସ୍‌ଏନ୍‌ଏଲ୍ ନେଟୱର୍କ ସ୍ଥାପନା କରାଯାଇଛି; କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ଚାଲୁ ହୋଇପାରିନାହିଁ। ଉକ୍ତ ଅଞ୍ଚଳରେ ନେଟୱର୍କ ସମସ୍ୟା ରହିଥିବାରୁ ସମସ୍ତ ଗ୍ରାମବାସୀ ତଥା ଅନ୍ୟ କର୍ମଚାରୀ ଓ ଉପ ଡାକଘର, ଆଶା,ଅଙ୍ଗନବାଡ଼ି କର୍ମୀ, ଶିକ୍ଷକ, ଗ୍ରାମର ଗଭବତୀ ମହିଳା ମଧ୍ୟ ଗଛରେ ଚଢି ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ନେଟୱର୍କ ଜାଗାକୁ ଯାଉଥିବା ଅଭିଯୋଗ ହେଉଛି। ବିଏସ୍‌ଏନ୍‌ଏଲ୍ ନେଟୱର୍କ ଚାଲୁ ହେଲେ ଉକ୍ତ ଗ୍ରାମରେ ଥିବା ଉପଡାକଘରୁ ଲୋକମାନେ ବିଭିନ୍ନ ସୁବିଧା ପାଇପାରିବେ ଓ ଡାକଘରଟି ସ୍ଥାୟୀ ଭାବେ ସେଠାରେ ରହିପାରିବ। ନଚେତ୍ ଡାକଘରଟି ସବୁଦିନ ପାଇଁ ଅନ୍ୟ ସ୍ଥାନକୁ ଚାଲିଯିବାର ସମ୍ଭାବନା ରହିଥିବା ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ମୋବାଇଲ ନେଟୱର୍କ ସମସ୍ୟା ରହିଥିବାରୁ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ ଉପଡାକଘର ମଧ୍ୟ ଗ୍ରାମରୁ ଉଠିଯିବା ପରିସ୍ଥିତି ସୃଷ୍ଟି ହେଲାଣି। ଏଥିସହ ନେଟୱାର୍କ ସମସ୍ୟା ପାଇଁ ଲୋକମାନେ ଡାକ୍ତରଖାନାକୁ ଯିବା ପାଇଁ ଜରୁରିକାଳୀନ ଯୋଗାଯୋଗରୁ ମଧ୍ୟ ବଞ୍ଚିତ ରହୁଥିବା ଅଭିଯୋଗ କରିଛନ୍ତି।

ବିଏସ୍‌ଏନ୍‌ଏଲ୍ ଡିଜିଏମ୍‌ଙ୍କୁ ଦାବିପତ୍ର

ଛାତ୍ର ସଂସଦ ନିର୍ବାଚନ

ପ୍ରଚାର ଶେଷ, ଆଜି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ଡିବେଟ୍

ବାରିପଦା, ୧୩।୧୦(ସମିସ): କଲେଜ ଛାତ୍ରସଂସଦ ନିର୍ବାଚନକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଛାତ୍ର ରାଜନୀତି ସରଗରମ ହୋଇଉଠିଛି। ମଙ୍ଗଳବାର ପ୍ରଚାରର ଶେଷ ଦିନ ଥିବାରୁ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରାର୍ଥୀ ଶେଷ ପର୍ଯ୍ୟାୟ କସରତ ସାରିଛନ୍ତି। କ୍ୟାମ୍ପସ୍‌ରେ ହାତଲେଖା ପ୍ରଚାରପତ୍ର ବଣ୍ଟନଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ଭିଡିଓ ଓ ପୋଷ୍ଟର ଜରିଆରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଜୋରଦାର ଉଦ୍ୟମ ଜାରି ରହିଛି। ଜିଲ୍ଲାର ୨୩ଟି କଲେଜରେ ନିର୍ବାଚନୀ ମାହୋଲ ଜମିଥିବାବେଳେ ବାରିପଦା ସହରର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ ଓ ସରକାରୀ ମହିଳା ମହାବିଦ୍ୟାଳୟରେ ମୁଖ୍ୟତଃ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ସିଧାସଳଖ କଡ଼ା ଟକ୍କର ହେବାର ସମ୍ଭାବନା ଦେଖାଦେଇଛି। ପ୍ରାର୍ଥୀମାନେ ବିଭିନ୍ନ ବିଭାଗ ବୁଲି କ୍ୟାମ୍ପସ୍ ସମସ୍ୟା ସମାଧାନ, ଛାତ୍ର ସ୍ୱାର୍ଥରକ୍ଷା ଓ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ପ୍ରତିଶ୍ରୁତିର ବର୍ଷା କରିଛନ୍ତି। ପ୍ରଚାର ପର୍ବ ଶେଷ ହେବା ପରେ ଏବେ ସମସ୍ତଙ୍କ ନଜର ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ପାରମ୍ପରିକ "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ଡିବେଟ୍ କାର୍ଯ୍ୟକ୍ରମ ଉପରେ ରହିଛି।

ବିସିଜେଡି-ଏବିଭିପି ମଧ୍ୟରେ କଡ଼ା ଟକ୍କର ସମ୍ଭାବନା

ଏହି ମଞ୍ଚରେ ପ୍ରାର୍ଥୀ ଭୋଟରଙ୍କ ସମ୍ମୁଖରେ ନିଜ ନିର୍ବାଚନୀ ଆଭିମୁଖ୍ୟ ଓ ଯୋଜନା ଉପସ୍ଥାପନ କରିବେ। ଉଭୟ ଶିବିର ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ସାଧାରଣ ଛାତ୍ରଛାତ୍ରୀ କାହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି, ତାହା ଭୋଟ୍ ଗ୍ରହଣ ଓ ଫଳାଫଳ ପରେ ହିଁ ସ୍ପଷ୍ଟ ହେବ।

ଝଡ଼ାପଶିରେ ମେଟ୍ ଚୟନ ବିବାଦ; ପଲ୍ଲୀସଭା ବାତିଲ

କେନ୍ଦୁଝର, ୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ଗ୍ରାମପଞ୍ଚାୟତର ଝଡ଼ାପଶି ଗ୍ରାମରେ ନୂତନ ମେଟ୍ ଚୟନ ପାଇଁ ବିଜ୍ଞପ୍ତି ପ୍ରକାଶକୁ ନେଇ ବିବାଦ ଦେଖାଦେଇଥିଲା। ଗାଁସାଥୀ ମେଟ୍ ସଂଘର ହସ୍ତକ୍ଷେପରେ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ନୂତନ ମେଟ୍ ଚୟନ ପାଇଁ ୧୩/୧୦ରେ ହେବାକୁ ଥିବା ପଲ୍ଲୀସଭାକୁ ବାତିଲ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିକଶିତ ଭାରତ ଜି-ରାମ-ଜି ଯୋଜନାର ନୂତନ ଗାଇଡ୍‌ଲାଇନ୍‌ରେ ପୂର୍ବରୁ କାର୍ଯ୍ୟରତ ମେଟ୍‌ମାନଙ୍କୁ ବହିଷ୍କାର କିମ୍ବା ନୂତନ ମେଟ୍ ଚୟନ ନ କରିବା ସମ୍ପର୍କରେ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପଞ୍ଚାୟତ କର୍ତ୍ତୃପକ୍ଷ ନୂତନ ମେଟ୍ ଚୟନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ବିରୋଧ କରି ପୂର୍ବରୁ କାର୍ଯ୍ୟରତ ମେଟ୍ ସୁଷମା ମହାନ୍ତ ଓ ମୁସଲି ମୁଣ୍ଡା ଗାଁ ସାଥୀ ମେଟ୍ ସଂଘ, କେନ୍ଦୁଝର ଜିଲ୍ଲାର ଆବାହକ ମନୋଜ ପଟେଲଙ୍କ ସହାୟତା ଲୋଡ଼ିଥିଲେ। ଶ୍ରୀ ପଟେଲ ଏଡିଇଓଙ୍କ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ସେ ମେଟ୍‌ମାନଙ୍କ ସହ ସଦର ବିଡିଓଙ୍କୁ ସାକ୍ଷାତ କରି ନୂତନ ମେଟ୍ ଚୟନ ପାଇଁ ହେବାକୁ ଥିବା ପଲ୍ଲୀସଭାକୁ ବାତିଲ କରିବାକୁ ଅନୁରୋଧ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ସଦର ବିଡିଓ ବିନୋଦ ପଣ୍ଡା ତୁରନ୍ତ ଏଡିଇଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ଡକାଇ ଆଲୋଚନା କରିଥିଲେ। ବିନା ଅନୁମତିରେ ମେଟ୍ ନିଯୁକ୍ତି ସମ୍ପର୍କିତ ପଦକ୍ଷେପ ନ ନେବାକୁ ତାଗିଦ କରିବା ସହ ନୂତନ ମେଟ୍ ଚୟନ ପାଇଁ ହେବାକୁ ଥିବା ପଲ୍ଲୀସଭାକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପୂର୍ବରୁ କାର୍ଯ୍ୟରତ ମେଟ୍‌ମାନଙ୍କୁ ନେଇ ବିକଶିତ ଭାରତ ଜି-ରାମ-ଜି ଯୋଜନାର କାର୍ଯ୍ୟ ଆରମ୍ଭ କରିବାକୁ କହିଥିବା ଜଣାପଡ଼ିଛି।

ଜିଲ୍ଲା ଠିକାଦାର ସଂଘରୁ ଜୟନ୍ତ ଲେଙ୍କା ବହିଷ୍କୃତ

ବାରିପଦା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଂଘର ବିନା ଅନୁମତିରେ ସଂଘର ନାଁ ନେଇ ଠିକାଦାର ଜୟନ୍ତ କୁମାର ଲେଙ୍କା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସର୍ବସମ୍ମତିକ୍ରମେ ତାଙ୍କୁ କନିଷ୍ଠ ସଂଘର ଉପସଭାପତି ପଦରୁ ବହିଷ୍କାର କରାଯାଇଛି। ଏହି ବୈଠକରେ ଜିଲ୍ଲା ଠିକାଦାର ସଂଘ ସଭାପତି ପରେଶ ମହାନ୍ତ, ସାଧାରଣ ସମ୍ପାଦକ ତରୁଣ ମହାନ୍ତି, କନିଷ୍ଠ ସଂଘ ସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି ରାଜା ଖାନ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ସୁରଜ ଲୋହାରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

■ ଆଦିବାସୀଙ୍କ ସ୍ୱତନ୍ତ୍ର ପରିଚୟ ସୁରକ୍ଷା ଓ ପ୍ରାଥମିକରୁ ସ୍ନାତକୋତ୍ତର ସାନ୍ତାଳୀ ଶିକ୍ଷା ଦାବି

ବିଜାତଳାରେ ବିଶାଳ ପଦଯାତ୍ରା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ରାଇରଙ୍ଗପୁର, ୧୩।୧୦(ସମିସ): ଆଦିବାସୀଙ୍କ ପାରମ୍ପରିକ ଅଧିକାର ଓ ସ୍ୱତନ୍ତ୍ର ପରିଚୟର ସୁରକ୍ଷା, ସାରନା ଧର୍ମ କୋଡ୍‌କୁ ମାନ୍ୟତା, ପ୍ରାଥମିକରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ସାନ୍ତାଳୀ ଶିକ୍ଷା ପ୍ରଚଳନ, ସମାନ ନାଗରିକ ସଂହିତାକୁ ବିରୋଧ କରି ଆଜି ବିଜାତଳାରେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟ ପକ୍ଷରୁ ଏକ ବିରାଟ ପଦଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜାତଳା ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା) କାର୍ଯ୍ୟାଳୟ ପରିସରରୁ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜସ୍ୱ ରେକର୍ଡରେ ଆଦିବାସୀଙ୍କ ଉପରେ ହିନ୍ଦୁ ବ୍ୟକ୍ତିଗତ ଆଇନ ଲାଗୁ ନ କରିବା, ଦ୍ୱିତୀୟ ସ୍ତମ୍ଭ ସଂଶୋଧନ ବନ୍ଦ, ସମ୍ବିଧାନର ପଞ୍ଚମ ଅନୁସୂଚୀ ଓ ପଞ୍ଚାୟତ (ଅନୁସୂଚିତ କ୍ଷେତ୍ର ସମ୍ପ୍ରସାରଣ) ଆଇନ କଡ଼ାକଡ଼ି ପାଳନ ସହ ଖଣି ଓ ଖଣିଜ ଦ୍ରବ୍ୟ ନୀତି, ସମାନ ନାଗରିକ ସଂହିତା ଦ୍ୱାରା ଆଦିବାସୀଙ୍କ ପାରମ୍ପରିକ ସ୍ୱାର୍ଥ ଯେପରି କ୍ଷୁଣ୍ଣ ନ ହୁଏ, ସେଥିପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ବାଗରାଇ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଆସେକା ସାଧାରଣ ସମ୍ପାଦକ ଜିତେନ୍ ହାଁସଦା, ସୁଞ୍ଜୁ ହେମ୍ବ୍ରମ, ବିଜାତଳା ଆସେକା ସଭାପତି ଦୁଃଖୀଶ୍ୟାମ ମୁର୍ମୁ, ସମ୍ପାଦକ ବ୍ରଜମୋହନ ମୁର୍ମୁ, ରାମରାଜେଶ ସୋରେନ, ଚନ୍ଦ୍ରମୋହନ ହେମ୍ବ୍ରମ, ମେଘରାଇ ମୁର୍ମୁ, କାନ୍ଦନ ଟୁଡୁ, ଗୌଣ୍ଡା ଆସେକା ସମ୍ପାଦକ ମେଘରାଇ ଟୁଡୁଙ୍କ ସମେତ ବହୁ ପାରମ୍ପରିକ ପିଢ଼ ମାଝିବାବା ଓ ପାରଗାନା ବାବା ଉପସ୍ଥିତ ଥିଲେ।

■ ବଡ଼ଧରଣର ଅପରାଧ ଯୋଜନା ପଣ୍ଡ

ବନ୍ଧୁକ ଓ ଗୁଳି ସହ ୨ ବାଇକ୍ ଜବତ, ୨ ଗିରଫ

ରାଇରଙ୍ଗପୁର, ୧୩।୧୦(ସମିସ): ପାର୍ବଣ ଋତୁ ପୂର୍ବରୁ ଅଞ୍ଚଳରେ ଏକ ବଡ଼ଧରଣର ସୁପାରି କିଲିଂ ଓ ଅପରାଧିକ ଷଡ଼ଯନ୍ତ୍ରକୁ ପଣ୍ଡ କରିବାରେ ବହଳଦା ପୁଲିସ ସଫଳ ହୋଇଛି। ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବହଳଦା ଥାନା ଅଧୀନ ଲୋକନାଥପୁର ଗ୍ରାମର ରାଜୁ ଜାମୁଦା (୨୩) ଓ ତିରିଂ ଥାନା ଡୋଲାଯୋଡ଼ି ଗ୍ରାମର ଗୁମଦା ସାମାଦ ଓରଫ ଡେରବାନ (୨୨)। ସୂଚନା ଅନୁଯାୟୀ, ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ବାଲେଶ୍ୱର ଡିଆଇଜି (ଇଆର) ଓ ରାଇରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଥିଲା। ୧୨ ତାରିଖ ରାତି ପ୍ରାୟ ୧୧ଟାରେ ବହଳଦା ଥାନା ଆଇଆଇସି ଭାସ୍କର ପ୍ରଧାନ ଓ ଏସଆଇ ଅନନ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଦୁଧି ନଦୀବନ୍ଧ ନିକଟରେ ସୁପାରି କିଲିଂ ଉଦ୍ଦେଶ୍ୟରେ ବେଆଇନ ମାରଣାସ୍ତ୍ର କାରବାର ଚାଲିଥିବା ସୂଚନା ପାଇଥିଲେ। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରି ଫେରାର ହେବାକୁ ଉଦ୍ୟମ କରୁଥିବା ଉକ୍ତ ଦୁଇ ଯୁବକଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ଡବଲ ବ୍ୟାରେଲ ବନ୍ଧୁକ, ଗୋଟିଏ ୮ ଏମ୍‌ଏମ୍ ଜୀବନ୍ତ ଗୁଳି, ଦୁଇଟି ବାଇକ୍, ଦୁଇଟି ମୋବାଇଲ ଫୋନ ଓ ନଗଦ ୪,୦୦୦ ଟଙ୍କା ଜବତ କରାଯାଇଥିଲା। ପ୍ରାଥମିକ ପଚରାଉଚରାରୁ ଜଣାପଡ଼ିଛି ଯେ, ପୂଜା ସମୟରେ ରାଉରକେଲାର କିଛି ଯୁବକଙ୍କୁ ଏହି ବନ୍ଧୁକ ବିକ୍ରି କରି ସେଠାରେ ବେଆଇନ କାର୍ଯ୍ୟ ତଥା ସୁପାରି କିଲିଂ କରିବା ପାଇଁ ଯୋଜନା ରହିଥିଲା। ଏ ନେଇ ବହଳଦା ଥାନାରେ ୧୮୨/୨୬, ଦଫା ୨୫/୨୭ ଆର୍ମ୍ସ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ, ୨ ଗିରଫ

ଉଦଳା,୧୩।୧୦(ସମିସ): ଦିବ୍ୟାଙ୍ଗ ନାବାଳିକା ଘରେ ଏକୁଟିଆ ଥିବାବେଳେ ତାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ ଦୁଇଜଣ। ଏଭଳି ଏକ ଲଜ୍ଜାକର ଘଟଣା ଉଦଳା ଅଞ୍ଚଳରେ ଘଟିଛି। ଉକ୍ତ ଘଟଣାରେ ଦୁଇଜଣଙ୍କୁ ଉଦଳା ପୁଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାଯାଇଛି। ଉଦଳା ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ଗତ ୧୧ ତାରିଖ ସନ୍ଧ୍ୟାରେ ଘରେ ଏକୁଟିଆ ଥିବାବେଳେ ଏହି ସମୟରେ ଶାସଙ୍ଗବେଡା ଗ୍ରାମର ଫାଟୁ ଟୁଡୁ ଓ ଜଣେ ନାବାଳକ ତାଙ୍କୁ ଘରୁ ଉଠାଇ ଆଣି ନିକଟସ୍ଥ ହାଟ ପଛକୁ ନେଇଯାଇଥିଲେ। ସେଠାରେ ଉଭୟ ଦୁଷ୍କର୍ମ କରିଥିଲେ। ପରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ନାବାଳକକୁ ଥାନାରେ ଅଟକ ରଖିଥିବାବେଳେ ଅଭିଯୁକ୍ତ ଯୁବକ ଫାଟୁ ଟୁଡୁକୁ କୋର୍ଟ ଚାଲାଣ କରିଛି।

'ଚିନ୍ତନ ଦୈନନ୍ଦିନୀ' ପୁସ୍ତକ ଉନ୍ମୋଚିତ

ବାରିପଦା, ୧୨।୧୦(ସମିସ): ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ପ୍ରଧାନଙ୍କ ରଚିତ ଓ ମନମୋହନ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ "ଚିନ୍ତନ ଦୈନନ୍ଦିନୀ' ପୁସ୍ତକ ରବିବାର ରଘୁନାଥପୁରସ୍ଥ ଶ୍ରୀହରିହର ମନ୍ଦିର ପରିସରରେ ଉନ୍ମୋଚିତ ହୋଇଛି। ଏ ଅବସରରେ ଆୟୋଜିତ ସଭାରେ ରଚୟିତା ଶ୍ରୀ ପ୍ରଧାନ ପୁସ୍ତକ ରଚନାର ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ଅତିଥି ତଥା ମୟୂରଭଞ୍ଜ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁ, ସମ୍ମାନିତ ଅତିଥି ତଥା ବିଶିଷ୍ଟ ଚିକିତ୍ସକ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ନାଗରିକ ସଂଘର ସଭାପତି ସିଦ୍ଧାର୍ଥ କରମହାପାତ୍ର ଓ ବରିଷ୍ଠ ଚିକିତ୍ସକ ଜଗଦୀଶ ଚନ୍ଦ୍ର ବେହେରାଙ୍କ ସମେତ ଆଶୁତୋଷ ପଣ୍ଡା, ଆଲୋମୟ ସେଠୀ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ପୁସ୍ତକର ବିଷୟବସ୍ତୁ ଓ ଦୈନନ୍ଦିନ ଜୀବନ ସହ ଏହାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନର ଜଟିଳ ବିଶ୍ୱ ପରିସ୍ଥିତି ଓ ସମସ୍ୟାବହୁଳ ସମାଜରେ ଚିନ୍ତନଶୀଳ ସାହିତ୍ୟର ଗୁରୁତ୍ୱ ଅଧିକ ବୋଲି ସେମାନେ କହିଥିଲେ। ଏପରି ପୁସ୍ତକ ମଣିଷକୁ ନିଜ କାର୍ଯ୍ୟ, ଆଚରଣ ଓ ଜୀବନ ମୂଲ୍ୟ ସମ୍ପର୍କରେ ଆତ୍ମସମୀକ୍ଷା କରିବାକୁ ପ୍ରେରଣା ଦେଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। 'ଚିନ୍ତନ ଦୈନନ୍ଦିନୀ' ପାଠକଙ୍କ ମଧ୍ୟରେ ନୈତିକ ଚେତନା, ଆତ୍ମପର୍ଯ୍ୟାଲୋଚନା ଓ ସଚେତନ ଜୀବନଯାପନର ଭାବନା ଜାଗ୍ରତ କରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଏହି ସାହିତ୍ୟକୃତି ପାଇଁ ଅତିଥିମାନେ ଲେଖକଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଅଧିକ ସାରଗର୍ଭକ ରଚନା ପାଇଁ ଉତ୍ସାହିତ କରିଥିଲେ।

ଘରୁ ସୁନା ଅଳଙ୍କାର ଚୋରି ଅଭିଯୋଗ

ବଡ଼ସାହି,୧୩।୧୦(ସମିସ): ବଡ଼ସାହି ଥାନା ଅନ୍ତର୍ଗତ ପାଉଁଶିଆ ଗ୍ରାମର ଜଣେ ମହିଳାଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ବଡ଼ସାହି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ ରାଜବାଳା ରଣା (୬୨) ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୪ ତାରିଖରେ ରାଜବାଳା ନିଜ ଝିଅ ଘରକୁ ଯାଇଥିବା ସମୟରେ ଘରେ ରଖିଥିବା ସୁନା ବାହୁଟି, ସୁନା କାନଫୁଲ ଓ ସୁନା ମୁଦିକୁ ଏକ ବଡ଼ ବାକ୍ସରେ ରଖିଥିଲେ। ମାତ୍ର ଅଳଙ୍କାର ସେହି ବାକ୍ସରେ ନପାଇ ଥାନାରେ ଅଭିଯୋଗ କରିଛନ୍ତି।

ନାହିଁ ରାସ୍ତା; ଖଟରେ ବୁହାହେଲେ ଗର୍ଭବତୀ

ବାଙ୍ଗିରିପୋଷି,୧୩।୧୦(ସମିସ): ଦେଶ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଉପାନ୍ତ ଆଦିବାସୀ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଧୁରିପାରିନାହିଁ। ବାଙ୍ଗିରିପୋଷି ବ୍ଲକ ବୁଢ଼ାଖମାରୀ ପଞ୍ଚାୟତ ଅନ୍ତର୍ଗତ ଖୋଡିକାଶଳ ବାଦ୍ରସାହୀ ଗାଁକୁ ପକ୍କା ରାସ୍ତା ଖଣ୍ଡିଏ ନଥିବାରୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଆଜି ପୁଣି ଜଣେ ଗର୍ଭବତୀ ମହିଳାଙ୍କୁ ଗ୍ରାମବାସୀ ଖଟରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥିବା ଦେଖିବାକୁ ମିଳିଛି।

ଉକ୍ତ ଗ୍ରାମର ଗର୍ଭବତୀ ମହିଳା ରୀନା ହାଁସଦା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ରାସ୍ତା ଅଭାବରୁ ଗାଁକୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଫଳରେ ପରିବାର ଓ ପଡ଼ୋଶୀ ଲୋକେ ବାଧହୋଇ ତାଙ୍କୁ ଏକ ଖଟରେ ଶୁଆଇ ପ୍ରାୟ ଦୁଇ କିଲୋମିଟର ପାଦରେ ଚାଲି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ନେଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଥିଲା। ୧୫ ଦିନ ତଳେ ଏହି ଗାଁର ଅନ୍ୟଜଣେ ଗର୍ଭବତୀ ଶାନଖି ମାଣ୍ଡିଙ୍କୁ ମଧ୍ୟ ଅଧରାତିରେ ଛାତିଏ ବନ୍ୟା ପାଣି ଭିତରେ ଖଟରେ ବୋହି ନେଇଥିଲେ ଗ୍ରାମବାସୀ। ରାସ୍ତା ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଝରଣା ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହା ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ହୋଇଥିବାବେଳେ କେବଳ ବାଦ୍ରସାହୀ ନୁହେଁ, ଅନେକ ଗାଁରେ ଏଭଳି ରାସ୍ତା ସମସ୍ୟା ରହିଛି। ଭୌଗୋଳିକ ପରିସୀମା ତୁଳନାରେ ପଞ୍ଚାୟତକୁ ଆବଶ୍ୟକ ସରକାରୀ ପାଣ୍ଠି ମିଳୁ ନ ଥିବାରୁ ବିକାଶ କାର୍ଯ୍ୟ ହୋଇପାରୁନାହିଁ ଓ ଲୋକଙ୍କୁ ଉଚିତ ସେବା ଯୋଗାଇବାରେ ସେମାନେ ଅସମର୍ଥ ବୋଲି ଦୁଃଖ ପ୍ରକାଶ କରିଛନ୍ତି।

ଟ୍ରକ୍‌କୁ ପଛରୁ ଧକ୍କାଦେଇ ବାଇକ୍ ଚାଳକ ମୃତ

ରାଇରଙ୍ଗପୁର, ୧୩।୧୦(ସମିସ): ରାଞ୍ଚି-ବିଜୟୱାଡ଼ା ୨୨୦ନଂ ଜାତୀୟ ରାଜପଥ ଏବେ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାଜପଥରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ପୁରୁଣାପାଣି ନିକଟରେ ଆଜି ପୁଣି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ମୃତ ଯୁବକ ତିରିଂ ଥାନା ଅନ୍ତର୍ଗତ ସୁନାପୋଷି ଗ୍ରାମର ଲଖନ ବାସ୍କେ। 'ନୋ ଏଣ୍ଟ୍ରି' ସମୟ ଯୋଗୁଁ ରାସ୍ତା ପାର୍ଶ୍ୱରେ ଏକାଧିକ ଭାରୀଯାନ ଛିଡ଼ା ହୋଇଥିଲା। ଲଖନ ବାଇକ୍ ଯୋଗେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛପଟେ ଜୋରଦାର ଧକ୍କା ଦେଇଥିଲେ। ଧକ୍କା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ, ରାଜପଥରେ ନୋ ଏଣ୍ଟ୍ରି ଜୋନ୍ ସତ୍ତ୍ୱେ ବେପରୁଆ ଭାବେ ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ରାସ୍ତା ଅବରୋଧ କରି ଛିଡ଼ା ହେଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୀତା ଦାନ ଯଜ୍ଞ

ବାରିପଦା, ୧୩।୧୦(ସମିସ): ବାରିପଦା ବ୍ଲକ ଅନ୍ତର୍ଗତ ବଡ଼ବ୍ରାହ୍ମଣମରାସ୍ଥ ସାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପଶ୍ଚିମବଙ୍ଗ ମାୟାପୁର ଇସ୍କନ ପକ୍ଷରୁ ପବିତ୍ର ଭଗବଦ୍ ଗୀତା ଦାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍କନର ଗୌର ଧାମ ଦାସ, ମନୋରମ ଗୌର ଦାସ, ପ୍ରସନ୍ନ ଶଚୀପୁତ୍ର ଦାସ, ରାଧାରମଣ ଶୁଭିଲାଷ ଦାସ ଓ ବିଶିଷ୍ଟ ସମାଜସେବୀ ସୋମନାଥ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଅତିଥିମାନେ ପବିତ୍ର ଶ୍ରୀମଦ୍‌ଭଗବଦ୍ ଗୀତାର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ନିୟମିତ ଗୀତା ପାଠ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ମାନସିକ, ଆଧାତ୍ମିକ ତଥା ଶାରୀରିକ ବିକାଶ ସମ୍ଭବ ହେବା ସହ ସେମାନେ ଜଣେ ଜଣେ ଆଦର୍ଶ ସୁନାଗରିକ ରୂପେ ଗଢ଼ିଉଠିପାରିବେ। ଏହି କାର୍ଯ୍ୟକ୍ରମରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଭଗବଦ୍ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ପୁସ୍ତକ ବଣ୍ଟନରେ ବାରିପଦାର ଗୋପାଳ ଜୁଏଲର୍ସର ଉଦ୍ୟୋକ୍ତା ମନୋଜ କୁମାର ସାଓ, ସୁରୁ ଟୁଡୁ, ପଦ୍ମଲାଭ ଦାସ ଓ ଅମୂଲ୍ୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରଶାସନିକ ଅଧିକାରୀ ଜ୍ଞାନେନ୍ଦ୍ର ମହାକୁଡ଼, ବରିଷ୍ଠ ଅଧ୍ୟାପକ ଉପେନ୍ଦ୍ର କୁମାର ରାଉଳ, ଅଧ୍ୟାପକ ସତ୍ୟଜିତ ପଣ୍ଡା, ବିଶ୍ୱଜିତ ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ-କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ଦୁଇଟି ଟ୍ରାନ୍ସଫର୍ମରରୁ ଚୋରି

କୁଆମରା,୧୩।୧୦(ସମିସ): ସୋମବାର ରାତିରେ ଦୁଇଟି ଟ୍ରାନ୍ସଫର୍ମରରୁ ଚୋରି ହୋଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତର ସିରାଥଳି ଓ ପୁରୁଣା ବାରିପଦା ବିଦ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫର୍ମରରୁ ଚୋରି ହୋଇଥିବା ନେଇ ମାଣତ୍ରୀ ସେକସନ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ବିହାରୀ ଜେନାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଥିବାବେଳେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଛନ୍ତି।

ମାଓବାଦୀ ଆକ୍ରମଣରେ ୩ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୧୩।୧୦(ସମିସ)

ଚାନ୍ଦୁଆ ଥାନା ଅନ୍ତର୍ଗତ ବଣ୍ଡାବ ଗ୍ରାମରେ ମାଓବାଦୀଙ୍କ ଗୁଳିକାଣ୍ଡରେ ସହିଦ ହୋଇଥିବା ୩ ଜଣ ପୁଲିସ କର୍ମଚାରୀଙ୍କ ସହିଦ ଦିବସରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଏନେଇ ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ ଓ ଗୌତମ କିଷାନ, ଆରକ୍ଷୀ ନିରୀକ୍ଷକ ଆଲୋକ କୁମାର କାନୁନଗୋ ସହିତ ପୁଲିସ ବିଭାଗର ଅଧିକାରୀ, କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ବିକାଶ ଚନ୍ଦ୍ର ବାରିକଙ୍କ ସମେତ କର୍ମକର୍ତ୍ତା, ଆମନ୍ତ୍ରିତ ଅତିଥି ଓ ସହିଦଙ୍କ ପରିବାରବର୍ଗ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଏଏସ୍‌ଆଇ ନାରାୟଣ ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ ଓ କନେଷ୍ଟବଳ ଗହ୍ଲା ହେମ୍ବ୍ରମଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସହିଦଙ୍କ ସ୍ମୃତିଫଳକ ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଦୀପଦାନ ଓ କ୍ୟାଣ୍ଡେଲ ଶୋଭାଯାତ୍ରା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୨୦୦୯ ଅକ୍ଟୋବର ୧୩ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ଚାନ୍ଦୁଆ ଥାନା ଅନ୍ତର୍ଗତ ବଣ୍ଡାବ ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ଜେଏମ୍‌ଏମ୍‌ର ତତ୍କାଳୀନ ରାଜ୍ୟ ସୁପ୍ରିମୋ ତଥା ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ସାଂସଦ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଥିବାବେଳେ ସନ୍ଧ୍ୟା ସମୟରେ ଏହାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମାଓବାଦୀଙ୍କ ପକ୍ଷରୁ ଅତର୍କିତ ଆକ୍ରମଣ କରି ଗୁଳି ବର୍ଷଣ କରାଯାଇଥିଲା। ଜନଗହଳି ଭିତରେ କେହି କିଛି ବୁଝିବା ପୂର୍ବରୁ ଆରମ୍ଭ ହୋଇଥିଲା ମାଓବାଦୀଙ୍କର ତାଣ୍ଡବଲୀଳା। ଶତାଧିକ ଫୁଟବଲପ୍ରେମୀଙ୍କ ସହ ଖେଳାଳି ଛତ୍ରଭଙ୍ଗ ଦେଇଥିଲେ। ତେବେ ନିଜ ଜୀବନକୁ ବାଜି ଲଗାଇ ସେଦିନ ଶ୍ରୀ ମାରାଣ୍ଡି ସୁରକ୍ଷା ଦେବା ନିମନ୍ତେ ମାଓବାଦୀଙ୍କ ସହ ମୁକାବିଲା କରିଥିଲେ ମୟୂରଭଞ୍ଜ ପୁଲିସ ଅଧିକାରୀ ଓ କର୍ମଚାରୀ। ଗୁଳିକାଣ୍ଡରେ ଶ୍ରୀ ମାରାଣ୍ଡି ବର୍ତ୍ତିଯାଇଥିଲେ ହେଁ କୁଳିଅଣା ଥାନାର ଏଏସଆଇ ନାରାୟଣ ପ୍ରଧାନ, ସୁରକ୍ଷାରେ ନିୟୋଜିତ ହାବିଲଦାର ରାଜେନ୍ଦ୍ର ପ୍ରଧାନ ଓ କନେଷ୍ଟବଳ ଗହ୍ଲା ହେମ୍ବ୍ରମ ସହିଦ ହୋଇଥିଲେ। ମାଓବାଦୀ ଅନ୍ଧାରର ସୁଯୋଗରେ ସହିଦଙ୍କ ପାଖରେ ଥିବା ୨ଟି ଏକେ ୪୭ ବନ୍ଧୁକକୁ ନେଇଯାଇଥିଲେ। ୩ଜଣ ସହିଦଙ୍କ ସ୍ମୃତିରେ ବାରିପଦା ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ସ୍ମୃତିଫଳକ ରହିଛି। ଜିଲ୍ଲା ପୁଲିସ ପକ୍ଷରୁ ପ୍ରତି ବର୍ଷ ଅକ୍ଟୋବର ୧୩ ତାରିଖରେ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଉତ୍ସବ ଆୟୋଜିତ ହୋଇଆସୁଛି।



ଉତ୍କଳୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର ହେଉଛି ଦେବୀ ଆରାଧନା ବା ଶକ୍ତି ସାଧନା। ଯୁଗ ଯୁଗ ଧରି ଏହି ପବିତ୍ର ମାଟିରେ ଆଦିଶକ୍ତିଙ୍କର ବିଭିନ୍ନ ସ୍ୱରୂପକୁ ପୂଜା କରାଯାଇ ଆସୁଛି, ଯାହାର ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ବାଙ୍କୀର ମା’ ଚର୍ଚ୍ଚିକା, ବଡ଼ମ୍ବାର ମା’ ଭଟ୍ଟାରିକା ଏବଂ ମୟୂରଭଞ୍ଜ ଖିଚିଂର ମା’ କୀଚକେଶ୍ୱରୀ। ଏହି ତିନୋଟି ପୀଠ ଉତ୍କଳର ଅତି ପ୍ରାଚୀନ ଜାଗ୍ରତ ଶକ୍ତିପୀଠ ଭାବେ ପରିଗଣିତ। ପ୍ରକୃତିର ମନୋରମ ପରିବେଶ ଏବଂ ଇତିହାସର ରହସ୍ୟମୟ ପୃଷ୍ଠା ଭିତରେ ସମୃଦ୍ଧ ଏହି ପୀଠଗୁଡ଼ିକ ଆଧ୍ୟାତ୍ମିକତା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ନିଦର୍ଶନ ବହନ କରନ୍ତି। ଏହି ତିନୋଟି ପୀଠରେ ଜଗତଜନନୀ ମା’ ଦୁର୍ଗାଙ୍କର ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଏ। ଓଡ଼ିଶାର ସେହି ଗୌରବମୟ ଇତିହାସ, ସାଂସ୍କୃତିକ ଅନନ୍ୟତା ଏବଂ ଆଧ୍ୟାତ୍ମିକ ରହସ୍ୟକୁ ଗଭୀର ଭାବେ ବୁଝିବା ପାଇଁ ଏହି ତିନୋଟି ଦେବୀ ପୀଠର ସ୍ୱତନ୍ତ୍ରତାକୁ ନେଇ ବିଶେଷ ଆଲେଖ୍ୟ।

ମା’ ଚର୍ଚ୍ଚିକା

▪ ଭକ୍ତି ଭୂଷଣ ମହାନ୍ତି

ରାତ୍ରି ମାଜଣା ଓ ବଡ଼ସିଂହାର ବେଶ

ଅନ୍ୟଦିନରେ ଦ୍ୱିପ୍ରହରରେ ମାଜଣା ହେଉଥିବାବେଳେ ଷୋଳପୂଜାରେ ସନ୍ଧ୍ୟା ଧୂପ ପରେ ରାତ୍ରି ମାଜଣା କରାଯାଏ। ସମସ୍ତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର କାଢ଼ି ମା’ଙ୍କୁ ଫୁଲରେ ସଜ୍ଜିତ କରି ‘ବଡ଼ସିଂହାର ବେଶ’ କରାଯାଏ ଏବଂ ଶେଷରେ ଅଧରପଣା ଓ ଖଜାଭୋଗ ଲାଗେ।

ମହାଷ୍ଟମୀ, ନବମୀ ଓ ଦଶହରା ଘଟ ଉଦ୍‌ଯାପନ

ମହାଷ୍ଟମୀ ରାତ୍ରିରେ ବିହିତ ସନ୍ଧିପୂଜା ଏବଂ ମହାନବମୀ ରାତ୍ରିରେ ହୋମଯଜ୍ଞ ହୁଏ। ଦଶହରା ଦିନ ମା’ଙ୍କର ଅପରାଜିତା ପୂଜା ଓ ବେଶ ଅନୁଷ୍ଠିତ ହୁଏ। ଏହାପରେ ଘଟ ଉଦ୍‌ଯାପନ କରାଯାଏ। ପୂଜାର ନିର୍ବିଘ୍ନ ସମାପ୍ତିର ପ୍ରତୀକ ସ୍ୱରୂପ ରାଜଗୁରୁଙ୍କ ଜରିଆରେ ସେହି ଘଟକୁ ସସମ୍ମାନେ ବାଙ୍କୀ ରାଜାଙ୍କ ଖମାରକୁ ପଠାଯାଏ। ଧୂପ ଓ ନୀତି ସମୟରେ ପରଦା ପଡ଼ି ରହୁଥିଲେ ମଧ୍ୟ ଭକ୍ତମାନେ ବାହାରେ ବସି ନିୟମିତ ଭାବେ ଆଳତି ଓ ଦର୍ଶନର ସୌଭାଗ୍ୟ ଲାଭ କରିଥାନ୍ତି।



ମହାନଦୀର ନୀଳରାଶି ଏବଂ ରୁଚିକା ପାହାଡ଼ ଶାନ୍ତ ପରିବେଶରେ ବିରାଜମାନ ମା’ ଚର୍ଚ୍ଚିକା। ଏହି ମନ୍ଦିର କଟକ ଜିଲ୍ଲା ବାଙ୍କୀର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର। ପର୍ଶୁରାମଙ୍କ ଦ୍ୱାରା ସ୍ଥାପିତ ଏହି ଶାକ୍ତ ପୀଠ ଉତ୍କଳୀୟ ସ୍ଥାପତ୍ୟ ଓ ତନ୍ତ୍ର ସାଧନାର ଜୀବନ୍ତ ସ୍ମାରକୀ।

ଆବିର୍ଭାବ, ପୌରାଣିକ କିମ୍ବଦନ୍ତୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଭଗବାନ୍ ପର୍ଶୁରାମ ରୁଚିକା ପର୍ବତରେ ମା’ଙ୍କ ସିଦ୍ଧିପ୍ରାପ୍ତ ପାଇଁ ତପସ୍ୟା କରିଥିଲେ। ପ୍ରତିମୂର୍ତ୍ତି ଆଙ୍କି ପାରିଲେ ମୁଁ ବରଦାନ ଦେବି ବୋଲି ମା’ତାଙ୍କୁ କହିଥିଲେ। ପର୍ଶୁରାମ ସର ମୁନରେ ପଥରରେ ମା’ଙ୍କୁ ଆଙ୍କି ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ସ୍ୱପ୍ନାଦେଶ କ୍ରମେ ରାଜା ମନ୍ଦିର ନିର୍ମାଣ କଲେ। ଯାହାକି ଚର୍ଚ୍ଚିକା ପୀଠ ନାମରେ ସର୍ବତ୍ର ବିଦିତ। ମା’ ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ଆଡ଼ମ୍ବର ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଥାଏ।

ଘଟସ୍ଥାପନ ଓ ରାଜଗୁରୁଙ୍କ ବରଣ

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ (ମୂଳାଷ୍ଟମୀ) ଦିନଠାରୁ ଏହି ପୂଜା ଆରମ୍ଭ ହୋଇଥାଏ। ପରମ୍ପରା ମୁତାବକ, ପ୍ରଥମେ ରାଜଗୁରୁ ମନ୍ଦିରକୁ ଆସି ପ୍ରଦୀପ ପ୍ରଜ୍ୱଳନ କରନ୍ତି। ଏହାପରେ ବାଙ୍କୀ ରାଜାଙ୍କ ପ୍ରତିନିଧି ଭାବେ ତାଙ୍କଠାରୁ ଗୁଆ-ଚାଉଳ ବରଣ ଆଣିବା ପରେ ମନ୍ଦିରରେ ବିଧିବଦ୍ଧ ଭାବେ ଘଟସ୍ଥାପନ କରାଯାଏ ଏବଂ ‘ସହସ୍ରାକୁମ୍ଭାଭିଷେକ’ ସମ୍ପନ୍ନ ହୋଇ ଷୋଳ ଉପଚାର ପୂଜା ଆରମ୍ଭ ହୁଏ।

ନୀତିକାନ୍ତି ଓ ସ୍ୱତନ୍ତ୍ର ମାର୍ଜନା

ପ୍ରତ୍ୟୁଷରୁ ପାଳିଆ ଓ ମାଜଣା-ମେକାପ ସେବାୟତମାନେ ଦ୍ୱାର ଫିଟାଇ ଚନ୍ଦନ ଓ କର୍ପୂର ଜଳରେ ମୁଖ ପ୍ରକ୍ଷାଳନ, ଦନ୍ତଧାବନ ଓ ମଙ୍ଗଳ ଆଳତି କରନ୍ତି। ଏହାପରେ ମହାନଦୀରୁ ଅଣାଯାଇଥିବା ୧୦୮ କଳସ ଜଳରେ ମା’ଙ୍କର ମାର୍ଜନା ସମ୍ପନ୍ନ ହୁଏ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ମା’ଙ୍କୁ ବଲ୍ଲଭ ଭୋଗ ଲାଗି କରାଯାଏ। ଦିନରେ ଚଣ୍ଡୀପାଠ ଓ ରାମାୟଣ ପଠନ ସହ କିଛି ସମୟ ସାହାଣମେଳା ହୋଇଥାଏ।

> “ଷୋଳଦିନାତ୍ମକ ପୂଜା ଓ ରୀତିନୀତି ଉତ୍ତର-ଭାରତ ନବରାତ୍ର ପୂଜାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଉତ୍କଳୀୟ ଶାକ୍ତ ପରମ୍ପରା ଅନୁସାରେ ଏହି ପୀଠରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ନିଷ୍ଠାର ସହ ‘ଷୋଳଦିନାତ୍ମକ ପୂଜା’ ପାଳିତ ହୋଇଥାଏ।”
>
> - ସୁଧୀର କୁମାର ରଣା, ସେବାୟତ

ଭୋଗ ଏବଂ ଭିନ୍ନତା

ପ୍ରଥମ ଭୋଗରେ ସାଧାରଣ ଦିନଗୁଡ଼ିକରେ ଖେଚୁଡ଼ି-ଡାଲ୍‌ମା ଭୋଗ ଲାଗୁଥିଲେ ହେଁ, ଷୋଳପୂଜାରେ ପ୍ରାୟ ୧୦:୩୦ ରୁ ୧୧:୦୦ ଟା ମଧ୍ୟରେ ଅଟା, ଗୁଡ଼, ନଡ଼ିଆ ପୁର ପ୍ରସ୍ତୁତ ‘ମାଣ୍ଡୁଅ’ ପିଠା, ଗଜାମୁଗ ଓ ଆଖୁ ଭୋଗ ଲାଗେ। ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ଡାଲ୍‌ମା, ଖଟା, ଶାଗ, ଖିରି, ଘିଅଅନ୍ନ, ଟେଳାଅନ୍ନ ଏବଂ ତମ୍ବା ପାତ୍ରରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ‘ମାଛ ଭୋଗ’ ଲାଗି କରାଯାଏ, ଯାହା ଶାକ୍ତ ପରମ୍ପରାର ଏକ ପ୍ରମୁଖ ଅଙ୍ଗ।

ଆସ୍ଥା, ଐତିହ୍ୟ ଓ ପରମ୍ପରାର ଅପୂର୍ବ ସଙ୍ଗମ

ମା’ କୀଚକେଶ୍ୱରୀ ପୀଠ

▪ ମନୋଜ ପଣ୍ଡା

ମାନସିକ ପୂରଣ ପାଇଁ ‘ମଣ୍ଡା ଚଢ଼ା’

ମା’ କୀଚକେଶ୍ୱରୀଙ୍କ ପୀଠରେ ଫୁଲ ଓ ବେଲପତ୍ରର ମଣ୍ଡା ଏକ ଅତ୍ୟନ୍ତ ରହସ୍ୟମୟ, ଦୁର୍ଲଭ ଏବଂ ପବିତ୍ର ତାନ୍ତ୍ରିକ ଉପଚାର। ଏହାକୁ ମା’ଙ୍କର ମୁଖ୍ୟ ପୂଜକ ସ୍ୱତନ୍ତ୍ର ଭାବେ ତାଜା ଫୁଲ ଏବଂ ଶୁଦ୍ଧ ବେଲପତ୍ରକୁ ଏକାଠି କରି ମଣ୍ଡା ଆକାରରେ ପ୍ରସ୍ତୁତ କରନ୍ତି। କେତେକ ବିଶେଷ ଗୁପ୍ତ ନୀତିରେ ଏହା ମଧ୍ୟରେ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ଓ ଚନ୍ଦନ ମଧ୍ୟ ଦିଆଯାଏ। ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ଉପବାସ ରହି ଫୁଲ ଓ ବେଲପତ୍ରରେ ନିର୍ମିତ ଗୋଲାକାର ମଣ୍ଡା ମା’ଙ୍କୁ ଚଢ଼ାଇ ଦଣ୍ଡବତ ପ୍ରଣାମ କରନ୍ତି। ମଣ୍ଡା ଆପେ ଆପେ ନ ଖସିବା ପର୍ଯ୍ୟନ୍ତ ଭକ୍ତ ସେହିପରି ପ୍ରଣତ ରହିବା ଏଠାକାର ଏକ ନିଆରା ବିଶ୍ୱାସ।

କଳାମୁଗୁନି ପଥରରେ ଭଞ୍ଜବଂଶର କଳାଭାସ୍କର୍ଯ୍ୟ

କୀଚକେଶ୍ୱରୀ ମନ୍ଦିର ଓଡ଼ିଶାର ଏକ ପ୍ରସିଦ୍ଧ ଶକ୍ତିପୀଠ। ଏହା ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଠାରେ ଅବସ୍ଥିତ। ଏହି ମନ୍ଦିରର ମୁଖ୍ୟ ଆରାଧ୍ୟ ଦେବୀ ହେଉଛନ୍ତି ମା’ କୀଚକେଶ୍ୱରୀ। ପୂର୍ବତନ ଭଞ୍ଜବଂଶୀୟ ରାଜାମାନଙ୍କର କୁଳଦେବୀ ଥିଲେ କୀଚକେଶ୍ୱରୀ। କଳାମୁଗୁନି ପଥରର ଅପୂର୍ବ କାରୁକାର୍ଯ୍ୟ, ହଜାରେ ବର୍ଷର ଇତିହାସ ଏବଂ ଭଞ୍ଜ ରାଜପରମ୍ପରାର ଅନନ୍ୟ ସମନ୍ୱୟ ଏହି ପୀଠକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଏହାର କଳାକୃତି ଓ ଭାସ୍କର୍ଯ୍ୟ କଳିଙ୍ଗ ସ୍ଥାପତ୍ୟ କଳାର ଏକ ଶ୍ରେଷ୍ଠ ନିଦର୍ଶନ।

ଶାରଦୀୟ ଦୁର୍ଗାପୂଜାରେ ସ୍ୱତନ୍ତ୍ର ନୀତି

ମହାଷ୍ଟମୀ ଓ ମହାନବମୀ ତିଥିରେ ଏଠାରେ ସମ୍ପୂର୍ଣ୍ଣ ରାଜକୀୟ ଠାଣିରେ ପୂଜା ଅନୁଷ୍ଠିତ ହୁଏ। ପରମ୍ପରା ଅନୁଯାୟୀ, ମୟୂରଭଞ୍ଜର ରାଜପରିବାର ତରଫରୁ ଆଜି ବି ଦେବୀଙ୍କ ନିକଟକୁ ସ୍ୱତନ୍ତ୍ର ପୂଜା ସାମଗ୍ରୀ ପଠାଯାଇଥାଏ।

ନବମ ଶତାବ୍ଦୀର କୀର୍ତ୍ତିରାଜି ଓ ପୁନରୁଦ୍ଧାରର ଇତିହାସ

ଐତିହାସିକ ତଥ୍ୟ ଅନୁସାରେ, ନବମ-ଦଶମ ଶତାବ୍ଦୀରେ ଭଞ୍ଜ ରାଜବଂଶର ରାଜା ରାୟ ଭଞ୍ଜଙ୍କ ଆଦେଶକ୍ରମେ ମୁଖ୍ୟ ଶିଳ୍ପୀ ଧରିଣୀ ବରାହ ଏହି ଅନନ୍ୟ ମନ୍ଦିର ନିର୍ମାଣ କରିଥିଲେ। ଖିଚିଂ ପୂର୍ବେ ‘ଖିଜିଙ୍ଗ କୋଟ’ ନାମରେ ପରିଚିତ ଥିଲା ଏବଂ ପ୍ରାୟ ୧୬ ବର୍ଗ ମାଇଲ ପରିମିତ ଅଞ୍ଚଳରେ ଏହା ଭଞ୍ଜ ରାଜାମାନଙ୍କ ରାଜଧାନୀ ଭାବେ ଶୋଭା ପାଉଥିଲା। କାଳକ୍ରମେ ମୂଳ ମନ୍ଦିର ଭଗ୍ନସ୍ତୂପରେ ପରିଣତ ହେବା ପରେ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ (୧୯୨୦) ଏହାର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପୁରାତନ ଭଗ୍ନାବଶେଷ ଓ ପ୍ରାଚୀନ କାରୁକାର୍ଯ୍ୟକୁ ଏକତ୍ର କରି ୧୯୩୪ରୁ ୧୯୪୨ ମଧ୍ୟରେ ମନ୍ଦିରର ପୁନର୍ନିର୍ମାଣ କରାଇ ଏହାର ମୂଳ ଗାରିମାକୁ ଫେରାଇ ଆଣିଥିଲେ।

ତନ୍ତ୍ର ସାଧନା ଓ ନିଆରା ପୂଜାନୀତି

ମା’ କୀଚକେଶ୍ୱରୀ ଦେବୀ ଚାମୁଣ୍ଡା ସ୍ୱରୂପରେ ପୂଜିତା। ଦୁର୍ଗାପୂଜା ସମୟରେ ରାଜକୀୟ ଅସ୍ତ୍ର ଭଣ୍ଡାରରୁ ପାରମ୍ପରିକ ଖଣ୍ଡା ଓ ଅସ୍ତ୍ରଶସ୍ତ୍ରକୁ ବାଜା ବଜାଇ ମା’ଙ୍କ ସମ୍ମୁଖକୁ ଅଣାଯାଇ ସ୍ଥାପନ କରାଯାଏ। ମନ୍ଦିରର ସେବାୟତମାନେ ଏହି ନୀତିକାନ୍ତି ସମ୍ପାଦନ କରନ୍ତି। ସନ୍ଧ୍ୟା ଆଳତୀ ପରେ ମହାସ୍ନାନ, ରାତ୍ରିରେ ଷୋଡ଼ଶ ଉପଚାର ପୂଜା, ବେଲବରଣୀ, ନିଶାପୂଜା, ନବପତ୍ରିକା ଓ ନବମାତୃକା ପୂଜା ଅନୁଷ୍ଠିତ ହୁଏ। ମା’ଙ୍କ ନିକଟରେ ଖେଚୁଡ଼ି, କ୍ଷୀରି, ଡାଲି ଓ ବିଭିନ୍ନ ବ୍ୟଞ୍ଜନ ସହିତ ପାରମ୍ପରିକ ରୀତିରେ ମାଛ ଓ ସୋମରସ (ସୁରା) ଭୋଗ ଲାଗିଥାଏ। ପୂର୍ବରୁ ପ୍ରଚଳିତ ପଶୁବଳି ପ୍ରଥା ପ୍ରଶାସନ ଦ୍ୱାରା ବନ୍ଦ ହୋଇସାରିଛି। ବିଜୟାଦଶମୀରେ କରଞ୍ଜିଆ ଉପଜିଲ୍ଲାପାଳ ଶ୍ରୀରାମଙ୍କ ଭୂମିକା ନିର୍ବାହ କରି ରାବଣ ପୋଡ଼ି ସମ୍ପନ୍ନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି।

ମା’ ଭଟ୍ଟାରିକା

▪ ରାଜକିଶୋର ବେହେରା, ନବ କିଶୋର ପଣ୍ଡା

କଟକର ପ୍ରାଚୀନ ଶକ୍ତିପୀଠ ମଧ୍ୟରୁ ମା’ ଭଟ୍ଟାରିକା ପୀଠ ଅନ୍ୟତମ। ମା’ ଭଟ୍ଟାରିକା ହେଉଛନ୍ତି ମହାନଦୀ କୂଳର ଅଧିଷ୍ଠାତ୍ରୀ ଓ ସ୍ଥାନୀୟ ନାବିକ ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କର ଆରାଧ୍ୟା ଦେବୀ। ପୁରାଣକାଳରୁ ଏକ ବିଶ୍ୱାସ ରହିଛି ଯେ, ମହାନଦୀରେ ଯାତ୍ରା କରିବା ପୂର୍ବରୁ ନାବିକମାନେ ମାଆଙ୍କ ଆୟୁଧ ଏବଂ ମୂର୍ତ୍ତି ଦର୍ଶନ କରି ନିଜର ନୌ-ଯାତ୍ରା ନିର୍ଘଣ୍ଟ କରନ୍ତି। ମା’ ଙ୍କ ପୀଠରେ ଉଭା ଯାତ୍ରା ଏବଂ ଆୟୁଧ ଯାତ୍ରା ସମୟରେ ମହାନଦୀ ଗର୍ଭ ଓ ମନ୍ଦିର ପରିସର ‘ଜୟ ମାଆ ଭଟ୍ଟାରିକା’ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠେ। ପୀଠ କେବଳ ଏକ ଧର୍ମପୀଠ ନୁହେଁ, ବରଂ ଓଡ଼ିଶାର ସନାତନ ସଂସ୍କୃତି ଓ ଲୋକକଳାର ଏକ ପ୍ରମୁଖ ସଂଗମ ସ୍ଥଳ।

‘ଭଟ୍ଟାରିକା’ ନାମକରଣର ରହସ୍ୟ

‘ଭଟ୍ଟାରିକା’ ଶବ୍ଦର ଅର୍ଥ ହେଉଛି ‘ଉଦ୍ଧାରକାରିଣୀ’ ବା ‘ଯିଏ ବିପଦରୁ ରକ୍ଷା କରନ୍ତି’। ବିଶ୍ୱାସ ରହିଛି ଯେ, ଯେଉଁ ଭକ୍ତ କଠିନ ପରିସ୍ଥିତିରେ ବା ଶତ୍ରୁର ଭୟରେ ମାଆଙ୍କ ଶରଣ ପଶେ, ମାଆ ଦିବ୍ୟ ଆୟୁଧ ଧାରଣ କରି ତାକୁ ସମସ୍ତ ବିପଦରୁ ରକ୍ଷା କରିଥାଆନ୍ତି।

ପୌରାଣିକ ପୃଷ୍ଠଭୂମି ଓ ପର୍ଶୁରାମଙ୍କ କାହାଣୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ମାଆ ଭଟ୍ଟାରିକାଙ୍କ ଏହି ପବିତ୍ର ପୀଠ ସହିତ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ମହର୍ଷି ପର୍ଶୁରାମଙ୍କର ଗଭୀର ସମ୍ପୃକ୍ତି ରହିଛି। କୁହାଯାଏ ଯେ, ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ପର୍ଶୁରାମ ସହସ୍ରାର୍ଜୁନଙ୍କ ସହ ଯୁଦ୍ଧରେ ପରାସ୍ତ ହେବାର ଆଶା କରି ଆଦ୍ୟାଶକ୍ତି ମା’ ଦୁର୍ଗାଙ୍କୁ ଆରାଧନା କରିଥିଲେ। ମା’ଙ୍କ କୃପାରୁ ପର୍ଶୁରାମ ଦିବ୍ୟ ଅସ୍ତ୍ରଶସ୍ତ୍ର ବା ଆୟୁଧ ପ୍ରାପ୍ତ କରିଥିଲେ। ଯେଉଁ ଅସ୍ତ୍ର ବଳରେ ସେ ଅଧର୍ମକୁ ବିନାଶ କରିଥିଲେ। ତେବେ ସେହି ଦିବ୍ୟ ଆୟୁଧ ପୂଜାକୁ ସ୍ମରଣ କରି ଏଠାରେ ଆୟୁଧ ଯାତ୍ରା ପାଳନ କରାଯାଏ।

ଷୋଳଦିନିଆ ଯାତ୍ରା ଏବଂ ପୂଜାବିଧି

ଷୋଳଦିନିଆ ଯାତ୍ରାର ପ୍ରଥମ ଦିନରେ ବିଧିବଦ୍ଧ ଭାବରେ ଘଟ ସ୍ଥାପନ କରାଯାଇ ମା’ଙ୍କୁ ଆବାହନ କରାଯାଏ। ଏହି ସମୟରେ ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ପୂଜାର୍ଚ୍ଚନା ଆରମ୍ଭ ହୁଏ। ସମ୍ପୂର୍ଣ୍ଣ ଷୋଳ ଦିନ ଧରି ଦୈନନ୍ଦିନ ନୀତିରେ ମା’ଙ୍କୁ ଷୋଡ଼ଷ ଉପଚାରରେ ପୂଜା କରାଯାଏ। ମନ୍ଦିର ପରିସରରେ ନିୟମିତ ଭାବରେ ଚଣ୍ଡୀପାଠ ଏବଂ ମାର୍କଣ୍ଡେୟ ପୁରାଣ ପାଠ କରାଯାଏ। ସେହିପରି ପ୍ରତିଦିନ ପ୍ରାତଃକାଳରେ ମା’ଙ୍କ ବିଗ୍ରହରେ ସ୍ନାନ ଓ ମାର୍ଜନା ନୀତି ସମ୍ପାଦିତ ହେବା ପରେ ନୂତନ ବସ୍ତ୍ର ଓ ଅଳଙ୍କାରରେ ମା’ଙ୍କୁ ସଜ୍ଜିତ କରାଯାଏ। ମା’ଙ୍କୁ ଦିନକୁ ବିଭିନ୍ନ ପର୍ଯ୍ୟାୟରେ ଯଥା- ବାଳଭୋଗ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଆଳତି ସମୟରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଭୋଗ ଏବଂ ମିଷ୍ଟାନ୍ନ ଲାଗି କରାଯାଏ। ସନ୍ଧ୍ୟା ସମୟରେ ବିଶେଷ ଆଳତି ଅନୁଷ୍ଠିତ ହୁଏ। ଏହି ସମୟରେ ଘଣ୍ଟ, ଘଣ୍ଟା, କାହାଳୀ ଏବଂ ଶଙ୍ଖ ନାଦରେ ମନ୍ଦିର ପ୍ରକମ୍ପିତ ହୋଇ ଉଠେ। ଷୋଳ ଦିନର ଶେଷ ପର୍ଯ୍ୟାୟରେ ଯଜ୍ଞର ପୂର୍ଣ୍ଣାହୁତି ଏବଂ ବିଧି ଅନୁଯାୟୀ ଯାତ୍ରା ଉଦ୍‌ଯାପିତ ହୋଇଥାଏ।

ମା’ଙ୍କ ପୀଠରେ ଆଶ୍ୱିନ ମାସରେ ଶାରଦୀୟ ଷୋଡ଼ଶ ଦିବସୀୟ ଦଶହରା ପର୍ବ ପାଳନ କରାଯାଏ। ଶାସ୍ତ୍ରୀୟ ମତରେ ଏହାକୁ ଶାରଦୀୟ ନବରାତ୍ରୀ ପୂଜା କୁହାଯାଇଥାଏ। ଆଶ୍ୱିନ ମାସର ଦ୍ୱିତୀୟ ଦିନରୁ ସଶାଙ୍ଗା ଗ୍ରାମରେ ଥିବା ମା’ଙ୍କ ଗନ୍ତାଘରରୁ ମା’ଙ୍କ ଆୟୁଧ ଶୋଭାଯାତ୍ରାରେ ନିଆଯାଏ। ରାଜା ଦାନ କରିଥିବା ସୁନାରୂପା ଅଳଙ୍କାରରେ ମା’ ଙ୍କୁ ଶୃଙ୍ଗାର କରାଯାଇ ଦିନକୁ ୮ ଥର ପୂଜା କରାଯାଏ। ପ୍ରଥମେ ଏହି ଯାତ୍ରା ୩ ଦିନ ଧରି ଆୟୋଜିତ ହୋଇଥାଏ। ଏହି ଯାତ୍ରାକୁ ସୁନ୍ଦର କରିବା ପାଇଁ ଭଟ୍ଟାରିକା ମହୋତ୍ସବ ବର୍ତ୍ତମାନ ୨୫ବର୍ଷ ପାଳନ କରିବାକୁ ଯାଇଛି।

ଦଶହରା ଓ ଆୟୁଧ ଯାତ୍ରା

ଦଶହରା ଓ ଆୟୁଧ ଯାତ୍ରା ସମୟରେ ମା’ଙ୍କ ସ୍ୱତନ୍ତ୍ର ପାରମ୍ପରିକ ତୀର, ଧନୁ, ପାଶ, ଅଙ୍କୁଶ ଇତ୍ୟାଦିକୁ ଗର୍ଭଗୃହରୁ ବାହାର କରାଯାଇ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ। ଅନ୍ୟପକ୍ଷରେ ପୀଠର ବଡ଼ ବିଶେଷତ୍ୱ ହେଉଛି ଏଠାରେ ଦୁର୍ଗା ଓ ମାଧବଙ୍କର ମିଳିତ ପୂଜା କରାଯାଏ। ଆୟୁଧ ଯାତ୍ରା ସମୟରେ ଏକ ଅପୂର୍ବ ଶାନ୍ତି ଓ ଭକ୍ତିର ବାତାବରଣ ସୃଷ୍ଟି ହୁଏ।

ଶୁବମନ, ଶେଫାଳି ସେପ୍ଟେମ୍ବରର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୩।୧୦ (ଏଜେନ୍ସି): ଦୁଇ ଭାରତୀୟ ଖେଳାଳି ଶୁବମନ ଗିଲ୍ ଓ ଶେଫାଳି ବର୍ମା ସେପ୍ଟେମ୍ବର ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି। ଗିଲ୍ ତାଙ୍କ କ୍ୟାରିୟରରେ ୫ମଥର ଲାଗି ଆଇସିସି'ର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ ଲାଗି ଗିଲ୍‌କୁ ଏହି ପୁରସ୍କାର ମିଳିଛି। ପ୍ରଥମ ଦିନିକିଆରେ ଗିଲ୍ ଅପରାଜିତ ୧୧୦ ରନ କରିଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ୨୨୩ ରନର ଅପରାଜିତ ଦ୍ୱି-ଶତକୀୟ ପାଳି ଖେଳିଥିଲେ। ସିରିଜରେ ସେ ମୋଟ୍ ୩୩୪ ରନ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। ଏହି ପ୍ରଦର୍ଶନ ଆଧାରରେ ଗିଲ୍‌ଙ୍କୁ ସେପ୍ଟେମ୍ବରର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ କରାଯାଇଛି। ସେହିଭଳି ଭାରତୀୟ ମହିଳା ଦଳକୁ ଏସିଆନ ଗେମ୍ସରେ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶେଫାଳି। ଏସିଆନ ଗେମ୍ସର ୫ଟି ଇନିଂସରେ ସେ ୨୩୬ ରନ କରିଥିଲେ। ଯେଉଁଥିରେ ୟୁଏଇ ବିପକ୍ଷରେ ୧୮୮ ରନର ମାରାଥନ ଇନିଂସ ସାମିଲ ରହିଛି।

ଯୁବରାଜ କ୍ୟାପିଟାଲ୍ସର ବ୍ୟାଟିଂ କୋଚ୍

ଡର୍ବାନ, ୧୩।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୭ ସଂସ୍କରଣ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବତନ ମହାନ ଅଲ୍‌ରାଉଣ୍ଡର ଯୁବରାଜ ସିଂହଙ୍କୁ କ୍ୟାପିଟାଲ୍ସ ସହାୟକ ତଥା ବ୍ୟାଟିଂ କୋଚ୍ ଭାବରେ ନିଯୁକ୍ତ କରିଛି। ପ୍ରଶିକ୍ଷକ ଭାବରେ ଏହା ଯୁବରାଜଙ୍କ ଏହା ପ୍ରଥମ କାର୍ଯ୍ୟ ହେବ। ମୁଖ୍ୟ କୋଚ୍ ସୌରଭ ଗାଙ୍ଗୁଲିଙ୍କ ସହ ମିଶିକି ଯୁବରାଜ ଏବେ କ୍ୟାପିଟାଲ୍ସ ଦଳକୁ ପ୍ରଶିକ୍ଷଣ ଦେବେ। ଉଲ୍ଲେଖଯୋଗ୍ୟ ୪୪ ବର୍ଷୀୟ ଯୁବରାଜଙ୍କ ଏହା ଦିଲ୍ଲୀ ଫ୍ରାଞ୍ଚାଇଜକୁ ପ୍ରତ୍ୟାବର୍ତ୍ତନ ହୋଇଥିବା କୁହାଯାଉଛି। ଏଥିପୂର୍ବରୁ ୨୦୧୫ ଆଇପିଏଲ୍‌ରେ ଜଣେ ଖେଳାଳି ଭାବେ ସେ ଦିଲ୍ଲୀ ପାଇଁ ଖେଳିଥିଲେ। ସେତେବେଳେ ଦିଲ୍ଲୀ ଡେୟାରଡେଭିଲ୍ସ ନାମରେ ନାମିତ ଏହି ଫ୍ରାଞ୍ଚାଇଜ ଯୁବରାଜଙ୍କୁ ୧୬ କୋଟି ଟଙ୍କାରେ କ୍ରୟ କରିଥିଲା।

ଡର୍ବାନରେ ଅଷ୍ଟ୍ରେଲିଆର ବାଜିମାତ୍

ଡର୍ବାନ, ୧୩।୧୦ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୧୪ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୪୨୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା। ଆଇଡେନ ମାର୍କରମ ୭୫ ରନ କରି କିଛି ସମୟ ପାଇଁ ଲଢ଼େଇ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ବୋଲର ଜୋଶ ହାଜଲେଉଡ୍ ୪୯ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ମିଳିଥିଲା। ଟେଷ୍ଟରେ ମଧ୍ୟ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ପୂର୍ବରୁ ମ୍ୟାଚର ପ୍ରଥମ ପାଳିରେ ଅଷ୍ଟ୍ରେଲିଆର ୩୯୦ ରନ ଜବାବରେ ଦକ୍ଷିଣ ଆଫ୍ରିକା ୨୮୪ ରନ କରିଥିଲା। ୧୦୬ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୬ ୱିକେଟରେ ୩୧୪ ରନ କରି ପାଳି ଘୋଷଣା କରିଥିଲା। ତିନି ମ୍ୟାଚବିଶିଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଅକ୍ଟୋବର ୧୮ ରୁ ଆରମ୍ଭ ହେବ।

ହାଇଦରାବାଦ୍‌ରେ ଆଜି ଚତୁର୍ଥ ଟି-୨୦

ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ହାଇଦରାବାଦ୍,୧୩।୧୦(ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ଚାଲିଥିବା ସୀମିତ ଓଭର (ଦିନିକିଆ ଓ ଟି-୨୦) କ୍ରିକେଟ ସିରିଜ୍‌ରେ ବ୍ୟାଟର ବେଶ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ସିରିଜ୍‌ରେ ଏଯାଏ ଖେଳାଯାଇଥିବା ୬ଟି ମୁକାବିଲାରୁ କେବଳ ଗୋଟିଏ ମ୍ୟାଚ୍‌ରେ ଟିମ୍ ସ୍କୋର ଡିଫେଣ୍ଡ କରିପାରିଛି। ତାହା ହେଉଛି ଇନ୍ଦୋରରେ ଖେଳାଯାଇଥିବା ତୃତୀୟ ଟି-୨୦ ମୁକାବିଲାରେ। ଏଠାରେ ମ୍ୟାଚ୍ ଜିତି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ହାଇଦରାବାଦର ଉପ୍ପଲ ଷ୍ଟାଡିୟମ୍‌ରେ ଚତୁର୍ଥ ଟି-୨୦ ମୁକାବିଲା ହେବାକୁ ଯାଉଛି। ଏହି ମୁକାବିଲା ଜିତି ଭାରତ ଆଗୁଆ ସିରିଜ୍ ଜିତିବା ଲକ୍ଷ୍ୟରେ ରହିଛି। ଭାରତରେ ଖେଳାଯାଉଥିବା ପିଚ୍ ମଧ୍ୟରୁ ବ୍ୟାଟରଙ୍କୁ ସହାୟତା ଦେଉଥିବା ପିଚ୍ ମଧ୍ୟରେ ହାଇଦରାବାଦ ଅନ୍ୟତମ। ଭାରତରେ ୮ଟି ସର୍ବାଧିକ ଟି-୨୦ ସ୍କୋର ମଧ୍ୟରୁ ଏଠାରେ ଅଧା ବା ୪ଟି ସ୍କୋର ଏହି ତାଲିକାରେ ରହିଛି। କିନ୍ତୁ ଏହି ପିଚ୍ ଯେ ବ୍ୟାଟରଙ୍କୁ ସୁହାଇବ ତାହା ମଧ୍ୟ କହିହେଉନାହିଁ। ଏହାର କାରଣ ହେଲା ନିକଟରେ ନୂଆ ପିଚ୍ ତିଆରି ହୋଇଛି। ଏହି ପିଚ୍ କିପରି ବ୍ୟବହାର କରିବା ତାହା କେହି ଜାଣିନାହାନ୍ତି। ଏଠାରେ ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ସନ୍‌ରାଇଜର୍ସ ହାଇଦରାବାଦର ଅଭିଷେକ ଶର୍ମା, ଇଶାନ କିଶାନ ଓ ନୀତୀଶ କୁମାର ରେଡ୍ଡୀଙ୍କ ସହ ସ୍ଥାନୀୟ ଖେଳାଳି ତଥା ଉପଅଧିନାୟକ ତିଳକ ବର୍ମାଙ୍କର ପିଚ୍ ଓ ଭେନ୍ୟୁ ଉପରେ ବେଶ ଅଭିଜ୍ଞତା ରହିଛି। ଏଣୁ ଏମାନଙ୍କ ଉପରେ ଭାରତର ଭାଗ୍ୟ ନିର୍ଭର କରୁଛି।

ଚଳିତ ସିରିଜ୍‌ରେ ୬ଟି ସୀମିତ ଓଭର ମ୍ୟାଚ୍ ଖେଳାଯାଇଥିଲାବେଳେ ରନ୍ ଚେଜ୍ କରିଥିବା ଦଳ ୫ଥର ବିଜୟୀ ହୋଇଛନ୍ତି। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରେକର୍ଡ ଅଲଗା। ଏଠାରେ ଗତ ସିଜନରେ ଖେଳାଯାଇଥିବା ୮ଟି ମ୍ୟାଚ୍ ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ଟିରେ ବିଜୟ ହାସଲ କରିଛନ୍ତି। ଏହି ସିରିଜ୍‌ରେ ବୋଲରଙ୍କୁ ନିର୍ମମ ପ୍ରହାରର ଶିକାର ହେବାକୁ ପଡୁଥିବାରୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ନିଶ୍ଚିତଭାବେ ରନ୍ ଚେଜ୍ କରିବାକୁ ପସନ୍ଦ କରିବ।

ଇନ୍ଦୋରର ହୋଲକାର ଷ୍ଟାଡିୟମ୍ ପିଚ୍‌ରେ କୌଣସି ବିଶ୍ୱରେକର୍ଡ ନ ହେବା ନିଶ୍ଚିତ ପକ୍ଷେ ଏକ ଉଲ୍ଲେଖନୀୟ କଥା। ଏହି ମ୍ୟାଚ୍‌ରେ ବଲ ଲୋ ରହିବା ଓ ସ୍ଲୋ ହେବା ଫଳରେ ୱେଷ୍ଟଇଣ୍ଡିଜ୍ ଟାର୍ଗେଟ ହାସଲ କରିପାରି ନଥିଲା। ଟାର୍ଗେଟ ହାସଲ କରି ନ ପାରିବାର ଆଉ ଏକ କାରଣ ହେଲା ଅଧିନାୟକ ଶେ ହୋପ୍‌ଙ୍କ ଶୀଘ୍ର ଆଉଟ ହେବା। ଏଠାରେ ମଧ୍ୟ ଭାରତ ମ୍ୟାଚ୍ ଜିତିବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ। ଇନ୍ଦୋରରେ ଖେଳିଥିବା ମ୍ୟାଚ୍‌ରେ ଉଭୟ ଦଳ କୌଣସି ଖେଳାଳି ପରିବର୍ତ୍ତନ କରି ନ ପାରନ୍ତି। ସେଠାରେ ପ୍ରଭାବୀ ସ୍ପିନର କୁଲଦୀପ ଯାଦବଙ୍କୁ ବସାଇ ଜଣେ ପେସର ପ୍ରିନ୍ସ ଯାଦବଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିଥିଲା। ଏଥିରେ ଦଳକୁ ସଫଳତା ମିଳିଥିଲା। ଏଣୁ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। ୱେଷ୍ଟଇଣ୍ଡିଜ୍ ଦଳର ଅଲରାଉଣ୍ଡର ରୋମାରିଓ ସେଫର୍ଡ ଦ୍ୱିତୀୟ ମ୍ୟାଚ୍‌ରେ ଆହତ ହୋଇ ବୋଲିଂ କରି ନ ଥିଲେ ମଧ୍ୟ ବ୍ୟାଟିଂ କରିଥିଲେ। କିନ୍ତୁ ଇନ୍ଦୋରରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳି ନ ଥିଲା। ଫିଟ୍ ଥିଲେ ତାଙ୍କୁ ଏହି ମ୍ୟାଚ୍ ଖେଳାଇବା ନିଶ୍ଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଖେଳ ସମୟ- ରାତି ୭ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।

ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

ଓଡ଼ିଶାରୁ ଅମିତ୍, ଶିଳାନନ୍ଦ ଓ ଅମନଦୀପଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆଗାମୀ ଏସିଆନ ଚାମ୍ପିଅନ୍ସ ଟ୍ରଫି ଲାଗି ମଙ୍ଗଳବାର ଭାରତୀୟ ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ଅମନଦୀପ୍ ଲାକ୍ରା ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଅମିତ୍ ଓ ଶିଳାନନ୍ଦ ନିକଟରେ ଜାପାନରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ। ଅପରପକ୍ଷରେ ଏହି ଚାମ୍ପିଅନ ଦଳରୁ ସୁମିତ, ବିବେକ ସାଗର ଓ ଯଶଦୀପ୍ ସିୱାଚଙ୍କୁ ବାଦ୍ ଦିଆଯାଇଛି। ସେହିଭଳି ପାଖାପାଖି ୧୦ ମାସ ହେବ ଦଳରୁ ଦୂରେଇ ରହିଥିବା ଅଭିଜ୍ଞ ଗୋଲକିପର କ୍ରିଷନ ବାହାଦୁର ପାଠକ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହ ଦ୍ୱିତୀୟ ଗୋଲକିପର ଭାବରେ ସୁରଜ କେରକେରା ଦଳରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୨୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଜଳନ୍ଧର ଓ ମୋହାଲିରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ପ୍ରଥମ ଦିବସରେ ବାଂଲାଦେଶ ସହ ଖେଳି ଅଭିଯାନ ଆରମ୍ଭ କରିବ।

ଅମିତ୍ ରୋହିଦାସ

ଶିଳାନନ୍ଦ ଲାକ୍ରା

ଅମନଦୀପ୍ ଲାକ୍ରା

ଜାତୀୟ ସିନିଅର ପୁରୁଷ ହକି

ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର, ୧୩।୧୦ (ସମିସ): ଉତ୍ତର ପ୍ରଦେଶର ଝାନ୍‌ସୀରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ହକିରେ ଓଡ଼ିଶା ଦଳ ହ୍ୟାଟ୍ରିକ ବିଜୟ ଲାଭ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଓଡ଼ିଶା ୧୦-୧ ଗୋଲ୍‌ରେ ଏକପାଖିଆ ଭାବରେ ଆସାମକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ଅନମୋଲ୍ ଏକ୍କା ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିତିକ ଲାକ୍ରା, ଦୀପକ ମିଞ୍ଜ ୨ଟି ଲେଖାଏ ଏବଂ ପ୍ରସାଦ କୁଜୁର, ଅଜୟ କୁମାର ଏକ୍କା ଓ ସୁଦୀପ ଚିରମାକୋଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୀପସାନ ତିର୍କୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥିପୂର୍ବରୁ ପ୍ରଥମ ଦୁଇଟଇ ମ୍ୟାଚରେ ଯଥାକ୍ରମେ ୧୮-୧ ଗୋଲରେ ଉତ୍ତରାଖଣ୍ଡକୁ ଏବଂ ୯-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଓଡ଼ିଶା ଏବେ ୯ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି।

ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଚାମ୍ପିଅନ

ଭୁବନେଶ୍ୱର,୧୩।୧୦(ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ଚତୁର୍ଥ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ବା ୟୁନିଲାଇଟ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ସୋମବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍ ୪-୧ ଗୋଲରେ କିସ (କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ)କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଏବଂ ରାଜ୍ୟ କ୍ରୀଡ଼ା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂରାତନ ଖେଳାଳି ମକ୍‌ବୁଲ ଅଲି, ଅନ୍ତର୍ଜାତୀୟ ଖେଳାଳି ଶ୍ରାବଣୀ ନନ୍ଦ ଓ ୟୁନିଲାଇଟ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ନବରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା।

ଆଇଏସ୍‌ଏଲ୍‌ରେ ଆଜି ଅଭିଯାନ ଆରମ୍ଭ କରିବ ଓଏଫ୍‌ସି

ଭୁବନେଶ୍ୱର, ୧୩।୧୦ (ସମିସ): ଇଣ୍ଡିଆନ ସୁପର୍ ଲିଗ୍‌ର ୧୩ତମ ସିଜନରେ ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ବୁଧବାର ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ପଞ୍ଜାବ ଏଫ୍‌ସିର ମଧ୍ୟ ଏହା ପ୍ରଥମ ମ୍ୟାଚ୍ ହେବ। ଗତ ସିଜନରେ ପଞ୍ଜାବ ପ୍ରଭାବୀ ପ୍ରଦର୍ଶନ କରି ୧୩ଟି ମ୍ୟାଚରୁ ୨୨ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଥିଲା। ତେଣୁ ଏହି ପ୍ରଦର୍ଶନଠୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ରହିଛି ପଞ୍ଜାବ। ଅପରପକ୍ଷରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଗତ ସିଜନରେ ୧୩ଟି ମ୍ୟାଚରୁ ମାତ୍ର ୧୧ ପଏଣ୍ଟ ପାଇଥିଲା। ଟେବୁଲ ତାଲିକାରେ ଦଳ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଚଳିତ ଆଇଏସଏଲ ପୂର୍ବରୁ ଓଡ଼ିଶା ଏଫ୍‌ସି ଦଳ କୌଣସି ପ୍ରି-ସିଜନ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିନାହିଁ। 'ଅଭ୍ୟାସ ମ୍ୟାଚ୍ ଖେଳି ନ ଥିବାରୁ ଏହା ନିଶ୍ଚିତ ଭାବରେ ଆମକୁ ପ୍ରଭାବିତ କରିବ। ତେବେ ପ୍ରଫେଶନାଲ ଖେଳାଳି ଭାବରେ ଆମେ ଏହି ପରିସ୍ଥିତିକୁ ଖାପଖୁଆଇ ନେବୁ' ବୋଲି ଓଏଫ୍‌ସିର ମୁଖ୍ୟ କୋଚ୍ ଟିଜି ପୁରୁଷୋତ୍ତମ କହିଛନ୍ତି।

ଓଡ଼ିଶା ଏଫ୍‌ସି-ପଞ୍ଜାବ ଏଫ୍‌ସି
ଆରମ୍ଭ: ରାତି ୭ଟା ୩୦, **ସ୍ଥାନ:** ନୂଆଦିଲ୍ଲୀ, **ପ୍ରସାରଣ:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ୍

ଆକାଶ, ଗୌତମ-କାଳୀନାରାୟଣ ଚାମ୍ପିଅନ

ଭୁବନେଶ୍ୱର,୧୩।୧୦(ସମିସ): ଖୋର୍ଦ୍ଧାର ଭି ଆକାଶ ଓ କେ ଭିମାୟାର ଓଡ଼ିଶା ସଚିବାଳୟ ରିକ୍ରିଏସନ କ୍ଲବ୍ ପକ୍ଷରୁ ଆୟୋଜିତ ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତାର ପୁରୁଷ ଏକକରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳରେ ପୁରୀର ଗୌତମ ପ୍ରସାଦ ଭୋଳ ଓ କଳୀନାରାୟଣ ପଟ୍ଟନାୟକ ଚାମ୍ପିଅନ ଓ ଖୋର୍ଦ୍ଧାର ତ୍ରିନାଥ ବେହେରା ଓ ତପନ କୁମାର ସେନାପତି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ରାଜ୍ୟ ସରକାରଙ୍କ ପୂର୍ବତନ ଅତିରିକ୍ତ ଶାସନ ସଚିବ ଚିତ୍ତରଞ୍ଜନ ହୋତା ମୁଖ୍ୟ ଅତିଥି, ନୃସିଂହଚରଣ ପୃଷ୍ଟି ଓ ରଣଜିତ ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ରେଫରୀ ବିଭୂତିଭୂଷଣ ସେନାପତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ରିକ୍ରିଏସନ କ୍ଲବ୍‌ର କାର୍ଯ୍ୟକାରୀ ସଦସ୍ୟ ଡଃ ପ୍ରିୟରଞ୍ଜନ ଷଡଙ୍ଗୀ, ରୋହିତରଞ୍ଜନ ନାୟକ, ବାମନଚରଣ ପ୍ରତିହାରୀ ଓ ରାକେଶ କୁମାର ପଣ୍ଡାଙ୍କ ସହଯୋଗରେ ଏହି ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

ହାଇଦରାବାଦ୍, ୟୁପି ଓ ମୁମ୍ବଇର ଇନିଂସ ବିଜୟ

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫି ୯୨ତମ ସଂସ୍କରଣରେ ପ୍ରଥମ ତିନୋଟି ଦଳ ଭାବରେ ଉତ୍ତର ପ୍ରଦେଶ (ୟୁପି), ମୁମ୍ବଇ ଓ ହାଇଦରାବାଦ୍ ବିଜୟ ସ୍ୱାଦ ଚାଖିଛନ୍ତି। ରାଜଗିରିରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ୟୁପି ପାଳି ଓ ୨୬୭ ରନରେ ଘରୋଇ ବିହାରକୁ ପରାସ୍ତ କରିଛି। ରିଙ୍କୁ ସିଂ (୧୧୨) ଓ ଓପନର୍ ମାଧବ କୌଶିକ (୧୫୦ ରନ) ଶତକୀୟ ପାଳି ଖେଳି ୟୁପିକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ତୁଷାର ଦେଶପାଣ୍ଡେଙ୍କ ୭ ୱିକେଟ ସଫଳତା ବଳରେ ଘରୋଇ ମୁମ୍ବଇ ପାଳି ଓ ୧୫୫ ରନରେ ଛତିଶଗଡ଼କୁ ହରାଇ ବୋନସ ପଏଣ୍ଟ ପାଇଛି। ମହମ୍ମଦ ସିରାଜଙ୍କ ନେତୃତ୍ୱାଧୀନ ହାଇଦରାବାଦ୍ ମଧ୍ୟ ବୋନସ ପଏଣ୍ଟରୁ ଅଭିଯାନ ଆରମ୍ଭ କରିଛି। ଜିମ୍ନଖାନା ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରୁପ୍-ବି'ର ମ୍ୟାଚରେ ଘରୋଇ ହାଇଦରାବାଦ୍ ଏକ ପାଳି ଓ ୪୦ ରନରେ ତ୍ରିପୁରାକୁ ମାତ୍ ଦେଇଛି।

ବାଦଲଙ୍କୁ ୫ ୱିକେଟ; ନିନାଦଙ୍କ ଅର୍ଦ୍ଧଶତକ

ଗୁଜରାଟର ଦମ୍‌ଦାର ପ୍ରଦର୍ଶନ: ବିପଦରେ ଓଡ଼ିଶା

ଭୁବନେଶ୍ୱର,୧୩।୧୦ (ସମିସ)

ଗୁଜରାଟ ଦଳର ଅଲରାଉଣ୍ଡ ସଫଳତା ବଳରେ ଅହମ୍ମଦାବାଦ୍‌ରେ ଚାଲିଥିବା ଏଲିଟ-ସି' ରଣଜୀ ମୁକାବିଲାରେ ଓଡ଼ିଶା ବିପଦରେ ପଡ଼ିଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ହାତରେ ୬ଟି (ଆହତ ଓପନର ସ୍ୱସ୍ତିକ ସାମଲଙ୍କୁ ମିଶାଇ) ୱିକେଟ ବାକିଥାଇ ମାତ୍ର ୪ ରନ୍‌ରେ ଆଗୁଆ ରହିଛି। ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍‌ର ଫଳାଫଳ ବାହାରିବା ନେଇ ଆଶା କରାଯାଉଛି। ଓଡ଼ିଶାର ବ୍ୟାଟରଙ୍କ ଉପରେ ଦଳ ଗୋଟିଏ ପଏଣ୍ଟ ପାଇବ କି ନାହିଁ ତାହା ନିର୍ଭର କରୁଛି। କିନ୍ତୁ ଆଜି ଗୁଜରାଟ ଖେଳାଳି ଯେପରି ପ୍ରଦର୍ଶନ କରିଛନ୍ତି, ସେଥିରେ ଏହି ମ୍ୟାଚ୍‌କୁ କୌଣସି ପରିସ୍ଥିତିରେ ହାତଛଡ଼ା କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହାର ଅର୍ଥ ଏହି ମ୍ୟାଚ୍‌ରୁ ଗୁଜରାଟ ପୂରାପଏଣ୍ଟ ହାତେଇବା ଚକ୍କରରେ ରହିଛି। ଓଡ଼ିଶା ଯଦି ମ୍ୟାଚ୍ ଡ୍ର ରଖିବାକୁ ସଫଳ ହୁଏ ତେବେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଗୋଟିଏ ପଏଣ୍ଟ ସଂଗ୍ରହ କରିପାରିବ।

ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୨୪ ରନ୍ ଜବାବରେ ଗୁଜରାଟ ୪୩୯ ରନ୍ କରିଥିଲା। ଦଳ ପକ୍ଷରୁ ଡେବ୍ୟୁଟାଣ୍ଟ ନଂ-୩ ବେଦାନ୍ତ ତ୍ରିବେଦୀ ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ୧୦୮ ରନ୍ କରିଥିଲେ। ଓପନର ଆର୍ଯ୍ୟା ଦେଶାଇ ୯୪, ବିସ୍ଫୋରକ ବ୍ୟାଟର ଉର୍ଭିଲ ପଟେଲ ୬୭ବଲ୍‌ରେ ୪ଚୌକା ଓ ୭ଛକା ସହ ୮୫, ନଂ-୯ରେ ବ୍ୟାଟିଂ କରିଥିବା ଫାଷ୍ଟ ବୋଲର ହର୍ଷଲ ପଟେଲ ୬୦ ଏବଂ ନଂ-୧୦ ଆର୍ଜନ ନାଗସୱାଲା ୨୮ ରନ୍ କରି ଓଡ଼ିଶା ବିପକ୍ଷରେ ଘରୋଇ ଦଳକୁ ୧୧୫ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ କରାଇବାରେ ସଫଳ ହୋଇଥିଲେ। ଓଡ଼ିଶା ପକ୍ଷରୁ ଯୁବ ବାମହାତୀ ସ୍ପିନର ବାଦଲ ବିଶ୍ୱାଳ ୧୧୮ ରନ୍‌ରେ ୫ଟି ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଓଡ଼ିଶା ଏହି ମ୍ୟାଚ୍‌ରେ ଅନ୍ୟତମ ବାମହାତୀ ସ୍ପିନର ସୟଦ ତୁଫେଲ ଅହମ୍ମଦ୍‌ଙ୍କୁ ନ ଖେଳାଇ ଯେଉଁ ତ୍ରୁଟି କରିଛି ତାହା ଫଳାଫଳରୁ ଆସନ୍ତାକାଲି ସ୍ପଷ୍ଟ ହେବ। ଓଡ଼ିଶା ପକ୍ଷରୁ ଦୁଇ ଫାଷ୍ଟ ବୋଲର ରାଜେଶ ମହାନ୍ତି ଓ ଆମଦାନି ବୋଲର ଲଳିତ ଯାଦବ ୨ଟି ଲେଖାଏଁ ୱିକେଟ ପାଇଥିଲେ। ୧୧୫ ରନ୍‌ରେ ପ୍ରଥମ ଇନିଂସ ପଛରେ ଥାଇ ଦ୍ୱିତୀୟ ଇନିଂସ ଖେଳିଥିବା ଓଡ଼ିଶା ପ୍ରତିପକ୍ଷ ଭେଟେରାନ ଫାଷ୍ଟ ବୋଲର ଆର୍ଜନ ନାଗସୱାଲାଙ୍କୁ ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନାଗସୱାଲା ତାଙ୍କ ସ୍ପେଲ୍‌ରେ ଆହତ ସ୍ୱସ୍ତିକଙ୍କ ସ୍ଥାନରେ ଇନିଂସ ଓପନ କରିଥିବା ଓମଟି ମୁଣ୍ଡେ, ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଖାତା ଖୋଲିବାକୁ ନ ଦେଇ ପାଭିଲିୟନ ଫେରାଇଦେଇଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଗୌରବ ଚୌଧୁରୀ (୧୮)ଙ୍କୁ ସେ ତାଙ୍କ ତୃତୀୟ ଶିକାର ବନାଇଥିଲେ। ଓଡ଼ିଶା ୨୪ ରନ୍‌ରେ ୩ଟି ୱିକେଟ ହରାଇବା ପରେ ସନ୍ଦୀପ ପଟ୍ଟନାୟକ ଓ ଆବଦାନୀ ହୋଇଥି ଖେଳୁଥିବା ନିନାଦ ରାଠୱା ଲଢୁଆ ବ୍ୟାଟିଂ କରି ସ୍ଥିତି ସମ୍ଭାଳିଥିଲେ। ଖେଳ ଶେଷ ହେବାକୁ ଆଉ ୪ ଓଭର ବାକିଥିଲାବେଳେ ରାଠୱାଙ୍କୁ ବୋଲ୍ଡ କରି ହର୍ଷଲ ପଟେଲ ଏହି ଯୋଡି ଭାଙ୍ଗିଦେଇଥିଲେ। ରାଠୱା ୫୭ବଲରୁ ୫୩ ରନ୍ କରିବା ସହ ଓଡ଼ିଶା ଲାଗି ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚତୁର୍ଥ ୱିକେଟରେ ସନ୍ଦୀପଙ୍କ ସହ ସେ ୮୯ ରନ୍ ଉଠାଇ ଓଡ଼ିଶାକୁ ଇନିଂସ ପରାଜୟରୁ ଏଡାଇଯାଇଛନ୍ତି। ସନ୍ଦୀପ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୮୨ବଲ୍‌ରୁ ୬ଚୌକା ଓ ୧ଛକା ସହ ୪୧ ଓ ସମ୍ବିତ ବେଜା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଓଡ଼ିଶା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୧୧୯ ରନ୍ କରିଛି।

ବାଦଲ ବିଶ୍ୱାଳ

ନିନାଦ ରାଠୱା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY